

‘ବ୍ୟଙ୍ଗ ପ୍ରମାଦ’

ଓଡ଼ିଶା ଏବେ ପଡୁଛି ଉଠୁଛି
ପାହାଡ଼ପୁରରେ ରାଷ୍ଟ୍ରପତି ଆଉ ମୋଦୀ
ରାଜ୍ୟ ପ୍ରଶାସନ ଗସ୍ତରେ ହୋଇଛି ବାନ୍ଧି
ପ୍ରଶାସନ ଏଠି ଦୁଃଶାସନ ହୁଏ
ଚାମେଲି ନ୍ୟାୟ ମାଗେ କାନ୍ଦି କାନ୍ଦି
ତିନି ମାସ ହେଲା ଭତ୍ତା ମିଳିନାହିଁ
ବୁଢ଼ାବୁଢ଼ି ବଞ୍ଚୁଛନ୍ତି ଭାଗ୍ୟକୁ ନିନ୍ଦି ।।

# ଜନବାର୍ତ୍ତା

## ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

PRGI NO-ORORI/26/A0341 ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ Weekly (ସାପ୍ତାହିକ) www.janabartta.com

| VOL-1 | ISSUE-18 | BHUBANESWAR | 21Jun to 27Jun, 2026 | Rs–8/- | ବର୍ଷ–୧ | ସଂଖ୍ୟା–୧୮ | ଭୁବନେଶ୍ୱର | ୨୧ଜୁନ୍ ରୁ ୨୭ ଜୁନ୍, ୨୦୨୬ | ପୃଷ୍ଠା–୮ | ମୂଲ୍ୟ–୮ଟଙ୍କା |
|---|---|---|---|---|---|---|---|---|---|---|



ADVERTISEMENT TARIFF

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE COVER | RS. 80,000.00 |
| FULL PAGE INNER | RS. 80,000.00 |
| HALF PAGE FR/BK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଅର୍ଥନୀତି ବିଶାରଦମାନଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଛି ଯେ, ଭାରତରେ କୃଷି କ୍ଷେତ୍ରରେ ଯେତିକି ଲୋକ ନିଯୋଜିତ ହେବା ଉଚିତ ତାହା ଠାରୁ ଢେର ଅଧିକ ଲୋକ ନିଯୋଜିତ ହୋଇଛନ୍ତି । ଜନସଂଖ୍ୟାର ପ୍ରାୟ ୫୪% ବ୍ୟକ୍ତି କୃଷି କାର୍ଯ୍ୟରେ ଲିପ୍ତ । ସେମାନଙ୍କ ମତରେ ଏହାକୁ କମାଇ ବଳକା ଲୋକଙ୍କୁ ଶିଳ୍ପ ଆଦି କାର୍ଯ୍ୟରେ ଲଗାଇଲେ ହିଁ ବେକାର ସମସ୍ୟାର ସମାଧାନ ହୋଇପାରିବ । ସେଥିପାଇଁ ‘ମେକ ଇନ୍ ଓଡ଼ିଶା’ ପାଇଁ ସରକାର ମାନଙ୍କର ଏତେ ବ୍ୟଗ୍ରତା । ଶିଳ୍ପ ପ୍ରତିଷ୍ଠା ହୋଇଗଲେ ଲୋକେ ନିଯୁକ୍ତି ପାଇଯିବେ । ଏହି ଧାରଣାକୁ ଜନସାଧାରଣଙ୍କ ମନରେ ରୋପି ଦିଆଯାଇଛି ସତ୍ୟ ନୁହେଁ । କୃଷି ବ୍ୟକ୍ତିଙ୍କୁ ଲକ୍ଷପତି କରାଯାଇ ବିଶ୍ୱାସ ଲୋକଙ୍କ ମନରେ

ଓଡ଼ିଶା ଏକ କୃଷି ପ୍ରଧାନ ବୋଲି ଚିତ୍ରଣ କରାଯାଏ, ଯଦି ବିବେଚନା କରାଯାଏ, ଯଦି ପରିଗଣିତ ନ ହୁଏ ତେବେ ଆଜି ଏହାର ପ୍ରତିଫଳନ ବିଶ୍ଳେଷଣରୁ ଜଣାଯାଏ ଯେ, ମାନଙ୍କର ହାରାହାରି ବୟସ କୃଷକମାନଙ୍କର ପୁଅମାନେ ସେମାନେ ଗାଁ ଛାଡି ସହର କଷ୍ଟକର କାର୍ଯ୍ୟ କଲେ ବା



ବିଜୟ କୁମାର ପଟ୍ଟନାୟକ

। କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଭାବରେ ମାଧ୍ୟମରେ ଯେ, ହଜାର ହଜାର ପାରିବ, ଶିଳ୍ପ ମାଧ୍ୟମରେ ନୁହେଁ, ଏ ସୃଷ୍ଟି କରିବାକୁ ହେବ ।

ରାଜ୍ୟ । ଯଦି କୃଷିକୁ ଏକ ଗୌଣ କାର୍ଯ୍ୟ କୃଷି କାର୍ଯ୍ୟ ମର୍ଯ୍ୟାଦାହୀନ ବୋଲି କୃଷି ଏକ ଲାଭଜନକ କାର୍ଯ୍ୟ ବୋଲି ଯୁବ ସମାଜ ଏଥିରୁ ଦୂରେଇ ଯିବେ । ଦେଖିବାକୁ ମିଳି ସାରିଲାଣି । ଏକ ଆଜିକା ଦିନରେ ଓଡ଼ିଶାରେ କୃଷକ ୪୭ ବର୍ଷ । ଏହାର କାରଣ ହେଲା କୃଷି କାର୍ଯ୍ୟ କରିବାକୁ ବିମୁଖ । ସେଥିପାଇ ଆଡକୁ ମୁହାଇଁଛନ୍ତି । ସହରରେ ଯେତେ ଯେତେ ‘ଛୋଟ’ କାମ କଲେ ମଧ୍ୟ ତାହା ଦେଖିବାକୁ କେହି ନାହିଁ । ନୀତି ଆୟୋଗର ସମୀକ୍ଷା ଅନୁଯାୟୀ, ଓଡ଼ିଶାର କୃଷକ ପରିବାରର ମାସିକ ଆୟ ୫୧୦୦ ଟଙ୍କା ଯେତେବେଳେ କି ସମଗ୍ର ଭାରତ ବର୍ଷର କୃଷକ ପରିବାରର ମାସିକ ଆୟ ୧୦,୨୦୦ ଟଙ୍କା । ଅର୍ଥାତ ଓଡ଼ିଶାର କୃଷକ ମାନଙ୍କର ଆୟ ସମଗ୍ର ଭାରତ ବର୍ଷର କୃଷକମାନଙ୍କ ଆୟର ଅଧା । ୧୯୯୬ ମସିହାରେ ପ୍ରଣୀତ ‘କୃଷି ନୀତି’ ଅନୁଯାୟୀ ସରକାର କୃଷିକୁ ଏକ ଲାଭଜନକ ଓ ସମ୍ମାନଜନକ ବ୍ୟବସାୟରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ । ବିଜେପି ଶାସନାଧୀନ କେନ୍ଦ୍ର ସରକାର ବର୍ତ୍ତମାନ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବାକୁ ଘୋଷଣା କରିଛନ୍ତି । ଅର୍ଥାତ ଓଡ଼ିଶାର କୃଷକମାନଙ୍କୁ ତାଙ୍କର ଆୟ ଚାରିଗୁଣ ବୃଦ୍ଧି କରିବାକୁ ହେବ । ଏ ଅଭିଳାଷଗୁଡ଼ିକ ଦିବାସ୍ୱପ୍ନ ନା ବାସ୍ତବ ତାହା ଆଲୋଚନା କରିବା ଆଜିର ଆଲେଖ୍ୟର ଉଦ୍ଦେଶ୍ୟ ।

ଓଡ଼ିଶାରେ କୃଷି ଆଜି ଏଭଳି ଅବସ୍ଥାରେ କାହିଁକି ଅଛି ତାହାର ଅନେକ କାରଣ ରହିଛି । ଜଳସେଚନଠାରୁ ଆରମ୍ଭ କରି ଜମିଜମାର ସ୍ୱତ୍ୱ ପର୍ଯ୍ୟନ୍ତ, ଭାଗଚାଷୀ ସମସ୍ୟା ଠାରୁ ଆରମ୍ଭ କରି ଟୋକେନ ସମସ୍ୟା ପର୍ଯ୍ୟନ୍ତ – ଏ ସମ୍ପର୍କରେ ଅନେକ ରିପୋର୍ଟ ଲେଖାଯାଇଛି । ସନ୍ଦର୍ଭ ମଧ୍ୟ ଲେଖା ଯାଇଛି । ସେ ସବୁ ସମ୍ପର୍କରେ ଆଲୋଚନା କରିବା ଆଜିର ଉଦ୍ଦେଶ୍ୟ ନୁହେଁ । କିଭଳି ଭାବରେ ଯୁବକ ଯୁବତୀ ମାନଙ୍କୁ ଚାଷ ପ୍ରତି ଆଗ୍ରହୀ କରାଯାଇପାରିବ ତାହା ହିଁ ଆଜିର ଆଲୋଚ୍ୟ ବିଷୟ । ପ୍ରଥମେ କୃଷିକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବାକୁ ହେବ । ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ସ୍ୱଚ୍ଛଳ ଚାଷୀମାନେ ଦାମୀ ଗାଡ଼ିକୁ ନେଇ ଚାଷ ପାଇଁ ଯାଆନ୍ତି । ଦାମୀ ହୋଟେଲରେ ଅତିଥିମାନଙ୍କୁ ଆପ୍ୟାୟିତ କରନ୍ତି । ଚାଷ ସମୟ ବ୍ୟତୀତ ଅନ୍ୟ ସମୟରେ ଦାମୀ ଘଡ଼ି ଓ ପୋଷାକ ପିନ୍ଧନ୍ତି । ତାଙ୍କର ପିଲାମାନଙ୍କୁ ଭଲ ସ୍କୁଲରେ ପଢ଼ାନ୍ତି । ଯଦି ଜଣେ ଚାଷୀ ଏଭଳି ଆରାମଦାୟକ ଜୀବନଯାପନ କରେ, ତେବେ ଯୁବକ ଯୁବତୀ ମାନେ ତାହା ପ୍ରତି ଆକୃଷ୍ଟ ହେବେ ନାହିଁ କାହିଁକି ? ଓଡ଼ିଶାରେ ଆମେ କିଭଳି ତାହା କରାଇପାରିବା ତାହା ହିଁ ଆଲୋଚ୍ୟ । ସୁଖର ବିଷୟ ଯେ, ଓଡ଼ିଶାରେ ଏହାର ଶୁଭାରମ୍ଭ ହୋଇ ସାରିଲାଣି । କେତେକ ସଫ୍ଟୱେୟାର୍ ଇଞ୍ଜିନିୟର, ଇନସୁରାନ୍ସ ମ୍ୟାନେଜର, ବ୍ୟାଙ୍କ ମ୍ୟାନେଜର ଆଦି ପଦସ୍ଥ ବ୍ୟକ୍ତି ନିଜର ଚାକିରି ଛାଡି ଚାଷରେ ମନୋନିବେଶ କଲେଣି । ସେମାନଙ୍କର ସଫଳ କାହାଣି ନିଶ୍ଚିତ ଭାବରେ ଆମର ଯୁବକ ଯୁବତୀ ମାନଙ୍କୁ ପ୍ରେରଣା ଯୋଗାଇବ । ମୁଁ ଏଠାରେ ସେମାନଙ୍କ ମଧ୍ୟରୁ କେତେକଙ୍କର ସଫଳ କାହାଣୀ ଉଲ୍ଲେଖ କରିବାକୁ ଚାହେଁ । ପ୍ରଥମଟି ହେଲା ଜଣେ ମହିଳା ଉଦ୍ୟୋଗୀ ଯିଏକି ଛେଳି ଚାଷ ଆରମ୍ଭ କରିଛନ୍ତି । ତାଙ୍କର ବୈଶିଷ୍ଟ୍ୟ ହେଲା ସେ ଚାଷୀ, ବିଶେଷ କରି ମହିଳାମାନଙ୍କୁ, ଛେଳି ଛୁଆ ଦେଉଛନ୍ତି, ସେମାନଙ୍କର ରକ୍ଷଣାବେକ୍ଷଣ ପାଇଁ ସମସ୍ତ ପ୍ରକାରର ବୈଷୟିକ ଉପଦେଶ ଦେଉଛନ୍ତି । ଛୁଆ ଗୁଡ଼ିକ ବଡ଼ ହୋଇଗଲା ପରେ ସେମାନଙ୍କ ଠାରୁ ସେଗୁଡ଼ିକ କିଣି ନେଉଛନ୍ତି ଏବଂ ତାହାର ବିକ୍ରି ବ୍ୟବସ୍ଥା କରୁଛନ୍ତି । ଏହିପରି ଭାବରେ ସେ ହଜାରେରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଲାଭାନ୍ୱିତ କରିପାରିଛନ୍ତି ଏବଂ ନିଜେ ବ୍ୟାବସାୟିକ ସଫଳତା ପାଇ ପାରିଛନ୍ତି । ଆଉ ଜଣେ ସଫ୍ଟୱେୟାର୍ ଇଞ୍ଜିନିୟର ତାଙ୍କର ଲୋଭନୀୟ ଚାକିରି ଛାଡ଼ି ଆସି ନିଜେ ଗୋଟିଏ ଆମ୍ବ ବଗିଚା କରିଛନ୍ତି । ନିଜର ଆମ୍ବ ସହ ସେ ଅଞ୍ଚଳର ଅନେକ ଆମ୍ବ ଚାଷୀଙ୍କ ଫଳ ଦିଲ୍ଲୀ ତଥା ବିଦେଶରେ ବିକ୍ରି କରିଛନ୍ତି । ଭବିଷ୍ୟତରେ ସେ ଆମ୍ବର ପ୍ରକ୍ରିୟାକରଣ ପାଇଁ ଆଗ୍ରହୀ । ଆଉ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି ତାଙ୍କର ଇନସୁରାନ୍ସ ସାମ୍ରାଜ୍ୟ ଛାଡ଼ି ଫୁଲ ଓ ଫଳ ଚାଷ କରୁଛନ୍ତି । କେବଳ ନିଜ ପାଇଁ ଏ ବ୍ୟବସାୟ ନ କରି ଅନ୍ୟ ମାନଙ୍କ ପାଇଁ ସେମାନଙ୍କର ନିଜ ନିଜ ଜମିରେ କୃଷିଭିତ୍ତିକ ପ୍ରକଳ୍ପମାନ ପ୍ରତିଷ୍ଠା କରାଇଛନ୍ତି । ଏଭଳି ଭାବରେ ତାଙ୍କ ଦ୍ୱାରା ପ୍ରଯୋଜିତ ଚାଷୀ ମାନେ ଲକ୍ଷ ଲକ୍ଷ ଟଙ୍କା ଅର୍ଜନ କରୁଛନ୍ତି ଏବଂ ନିଜେ ମଧ୍ୟ ଜଣେ ସଫଳ ବ୍ୟବସାୟୀ ଭାବରେ ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି ।

ଏହିଭଳି ଭାବରେ ଓଡ଼ିଶାରେ ଧୀରେ ଧୀରେ କୃଷି ଉଦ୍ୟୋଗୀମାନେ ଆବିର୍ଭୂତ ହେଲେଣି । କିନ୍ତୁ ଜଣେ ଅଧେ ସଫଳ ଉଦ୍ୟୋଗୀଙ୍କୁ ନେଇ କୃଷିରେ ବ୍ୟାପକ ପରିବର୍ତ୍ତନ ଅଣାଯାଇପାରିବ ନାହିଁ, କିମ୍ବା ବେକାରି ସମସ୍ୟାକୁ ସମାଧାନ କରାଯାଇପାରିବ ନାହିଁ । ସୁଖର କଥା ଯେ ଏଇ ସଫଳ ବ୍ୟକ୍ତିମାନେ ଅନ୍ୟାନ୍ୟ ଯୁବ ଉଦ୍ୟୋଗୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଆଗଭର ହୋଇଛନ୍ତି । ଯଦି ସେମାନଙ୍କ ସହ ଆଜିର ଯୁବକ ଯୁବତୀ ମାନଙ୍କୁ ଏକତ୍ରିତ କରାଯାଏ ତେବେ ସେମାନେ ହେବେ ଆଗାମୀ ଦିନର କୃଷି ବିପ୍ଳବର କର୍ଣ୍ଣଧାର । ଓଡ଼ିଶାରେ ଯୁବକ ମାନେ ଚାଷ ପ୍ରତି ବିମୁଖ ହେବାର ଏକ ପ୍ରମୁଖ କାରଣ ହେଲା ଧାନ ଚାଷ । ଧାନ ଚାଷର ବହୁଳତା ଯୋଗୁଁ ଖୋଲା ବଜାରରେ ଧାନର ମୂଲ୍ୟ କମିଯାଉଛି । ଯଦି ସରକାର ଧାନ ସଂଗ୍ରହ କରୁ ନ ଥାନ୍ତେ, ତେବେ ଧାନ ଚାଷ ସମ୍ପୂର୍ଣ୍ଣ ଭାବରେ କ୍ଷତିଜନକ ବ୍ୟବସାୟ ହୋଇଯାନ୍ତା । ତେବେ ସରକାରଙ୍କ ଦ୍ୱାରା ସହାୟକ ମୂଲ୍ୟରେ ସଂଗୃହୀତ ଧାନ ଓ ତାହା ଉପରେ ଦିଆଯାଉଥିବା ପ୍ରୋତ୍ସାହନ ରାଶିକୁ ମିଶାଇଲେ ଧାନ ଚାଷରୁ ଏକର ପିଛା ଲାଭ ୩୦ ରୁ ୪୦ ହଜାର ଟଙ୍କା ମଧ୍ୟରେ ରହିବ । ଯେହେତୁ ଅଧିକାଂଶ ଚାଷୀଙ୍କ ଜମି ପରିମାଣ ଦୁଇ ଏକର ବା ତାହା ଠାରୁ କମ୍, ତେଣୁ ଜଣେ ଚାଷୀର ବାର୍ଷିକ ଲାଭ ୬୦ ରୁ ୮୦ ହଜାର ଟଙ୍କା ମଧ୍ୟରେ ସୀମିତ ରହିବ, ଅର୍ଥାତ ମାସିକ ଲାଭ ୫ ରୁ ୭ ହଜାର ଟଙ୍କା । ନୀତି ଆୟୋଗର ଉପର ଲିଖିତ ରିପୋର୍ଟ ଏଇ ଆକଳନକୁ ପ୍ରମାଣିତ କରେ । ତାହା ହେଲେ ଜଣେ ଶିକ୍ଷିତ ଯୁବକ ଚାଷ କାହିଁକି କରିବ ? ବରଂ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟିଲେ ମାସିକ ଆୟ ଅନ୍ତତଃ ୧୫ ହଜାର ଟଙ୍କା ମିଳିବ । କିମ୍ବା କୌଣସି ଠାରେ ସିକ୍ୟୁରିଟୀ ଗାର୍ଡ କାମ କଲେ ମାସିକ ବାର ହଜାର ଟଙ୍କା ମିଳିବ । ଏହି ଅବସ୍ଥାରୁ କିଭଳି ଯୁବକମାନେ ବାହାରି ଯାଇପାରିବେ ? ଏହାର ଉତ୍ତର ହେଲା ସବୁ ଜମିରେ ଧାନ ଚାଷ ନ କରି ବିଭିନ୍ନ ପ୍ରକାରର ଚାଷ କରାଗଲେ ଏକର ପିଛା ଆଦାୟ ଦୁଇ ଲକ୍ଷ ଟଙ୍କା ହୋଇପାରିବ । ସବୁ ଖର୍ଚ୍ଚ ଗଲା ପରେ ଏକର ପିଛା ଲାଭ ଏକ ଲକ୍ଷ ଟଙ୍କା ହୋଇପାରିବ । ଯଦି ଜଣେ ପରିବାରର ଦୁଇ ଏକର ଜମି ଥାଏ ତାହା ହେଲେ ଯୁବକଟି ବର୍ଷକୁ ଦୁଇ ଲକ୍ଷ ଟଙ୍କା ଲାଭ ପାଇପାରିବ ।

ତେବେ ଓଡ଼ିଶାରେ ଧାନର ବିକଳ୍ପ କ’ଣ ? ଧାନର ଏକ ବିକଳ୍ପ ହେଉଛି ନଡ଼ିଆ ଚାଷ । ଆଧୁନିକ କିସମର ନଡ଼ିଆ ଚାଷ ବିଜ୍ଞାନସମ୍ମତ ପ୍ରଣାଳୀରେ କଲେ ଏକର ପିଛା ଦୁଇ ଲକ୍ଷ ଟଙ୍କା ମିଳିବା କଷ୍ଟକର ନୁହେଁ । ତାହା ଛଡ଼ା ନଡ଼ିଆ ବ୍ୟାପକ ପରିମାଣରେ ଚାଷ କରାଗଲେ କତା ଶିଳ୍ପ ପ୍ରତିଷ୍ଠିତ ହୋଇପାରିବ ଓ ତାହା ଅନେକ ଯୁବକ ଯୁବତୀଙ୍କୁ ନିୟୋଜିତ କରିପାରିବ । ଅବଶ୍ୟ ନଡ଼ିଆ ବଗିଚା ପୂର୍ଣ୍ଣକ୍ଷମ ହେବା ପାଇଁ ପାଞ୍ଚ ବର୍ଷ ଲାଗିବ । ସେଥି ଯୋଗୁଁ ସମସ୍ତ ଜମିରେ ଏକା ଥରେ ନଡ଼ିଆ ଚାଷ ନ କରି ଅଧା ଜମିରେ ତାହା ଆରମ୍ଭ କରି କ୍ରମେ କ୍ରମେ ତାହାକୁ ବୃଦ୍ଧି କରା ଯାଇପାରେ । ତାହା ଛଡ଼ା ନଡ଼ିଆ ଲଗାଇବାର ପ୍ରଥମ ଦୁଇ ବର୍ଷ ପର୍ଯ୍ୟନ୍ତ ଅନ୍ତଃ ଚାଷ ଭାବରେ ଧାନ ଚାଷ କରାଯାଇପାରେ । ସୁଖର କଥା ଯେ, ଆଜିକାଲି ନଡ଼ିଆର ବ୍ୟାବସାୟିକ ଚାଷ ପ୍ରସାର କରିବା ପାଇଁ ଓଡ଼ିଆ ଯୁବ ଉଦ୍ୟୋଗୀମାନେ ଉଭା ହେଲେଣି ।

ଧାନର ଆଉ ଏକ ବିକଳ୍ପ ହେଲା କଦଳୀ ଚାଷ । ପଡ଼ୋଶୀ ରାଜ୍ୟ ଆନ୍ଧ୍ରର ଚାଷୀମାନେ କଦଳୀ ଚାଷ କରି ଓଡ଼ିଶାକୁ ଯୋଗାଉଛନ୍ତି ଏବଂ ଓଡ଼ିଶା ଡେଇଁ କଲିକତାକୁ ମଧ୍ୟ ପଠାଉଛନ୍ତି । ଓଡ଼ିଶାର କଦଳୀ ବ୍ୟବସାୟୀ ଓ କଦଳୀ ଚାଷୀଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରାଗଲେ ଓଡ଼ିଶା ମଧ୍ୟ କଦଳୀ ଚାଷ ରେ ଆତ୍ମନିର୍ଭର ହୋଇପାରିବ । ପ୍ରଣିଧାନଯୋଗ୍ୟ ଯେ, ଓଡ଼ିଶାର ଜଣେ ଯୁବ ଉଦ୍ୟୋଗୀ କଦଳୀ ଗଛର ପ୍ରତ୍ୟେକ ଅଂଶକୁ କିଭଳି ଭାବରେ ବ୍ୟବହାର କରି ତନ୍ତୁ ଠାରୁ ଆରମ୍ଭ କରି ଆଚାର ପର୍ଯ୍ୟନ୍ତ ବିଭିନ୍ନ ପଦାର୍ଥ ଉତ୍ପାଦନ କରାଯାଇପାରିବ ତାହାର କୌଶଳ ଆବିଷ୍କାର କରିଛନ୍ତି ।

ପ୍ରଶ୍ନ ଉଠେ ଯେ, ଏଭଳି ଖାଲୁଆ ଜମି ଅଛି ଯେଉଁଠାରେ କି ଧାନ ବ୍ୟତୀତ ଅନ୍ୟ ଫସଲ କରାଯିବା ସମ୍ଭବ ନୁହେଁ । ସେଭଳି ଜମିରେ ଧାନ ସହ ମାଛଚାଷ ମଧ୍ୟ କରାଯାଇପାରେ ଯେଉଁ ପଦ୍ଧତି ଦକ୍ଷିଣପୂର୍ବ ଏସିଆର ଦେଶମାନଙ୍କରେ ବେଶ ପ୍ରଚଳିତ । କିନ୍ତୁ ଧାନ ସ୍ଥାନରେ ଅନ୍ୟ ଫସଲ କଲେ କେତେକ ବିପଦ ରହିଛି । ତାହାକୁ କିଭଳି ଭାବରେ ଅତିକ୍ରମ କରାଯାଇପାରିବ ସେ ବିଷୟରେ ଆଗାମୀ ଦିନମାନଙ୍କରେ ଆଲୋଚନା କରିବା ।


ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା ସରକାର, ଭୁବନେଶ୍ୱର


# ପାହାଡ଼ପୁରରେ ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ

## ରାଷ୍ଟ୍ରପତିଙ୍କ ଜନ୍ମଦିନ ଓ ଓଡ଼ିଶା ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କ ୪୭.୬୦୦ କୋଟିର ଉପହାର



ମୟୁରଭଞ୍ଜ/ରାଇରଙ୍ଗପୁର/ଭୁବନେଶ୍ୱର, ୨୦/୦୬ (ଜେଏନ୍ଏସ୍) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମିଳିତ ମୟୂରଭଞ୍ଜ ଗସ୍ତ ଓଡ଼ିଶା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି । ଦେଶର ଏହି ଦୁଇ ଶୀର୍ଷ ନେତା ଏକାସାଙ୍ଗରେ ମୟୂରଭଞ୍ଜ ମାଟିରେ ପାଦ ଦେଇ ବିଭିନ୍ନ ଭାବପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହେବା ସହ ୪’୭,୬୦୦ କୋଟିରୁ ଅଧିକ ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି ।

ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୬୮ତମ ଜନ୍ମଦିନ । ଏହି ସ୍ୱତନ୍ତ୍ର ଅବସରରେ ନିଜ ଜନ୍ମମାଟିରେ ଉପସ୍ଥିତ ରହିବା ପାଇଁ ସେ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲେ । ପ୍ରଧାନମନ୍ତ୍ରୀ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ଯୋଗେ ରାଷ୍ଟ୍ରପତିଙ୍କ ପୈତୃକ ଗ୍ରାମ ପାହାଡ଼ପୁରରେ ପହଞ୍ଚିବା ପରେ ଉଭୟ ନେତା ଏକାଠି ଗାଁ ବୁଲିଛନ୍ତି । ଆଦିବାସୀ ସଂସ୍କୃତିକୁ ସମ୍ମାନ ଜଣାଇ ଦୁହେଁ ମିଳିତ ଭାବେ ପବିତ୍ର ସାନ୍ତାଳୀ ଜାହେରା ଥାନ, ହୋ-ମୁଣ୍ଡା ଜାହେରା ଥାନ ଏବଂ ଗୋଷାଣୀ ଥାନ ପରିଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି । ବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି : ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱର୍ଗତ ସ୍ୱାମୀ ଓ ଦୁଇ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ଏନଜିଓ କର୍ମୀଙ୍କ ଉପରେ ବର୍ବରକାଣ୍ଡ : ୨୦ ଗିରଫ



ରାୟଗଡ଼ା, ୨୦/୦୬ (ଜେଏନ୍ଏସ୍) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଏନଜିଓ କର୍ମୀଙ୍କ ଉପରକୁ ହୋଇଥିବା ଆକ୍ରମଣ ଘଟଣାରେ ପୋଲିସ ଏପର୍ଯ୍ୟନ୍ତ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହି ହିଂସାକାଣ୍ଡଟି ‘ପିଲା ଚୋର’ ଗୁଜବକୁ କେନ୍ଦ୍ର କରି ଘଟିଥିବା ପୋଲିସ ଅନୁସନ୍ଧାନରୁ ସ୍ପଷ୍ଟ ହୋଇଛି । ଆକ୍ରମଣର ଶିକାର ହୋଇଥିବା ଦୁଇଜଣ କର୍ମୀ ହେଉଛନ୍ତି ଦିଲ୍ଲୀର ସୁମନ ଝା ଏବଂ ଗୁଜରାଟର ଅର୍ପିତା ସୁତାରିଆ । ସେମାନେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିର ଏକ ପ୍ରତିଷ୍ଠିତ ଏନଜିଓ (ଗ୍ରାମ ବିକାଶ) ରେ ଫେଲୋସିପ୍/ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟ କରୁଥିଲେ । ସେମାନେ ଦାରିଙ୍ଗବାଡ଼ିରୁ କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ଅଭିମୁଖେ ଯାଉଥିଲେ । ଗୁଗଲ୍ ମ୍ୟାପ୍‌ର ଭୁଲ୍ ସୂଚନା ଯୋଗୁଁ ସେମାନେ କଲ୍ୟାଣସିଂହପୁର ବ୍ଲକର ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳ କାନ୍ଦୁଲଗୁଡ଼ା ମଧ୍ୟକୁ ଚାଲିଯାଇଥିଲେ । ଗ୍ରାମରେ ସେମାନେ ଲୋକଙ୍କୁ ରାସ୍ତା ପଚାରିବା ସହ ରଜ ପର୍ବ ପାଳନ କରୁଥିବା ସ୍ଥାନୀୟ ପିଲାମାନଙ୍କ ସହ କଥାବାର୍ତ୍ତା ହୋଇ ବିସ୍କୁଟ୍ ବାଣ୍ଟିଥିଲେ । ସେମାନେ ହିନ୍ଦୀ ଭାଷାରେ କଥା ହେଉଥିବାରୁ ଏବଂ ପିଲାଙ୍କ ସହ ମିଶୁଥିବାରୁ କିଛି ସ୍ଥାନୀୟ ଲୋକ ସେମାନଙ୍କୁ ‘ପିଲା ଚୋର’ ବୋଲି ସନ୍ଦେହ କରି ଗୁଜବ ପ୍ରଚାର କରିଥିଲେ । ଗୁଜବ ବ୍ୟାପିବା ମାତ୍ରେ ୪୦ ରୁ ୫୦ ଜଣ ଲୋକ ଏକାଠି ହୋଇ ସେମାନଙ୍କୁ ଘେରି ଯାଇଥିଲେ । ସେମାନେ ନିଜର ପରିଚୟ ପତ୍ର ଦେଖାଇବା ସତ୍ତ୍ୱେ ମଧ୍ୟ ଉତ୍ତ୍ୟକ୍ତ ଭିଡ଼ କିଛି ନଶୁଣି ଉଭୟଙ୍କୁ ଲାଠି ଓ ପଥରରେ ନିର୍ଦ୍ଦୟ ଭାବେ ମାଡ଼ ମାରି ରକ୍ତାକ୍ତ କରିଥିଲେ । ସୋସିଆଲ ମିଡିଆ ଏବଂ ସ୍ଥାନୀୟ ସୂତ୍ର ଅନୁଯାୟୀ, ଆକ୍ରମଣ ସମୟରେ ମହିଳା ଗବେଷିକାଙ୍କ ସହ ବର୍ବର ଆଚରଣ କରାଯିବା ସହ ତାଙ୍କୁ ସର୍ବସମ୍ମୁଖରେ ବିବସ୍ତ୍ର ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ରାଇରଙ୍ଗପୁରରେ ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ ନୂଆ ନିବେଶ ଓଡ଼ିଶା ସମୃଦ୍ଧ ହେବ



ମୟୂରଭଞ୍ଜ, ୨୦/୦୬ (ଜେଏନ୍ଏସ୍) : ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଦାଣ୍ଡବୋଷଠାରେ ଆୟୋଜିତ ‘ବିକାଶର ଧାରା, ଓଡ଼ିଶାର ସାରା’ ମେଗା ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓଡ଼ିଶାର ପ୍ରଗତି ଓ ସଂସ୍କୃତିକୁ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ଓ ଆବେଗ ଭରା ଅଭିଭାଷଣ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୟୂରଭଞ୍ଜର ପବିତ୍ର ମାଟିରେ ମହାମହିମ ରାଷ୍ଟ୍ରପତିଙ୍କ ୬୮ତମ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶାକୁ ୪୭ହଜାର ୬୦୦ କୋଟିରୁ ଅଧିକ ଟଙ୍କାର ଏକ ମେଗା ବିକାଶମୂଳକ ପ୍ୟାକେଜ୍ ଉପହାର ଦେଇଛନ୍ତି । ଯାହା ଫଳରେ ଏହି ନୂତନ ଶିଳ୍ପ, ଶକ୍ତି ଏବଂ ଯୋଗାଯୋଗ ପ୍ରକଳ୍ପଗୁଡ଼ିକ ରାଜ୍ୟର ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ‘ପାରାକୁଏଟ୍’ କୀଟନାଶକ ଉପରେ କଟକଣା

ଭୁବନେଶ୍ୱର, ୨୦/୦୬ (ଜେଏନ୍ଏସ୍) : ଓଡ଼ିଶାରେ ’ପାରାକୁଏଟ୍’ କୀଟନାଶକ ଓ ତୃଣନାଶକ ଉପରେ ସରକାରୀ କଟକଣା ଓ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି । ପାରାକୁଏଟ୍ ଏକ ଅତ୍ୟନ୍ତ ପ୍ରାଣଘାତୀ ଏବଂ ଜଟିଳ ରାସାୟନିକ ପଦାର୍ଥ । ଯଦି କୌଣସି ବ୍ୟକ୍ତି ଭୁଲ୍‌ବଶତଃ କିମ୍ବା ଆତ୍ମହତ୍ୟା ଉଦ୍ଦେଶ୍ୟରେ ଏହାକୁ ସେବନ କରେ, ତେବେ ଶରୀରରେ ଏହାର ପ୍ରଭାବକୁ ରୋକିବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ଚିକିତ୍ସା ବା ଆଣ୍ଟିଡୋଟ୍ ଉପଲବ୍ଧ ନାହିଁ । ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜର ଏକ ରିପୋର୍ଟ ଅନୁସାରେ, ଏହି ବିଷାକ୍ତ କୀଟନାଶକ ଖାଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୧୪୯ ଜଣ ରୋଗୀଙ୍କ ମଧ୍ୟରୁ ୧୪୦ ଜଣଙ୍କର ମୃତ୍ୟୁ ଘଟିଥିଲା । ଏହା ସିଧାସଳଖ ମଣିଷର ଫୁସଫୁସ, କିଡନୀ ଏବଂ ଲିଭରକୁ ସମ୍ପୂର୍ଣ୍ଣ ଅଚଳ କରିଦିଏ । ଓଡ଼ିଶାର ପ୍ରାୟ ୧୫ଟି ଜିଲ୍ଲାର ଜିଲ୍ଲାପାଳ ଏବଂ କୃଷି ଅଧିକାରୀମାନେ ରିପୋର୍ଟ କରିଥିଲେ ଯେ ଗ୍ରାମାଞ୍ଚଳରେ ସହଜରେ ମିଳୁଥିବା ଏହି ପାରାକୁଏଟ୍ କୁ ବ୍ୟବହାର କରି ଅନେକ ଲୋକ ଆତ୍ମହତ୍ୟା କରୁଛନ୍ତି । କୀଟନାଶକ ଆଇନ ୧୯୬୮ ର ଧାରା ୨୭ ଅନୁଯାୟୀ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ରାଜ୍ୟରେ ଏହାର ଉତ୍ପାଦନ, ସଂରକ୍ଷଣ, ବିକ୍ରି, ବିତରଣ ଏବଂ ବ୍ୟବହାର ଉପରେ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ଖୋଲିଲା ସ୍କୁଲ

ଭୁବନେଶ୍ୱର, ୨୦/୦୬ (ଜେଏନ୍ଏସ୍) : ଦୀର୍ଘ ଗ୍ରୀଷ୍ମକାଳୀନ ଛୁଟି ଏବଂ ରଜ ପର୍ବ ଶେଷ ହେବା ପରେ, ଜୁନ୍ ୧୮, ୨୦୨୬ (ଗୁରୁବାର) ଠାରୁ ଓଡ଼ିଶାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ପୁଣିଥରେ ଖୋଲିଛି । ରାଜ୍ୟରେ ମୌସୁମୀ ବାୟୁର ଆଗମନ ଯୋଗୁଁ ତାପମାତ୍ରା ହ୍ରାସ ପାଇବା ଏବଂ ପାଣିପାଗରେ ସୁଧାର ଆସିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍କୁଲ୍ ଖୋଲିବା ନେଇ ଆନୁଷ୍ଠାନିକ ଘୋଷଣା କରିଥିଲେ । ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ସ୍କୁଲ୍ ସକାଳ ୧୦:୦୦ ଟାରୁ ଅପରାହ୍ନ ୪:୦୦ ଟା ପର୍ଯ୍ୟନ୍ତ ଚାଲିବ । ପ୍ରତି ଶନିବାର ଦିନ ସ୍କୁଲ୍ ସମୟ ସକାଳ ୬:୩୦ ଟାରୁ ଦ୍ୱିପ୍ରହର ୧୨:୩୦ ଟା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଶିକ୍ଷକମାନଙ୍କୁ ସକାଳ ୯:୩୦ ସୁଦ୍ଧା ବିଦ୍ୟାଳୟରେ ପହଞ୍ଚିବାକୁ ଏବଂ କ୍ଲାସ୍ ସରିବା ପରେ ଅପରାହ୍ନ ୪:୩୦ ପର୍ଯ୍ୟନ୍ତ କ୍ୟାମ୍ପସରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସାରା ରାଜ୍ୟରେ ଜୁନ୍ ୧୮ ରୁ ସ୍କୁଲ ଖୋଲିଥିଲେ ମଧ୍ୟ ଓଡ଼ିଶାର କେତେକ ପଶ୍ଚିମ ଏବଂ ଦକ୍ଷିଣ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ସେଠାକାର ଜିଲ୍ଲାପାଳମାନେ ଛୁଟି ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ପୁଣି ୧୫ଲକ୍ଷ ହିତାଧିକାରୀଙ୍କୁ ମିଳିବ ନୂଆ ରାସନ କାର୍ଡ



ଭୁବନେଶ୍ୱର, ୨୦/୦୬ (ଜେଏନ୍ଏସ୍) : ଓଡ଼ିଶାରେ ଅଯୋଗ୍ୟ ଏବଂ ଜାଲ୍ ରାସନ କାର୍ଡଧାରୀଙ୍କ ବିରୋଧରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କଡ଼ା ଚେତାବନୀ ଜାରି କରାଯାଇଛି । ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ପଷ୍ଟ କରିଛନ୍ତି ଯେ, ସରକାରୀ ନିୟମର ଉଲ୍ଲଂଘନ କରି ଯେଉଁ ଅଯୋଗ୍ୟ ଲୋକମାନେ ବେଆଇନ ଭାବେ ଚାଉଳ ଉଠାଉଛନ୍ତି, ସେମାନେ ନିଜ ଆଡୁ କାର୍ଡ ସମର୍ପଣ ନକଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯଦି କୌଣସି ସରକାରୀ କର୍ମଚାରୀ, ଆୟକରଦାତା କିମ୍ବା ସ୍ୱଚ୍ଛଳ ପରିବାର ମାଗଣା ରାସନ ନେଉଥିବା ଧରାପଡ଼ନ୍ତି, ତେବେ ସେମାନଙ୍କ ଠାରୁ ବଜାର ଦର ଅନୁଯାୟୀ ଟଙ୍କା ଅସୁଲ କରାଯିବା ସହ ପେନାଲ୍ଟି ଓ ଜେଲ୍ ଦଣ୍ଡ ଭଳି କଠୋର ପଦକ୍ଷେପ ନିଆଯାଇପାରେ । ଆଧାର ଭିତ୍ତିକ ଇ-କେୱାଇସି ଯାଞ୍ଚ ମାଧ୍ୟମରେ ରାଜ୍ୟରେ ଏପର୍ଯ୍ୟନ୍ତ ପ୍ରାୟ ୪ ଲକ୍ଷ ୩୧ ହଜାରରୁ ଅଧିକ ମୃତ ବା ’ଭୂତ ହିତାଧିକାରୀ’ ଏବଂ ୯୧,୦୦୦ରୁ ଅଧିକ ଅଯୋଗ୍ୟ ଲୋକଙ୍କୁ ତାଲିକାରୁ ସଫଳତାପୂର୍ବକ ବାଦ୍ ଦିଆଯାଇଛି. ଏହାଦ୍ୱାରା ସରକାରଙ୍କ ପ୍ରତି ମାସରେ ପ୍ରାୟ ୯.୯୪ କୋଟି ଟଙ୍କା ସଞ୍ଚୟ ହେଉଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ନିମ୍ନଲିଖିତ ବ୍ୟକ୍ତି ବା ପରିବାର ରାସନ ପାଇବା ପାଇଁ ଅଯୋଗ୍ୟ ଏବଂ ସେମାନଙ୍କୁ କାର୍ଡ ଫେରାଇବାକୁ କୁହାଯାଇଛି । ପରିବାରର କୌଣସି ସଦସ୍ୟଙ୍କ ନାମରେ ଚାରିଚକିଆ ଗାଡ଼ି (କାର୍, ଟ୍ରାକ୍ଟର କିମ୍ବା ହେଭି ଭେହିକିଲ୍) ଥିଲେ । ପରିବାରର କୌଣସି ସଦସ୍ୟ ସରକାରୀ ଚାକିରି (କେନ୍ଦ୍ର, ରାଜ୍ୟ କିମ୍ବା ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା) ରେ ଥିଲେ । ପରିବାରର କୌଣସି ସଦସ୍ୟ ଆୟକର ଦେଉଥିଲେ । ଯେଉଁମାନଙ୍କର ବଡ଼ ବ୍ୟବସାୟ ଅଛି କିମ୍ବା କମ୍ପାନୀର ନିର୍ଦ୍ଦେଶକ ଅଟନ୍ତି. । ଗ୍ରାମାଞ୍ଚଳରେ ଯଦି କାହା ପାଖରେ ଅଢେଇ (୨.୫) ଏକରରୁ ଅଧିକ ଜଳସେଚିତ ଜମି ଥିବ । କେନ୍ଦ୍ର ସରକାରଙ୍କ ତରଫରୁ ପ୍ରସ୍ତୁତ କରାଯାଇଥିବା ଏକ ସ୍ୱତନ୍ତ୍ର ସନ୍ଦିଗ୍ଧ ତାଲିକାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଚାମେଲିଙ୍କ ମାମଲାରେ ରିପୋର୍ଟ ମାଗିଲେ ଜାତୀୟ ମାନବାଧିକାର ଆୟୋଗ, ଜାମିନ ପରେ ଭବ୍ୟ ସ୍ୱାଗତ



କେନ୍ଦ୍ରାପଡ଼ା, ୨୦/୦୬ (ଜେଏନ୍‌ଏସ୍) : କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଂଚାୟତର ସରପଂଚ ଚାମେଲି ଓଝାଙ୍କ ପ୍ରତି ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ କେନ୍ଦ୍ରାପଡ଼ା ରାଜନୀତି ସରଗରମ ରହିଛି। ଏହି ସମ୍ବେଦନଶୀଳ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପୁଲିସ ଏସପିଙ୍କୁ ରିପୋର୍ଟ ତଲବ କରି ୧୫ଦିନ ସୁଦ୍ଧା ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପଟେ ପୁଲିସ ୬ଦିନ ପରେ ଚାମେଲିଙ୍କ ଫୋନକୁ ଫେରସ୍ତ କରିଛି। ଏସବୁ ମଧ୍ୟରେ ହସ୍ପିଟାଲରେ ପୁଲିସ ହେପାଜତରେ ଚିକିତ୍ସିତ ହେଉଥିବା ଚାମେଲିଙ୍କୁ ଆଜି ଜାମିନ ମିଳିଛି। କେନ୍ଦ୍ରାପଡ଼ା ଏସଡିଜେଏମ୍ କୋର୍ଟ ଆଜି ଚାମେଲିଙ୍କୁ ୩୦ହଜାର ଟଙ୍କା ଓ ୨ଜଣ ଜାମିନଦାରଙ୍କ ବଦଳରେ ତାଙ୍କୁ ଜାମିନ ମିଳିଛି। ପୁଲିସକୁ ଆକ୍ରମଣ କରିବା ଘଟଣାରେ ତାଙ୍କୁ ଗତ ୧୧ତାରିଖରେ ଗିରଫ କରିଥିଲା ମହାକାଳପଡ଼ା ପୁଲିସ।

ସାମାଜିକ କର୍ମୀ ମନୋଜ ଜେନାଙ୍କ ଅଭିଯୋଗ ଆଧାରରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପୁଲିସ ଏସପିଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଛନ୍ତି। ବିଡିଓଙ୍କ ଅଭିଯୋଗ ଆଧାରରେ ଚାମେଲି ଓଝାଙ୍କ ବିରୋଧରେ ହତ୍ୟା ଉଦ୍ୟମ, ସରକାରୀ କର୍ମଚାରୀଙ୍କୁ ଆହତ କରିବା ଓ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଭଳି ସାଙ୍ଘାତିକ ଦଫାର ମିଥ୍ୟା ମାମଲା ରୁଜୁ କରାଯାଇଥିବା ନେଇ ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଏହା କ୍ଷମତାର ଅପବ୍ୟବହାର ଓ ମାନବାଧିକାରର ତୀବ୍ର ଉଲ୍ଲଂଘନ। ଆୟୋଗ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରର ଉଲ୍ଲଙ୍ଘନ ଦର୍ଶାଇଛନ୍ତି। ଆଉ ୧୫ ଦିନ ମଧ୍ୟରେ କେନ୍ଦ୍ରାପଡ଼ା ପ୍ରଶାସନକୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପଟେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ନେତ୍ରୀ ଅର୍ଚ୍ଚନା ନାୟକ ଆଜି ଚାମେଲିଙ୍କୁ ହସ୍ପିଟାଲରେ ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଘଟଣାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ଆଶ୍ୱସନା ଦେଇଛନ୍ତି। ପରେ ଗଣମାଧ୍ୟମକୁ ସୂଚନା ଦେଇ ପୁଲିସର ଭୂମିକାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଜଣେ ନିର୍ବାଚିତ ମହିଳା ସରପଂଚ ଓ ବିଡିଓଙ୍କ ମଧ୍ୟରେ ଆଲୋଚନାରେ ପୁଲିସ ହସ୍ତକ୍ଷେପ କରିବା ଉଚିତ୍ ନଥିଲା। ଜଣେ ଜନପ୍ରତିନିଧି ତଥା ମହିଳାଙ୍କ ପ୍ରତି ପୁଲିସର ଏଭଳି ବ୍ୟବହାର କଦାପି ଗ୍ରହଣୀୟ ନୁହେଁ। ସେ ଏହି ସମଗ୍ର ଘଟଣା ସମ୍ପର୍କରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ବୋଲି ଗଣମାଧ୍ୟମକୁ କହିବା ସହ ଯେଉଁମାନେ ଦୋଷୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଆଶ୍ୱସ୍ତ କରିଛନ୍ତି। ହସ୍ପିଟାଲରେ ପୁଲିସ ହେପାଜତରେ ଚିକିତ୍ସାଧୀନ ଚମେଲି ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ ସହ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହାସହିତ ଘଟଣାଦିନ ବିଡିଓଙ୍କ ଚାମ୍ବରରେ ଚାମେଲିଙ୍କ ସହ କ'ଣ ହୋଇଥିଲା ତା'ର ଭିଡିଓ ମଧ୍ୟ ସାର୍ବଜନୀନ ହୋଇଛି। ଚାମେଲି ଅଭିଯୋଗ କରିଛନ୍ତି ଯେ, ପୁଲିସ ପ୍ରକୃତ ଅଭିଯୁକ୍ତମାନଙ୍କୁ ଗିରଫ ନକରି ଅନ୍ୟଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଯାହାଙ୍କର ଘଟଣା ସହ ସାମାନ୍ୟ ସମ୍ପୃକ୍ତି ଥିଲା। ମୁଖ୍ୟ ଅଭିଯୁକ୍ତ ଥିବା ୯ଜଣଙ୍କ ବିରୁଦ୍ଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ବିଡିଓଙ୍କ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଂଚ କରାଯାଉ ବୋଲି ଚାମେଲି ଦାବି କରିଛନ୍ତି। ଏହାସହିତ କେଉଁ ଆଧାରରେ ଥାନା ଆଇଆଇସି ତାଙ୍କୁ ଗିରଫ କଲେ ଓ ତାଙ୍କୁ ଥାନାକୁ ନେବାବେଳେ ଗାଡ଼ିରେ ମାରପିଟ୍ କରିଥିବା ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଚାମେଲି ଦାବି କରିଛନ୍ତି।

ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି କହିଛନ୍ତି ଯେ, ଚାମେଲିଙ୍କ ଘଟଣାରେ କେନ୍ଦ୍ରାପଡ଼ା ପୁଲିସ ଏସପିଙ୍କୁ ରିପୋର୍ଟ ମଗାଯାଇଛି। ଆୟୋଗଙ୍କ ଟିମ୍ ମଧ୍ୟ କେନ୍ଦ୍ରାପଡ଼ା ଯିବ। ଚାମେଲି ଜଣେ ସରପଂଚ। ଜଣେ ମହିଳା ହିସାବରେ ତାଙ୍କ ସହ ଯାହାବି ଅନ୍ୟାୟ ହୋଇଛି ସେଥିପାଇଁ ଯିଏବି ଦୋଷୀ ସେ ନିଶ୍ଚିତ ଦଣ୍ଡ ପାଇବ। ଚାମେଲି କିପରି ନ୍ୟାୟ ପାଇବ ସେ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଚାମେଲିଙ୍କ ପ୍ରତି ପୁଲିସର କାର୍ଯ୍ୟାନୁଷ୍ଠାନକୁ ବିରୋଧୀ ବିଜେଡି, କଂଗ୍ରେସ ଓ ଓଡ଼ିଶା ଜନତା କଂଗ୍ରେସ ସମେତ ବିଭିନ୍ନ ଦଳ ନିନ୍ଦା କରିଛନ୍ତି।

## ଚାମେଲି ବିବାଦ ମାମଲା : ସେଦିନ କ'ଣ ଘଟିଥିଲା ? ଚାଞ୍ଚଲ୍ୟକର ଖୁଲାସା କଲେ ବିଡିଓ

କେନ୍ଦ୍ରାପଡ଼ା, ୨୦/୦୬ (ଜେଏନ୍‌ଏସ୍) : ତିଖିରୀ ସରପଞ୍ଚ ଚାମେଲି ଓଝା ମାମଲାରେ ଦୀର୍ଘ ୮ ଦିନ ପରେ ମୁହଁ ଖୋଲିଲେ ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟ। ବିଡିଓ କହିଛନ୍ତି, ମନା କରିବା ସତ୍ତ୍ୱେ ଭିଡିଓ ରେକର୍ଡିଂ କରିଥିଲେ ସରପଞ୍ଚ। ବିନା ଅନୁମତିରେ କିଛି ଲୋକ ମୋ ଚାମ୍ବର ଭିତରେ ପଶିଥିଲେ। ମୋ ଚାମ୍ବରରେ ଦୁଇ ଗୋଷ୍ଠୀ ମଧ୍ୟରେ ପାଟି ତୁଣ୍ଡ ହେଲା। ଶେଷରେ ପୋଲିସରେ ଅଭିଯୋଗ କରିବାକୁ ବାଧ୍ୟ ହେଲି। ଚାମେଲିଙ୍କର କୌଣସି ବିଲ ପେଣ୍ଡିଂ ନାହିଁ ବୋଲି ବିଡିଓ କହିଛନ୍ତି।

# ଚାମେଲି ଓଝା ବିବାଦ ହାଇକୋର୍ଟରେ ଦାୟର ହେଲା ଜନସ୍ୱାର୍ଥ ମାମଲା



କେନ୍ଦ୍ରାପଡ଼ା, ୨୦/୦୬ (ଜେଏନ୍‌ଏସ୍) : କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କ ସହ ପୁଲିସ ଓ ପ୍ରଶାସନର ବିବାଦ ଘଟଣା ଏବେ ହାଇକୋର୍ଟରେ ପହଞ୍ଚିଛି। ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ସ୍ପେଶାଲ ଇନଭେସ୍ଟିଗେଶନ ଟିମ ବା ଏସଆଇଟି ଗଠନ କରିବା ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ନିର୍ବାଚିତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ବିବାଦ ଉପୁଜିଲେ ପୁଲିସର ଆଚରଣ ଓ ଉଚ୍ଚାରଣ କିପରି ହେବା ଉଚିତ ଏବଂ କିଭଳି ଏମାନେ ପୁଲିସ ଦ୍ୱାରା ନିର୍ଯାତିତ ନହେବେ, ସେ ନେଇ ଗାଇଡଲାଇନ ଜାରି କରିବା ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆବେଦନରେ ଦର୍ଶଯାଇଛି। ଏହି ଘଟଣାର ମେଡିକାଲ ରିପୋର୍ଟ ଏବଂ ସିସିଟିଭି ଫୁଟେଜ ସଂରକ୍ଷିତ ରଖିବାକୁ ପ୍ରାର୍ଥନା କରିଛନ୍ତି ଆବେଦନକାରୀ। ଚାମେଲୀଙ୍କ ବିରୋଧରେ ମହାକାଳପଡ଼ା ବିଡିଓ ପ୍ରଥମ ଏତଲା ଦାୟର କରିବାର ୧ ଘଣ୍ଟା ୨୦ ମିନିଟ ମଧ୍ୟରେ ପୁଲିସ ପକ୍ଷରୁ ଦ୍ୱିତୀୟ ଏତଲା ଦାୟରକୁ ନେଇ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ପୁଲିସ ହେପାଜତରେ ଥିବା ଜଣେ ଜନ ପ୍ରତିନିଧିଙ୍କୁ ପୁଲିସ ଦୁର୍ବ୍ୟବହାର କରିବା ସହ ଓଲଟା ତାଙ୍କ ବିରୋଧରେ ଏତଲା ଦାୟର କରିବା ଅନେକ ସନ୍ଦେହ ସୃଷ୍ଟି କରୁଛି ବୋଲି ଆବେଦନାକାରୀଙ୍କ ଓକିଲ କହିଛନ୍ତି। ଆବେଦନାକାରୀଙ୍କ ପକ୍ଷରୁ ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ ଡିଜି, କେନ୍ଦ୍ରାପଡ଼ା ଏସପି, ପଞ୍ଚାୟତିରାଜ ବିଭାଗ ସଚିବ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ବିଡିଓଙ୍କୁ ପକ୍ଷଭୁକ୍ତ କରାଯାଇଛି।

# କାନ୍ଦି କାନ୍ଦି ଧାରଣା ଦେଲେ ଦୁଇ କର୍ପୋରେଟର



ବ୍ରହ୍ମପୁର, ୨୦/୦୬ (ଜେଏନ୍‌ଏସ୍) : ବ୍ରହ୍ମପୁର ମହାନଗର ନିଗମର ସାଧାରଣ ପରିଷଦ ବୈଠକରେ ଦେଖିବାକୁ ମିଳିଛି ହାଇଡ୍ରାମା। ଉନ୍ନୟନମୂଳକ କାର୍ଯ୍ୟର ଟେଣ୍ଡର ବାତିଲକୁ ନେଇ ଦୁଇ ମହିଳା କର୍ପୋରେଟର ଧାରଣାରେ ବସିଥିଲେ । ଲୋକଙ୍କ କାମ କରାଯାଉ ନଥିବାରୁ ଧାରଣାରେ ବସି କାନ୍ଦିଥିଲେ ଦୁଇ ମହିଳା କର୍ପୋରେଟର। ଏହା ସହିତ କାଉନସିଲକୁ ମୁଣ୍ଡିଆ ମାରି ଏଭଳି ନ କରିବାକୁ ଅନୁରୋଧ କରିଥିଲେ। ଏହି ଦୁଇ କର୍ପୋରେଟର ହେଉଛନ୍ତି ୬ ନମ୍ବର୍ ୱାର୍ଡ କର୍ପୋରେଟର ଶ୍ୱେତା ରେଖା ତ୍ରିପାଠୀ ଓ ୩୭ ନମ୍ବର ୱାର୍ଡ କର୍ପୋରେଟର ବନିତା ସାହୁ। ଜାଣିଶୁଣି ଟେଣ୍ଡର ବାତିଲ କରାଯାଉଥିବା ବେଳେ ଏନେଇ ନେଇ କର୍ପୋରେଟରମାନଙ୍କୁ କୌଣସି ସୂଚନା ଦିଆଯାଉନଥିବା ସେମାନେ ଅଭିଯୋଗ କରିଥିଲେ। ବୈଠକରେ ଦୀର୍ଘ ସମୟ ଧରି ହୋହାଲ୍ଲା ଓ ଧାରଣା ପରେ ମେୟର ଉଭୟ କର୍ପୋରେଟରଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଯେଉଁ ଅଧିକାରୀମାନେ ଟେଣ୍ଡର ବାତିଲ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ପରେ ଉଭୟ କର୍ପୋରେଟର ଧାରଣାରୁ ଉଠିଥିଲେ। ୬ ନମ୍ବର୍ ୱାର୍ଡ କର୍ପୋରେଟର ଶ୍ୱେତା ରେଖା ତ୍ରିପାଠୀ ଲୋକଙ୍କ ପାଇଁ କାମ କରିପାରୁ ନଥିବା କହି ଭୋଭୋ ହୋଇ କାନ୍ଦି ଉଠିଥିଲେ। ଦୁଇ ବର୍ଷ ହେଲା ତାଙ୍କ ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ ବୋଲି ସେ କହିଥିଲେ। ଏପରିକି ଶ୍ମଶାନର ଉନ୍ନତି ନିମନ୍ତେ ହେଉଥିବା ଟେଣ୍ଡରକୁ ମଧ୍ୟ ବାତିଲ କରାଯାଉଛି ବୋଲି ସେ ଅଭିଯୋଗ କରିଥିଲେ। ସେହିଭଳି ୩୭ ନମ୍ବର ୱାର୍ଡ କର୍ପୋରେଟର ବନିତା ସାହୁ କହିଥିଲେ ଯେ ସେମାନେ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ସତ୍ତ୍ୱେ ସେମାନଙ୍କ ପାଇଁ କାମ କରିପାରୁନାହାନ୍ତି। ତାଙ୍କ ୱାର୍ଡରେ ଦୁଇଟି ରାସ୍ତା କାମର ଟେଣ୍ଡରକୁ ବାତିଲ କରି ଦିଆଯାଇଥିବା ସେ କହିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ସେମାନଙ୍କ ଦାବି ପୂରଣ ନ ହେଲେ ପୁଣି ଥରେ ସେମାନେ ଧାରଣା ଦେବେ ବୋଲି କହିଛନ୍ତି।

# ଇରାନ ତିଆରି କରିବ ଘାତକ ମିସାଇଲ, ଅନୁମତି ଦେଲେ ଟ୍ରମ୍ପ

ତେହେରାନ, ୨୦/୦୬ :ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଇରାନର ମିସାଇଲ କାର୍ଯ୍ୟକ୍ରମକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନୁମତି ପ୍ରଦାନ କରିଛନ୍ତି । କହିଛତି ଯେ ଇରାନକୁ କିଛି ବାଲିଷ୍ଟିକ ମିସାଇଲ ରଖିବାକୁ ପ୍ରସ୍ତାବିତ ଶାନ୍ତି ଚୁକ୍ତିରେ ଅନୁମତି ଦିଆଯାଇଛି। ଅର୍ଥାତ ଇରାନ ବାଲିଷ୍ଟଳ ମିସାଇଲ ନିର୍ମାଣ ଓ ଗଚ୍ଛିତ ରଖିପରିବ। ଜି-୭ ଶିଖର ସମ୍ମିଳନୀରେ ଯୋଗଦେବାକୁ ଫ୍ରାନ୍ସ ଆସିଥିବା ବେଳେ ପ୍ୟାରିସରେ ଗଣମାଧ୍ୟମକୁ ସୂଚନା ଦେଇ ଟ୍ରମ୍ପ କହିଛନ୍ତି ଯେ, ମଧ୍ୟପ୍ରାଚ୍ୟରେ ଅନ୍ୟ ଦେଶମାନେ ବାଲିଷ୍ଟିକ ମିସାଇଲ ରଖୁଥିବା ବେଳେ ଇରାନକୁ ସେଥିରୁ ବାରଣ କରାଯିବା ଠିକ୍ ନୁହେଁ । ସାଉଦି ଆରବ ଓ କାତାରର ଉଦାହରଣ ଦେଇ ଟ୍ରମ୍ପ କହିଛନ୍ତି ସେମାନେ ବି ମିସାଇଲ ରଖୁଛନ୍ତି ଓ ତେଣୁ ଇରାନ ରଖିଲେ ଅସୁବିଧା କ'ଣ । ଇରାନର ମିସାଇଲ କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ସମାଲୋଚକଙ୍କୁ ଟାର୍ଗେଟ କରି ଟ୍ରମ୍ପ କହିଛନ୍ତି ଯେ କିଛି ବ୍ୟକ୍ତି ସାଉଦି ଆରବ ବାଲିଷ୍ଟିକ ମିସାଇଲ ରଖୁ ବୋଲି ଯୁକ୍ତି ବାଢୁଛନ୍ତି । କିନ୍ତୁ ଇରାନ ଏହାକୁ ରଖିଲେ ସେମାନେ ବିରୋଧ କରୁଛନ୍ତି । ଏହା ଆଦୌ ଯଥାର୍ଥ ନୁହେଁ ବୋଲି ଟ୍ରମ୍ପ କହିଛନ୍ତି । ଏଥିସହ ସେ ଆଣବିକ ଅସ୍ତ୍ର ଭଳି ବାଲିଷ୍ଟିକ ମିସାଇଲ ମଧ୍ୟ ବିପଦ ବୋଲି ହେଉଥିବା ଯୁକ୍ତିକୁ ଖଣ୍ଡନ କରିଛନ୍ତି। କହିଛନ୍ତି ଆଣବିକ ଅସ୍ତ୍ର ସମଗ୍ର ପୃଥିବୀକୁ ଧ୍ୱଂସ କରିପାରିବ । କିନ୍ତୁ ବାଲିଷ୍ଟିକ ମିସାଇଲର ଏଭଳି କ୍ଷମତା ନାହିଁ ।

ଇରାନକୁ ବାଲିଷ୍ଟିକ ମିସାଇଲ ରଖିବାକୁ ଟ୍ରମ୍ପ ଅନୁମତି ଦେବା ଘଟଣା ଇସ୍ରାଏଲ ପାଇଁ ଶକ୍ତ ଝଟକା ବୋଲି କୁହାଯଉଛି। କାରଣ ଇରାନର ଆଣବିକ କାର୍ଯ୍ୟକ୍ରମ ସହ ମିସାଇଲ କାର୍ଯ୍ୟକ୍ରମକୁ ମଧ୍ୟ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଚାହୁଁଥିଲେ। ଏଥିପାଇଁ ଆମେରିକା ସହ ମିଶି ଫେବ୍ରୁଆରୀ ୨୮ ତାରିଖରେ ଇରାନ ଉପରେ ଆକ୍ରମଣ କରିଥିଲେ। ହେଲେ ଇରାନର ପରମଣୁ କିମ୍ବା ମିସାଇଲ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାରେ ବିଫଳ ହୋଇଛନ୍ତି । ବରଂ ଇରାନ ବିଶ୍ୱର ପ୍ରମୁଖ ଜଳମାର୍ଗ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଫଳରେ ସମଗ୍ର ବିଶ୍ୱରେ ତୈଳ ସଙ୍କଟ ଦେଖାଦେବା ସହ ବିଶ୍ୱ ଅର୍ଥନୀତି ମଧ୍ୟ ଦୋହଲି ଯାଇଛି ଓ ତେଣୁ ଟ୍ରମ୍ପ ବାଧ୍ୟହୋଇ ଇରାନ ସହ ଶାନ୍ତି ବୁଝାମଣା କରିଛନ୍ତି । ତେବେ ଏହି ବୁଝାମଣାରୁ ଟ୍ରମ୍ପ ଇସ୍ରାଏଲକୁ ଦୂରେଇ ରଖିଛନ୍ତି। ଫଳରେ ଇସ୍ରାଏଲ ଏବେ ଏକଘରିକିଆ ହୋଇଯାଇଛି।

## ସୁନା ୩୬୫୦, ରୁପା ଦର ୧୫ ହଜାର ଟଙ୍କା କମିଲା

ଭୁବନେଶ୍ୱର, ୨୦/୦୬ (ଜେଏନ୍‌ଏସ୍) : ଭୁବନେଶ୍ୱରରେ ଶୁକ୍ରବାର ସୁନା ଓ ରୁପା ଦରରେ ବଡ଼ ଧରଣର ହ୍ରାସ ଘଟିଛି। ଅପରାହ୍ନ ସୁଦ୍ଧା ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ଦାମ୍ ୩୩୫୦ ଟଙ୍କା ହ୍ରାସ ପାଇ ୧,୩୩,୭୦୦ ଟଙ୍କା ଥିଲା। ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ଦର ୩,୬୫୦ ଟଙ୍କା ହ୍ରାସ ପାଇ ୧,୪୫,୮୬୦ ଟଙ୍କା ହୋଇଛି। ରୁପା କେଜି ମଧ୍ୟ ୧୫ ହଜାର ଟଙ୍କା କମ୍ ହୋଇ ୨,୫୫,୦୦୦ ଟଙ୍କା ହୋଇଯାଇଛି। ଆଗାମୀ ଦିନରେ ଦରରେ ସ୍ଥିରତା ଫେରିବ ବୋଲି ବିଶେଷଜ୍ଞମାନେ ଆଶା କରୁଛନ୍ତି। ଚଳିତ ମାସ ୧୬ ତାରିଖଠାରୁ ସୁନା ଓ ରୁପାଦରରେ ଯେଉଁ ହ୍ରାସର ଧାରା ଆରମ୍ଭ ହୋଇଥିଲା ତାହା ବଜାୟ ରହିଛି। ଗତ ଚାରି ଦିନରେ ୨୨ କ୍ୟାରେଟ୍ ସୁନା ୫୨୦୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ୫୬୭୦ ଟଙ୍କା ହ୍ରାସ ପାଇଛି। ଶେଷ ଥର ପାଇଁ ଚଳିତ ମାସ ୧୫ରେ ଏହି ଦୁଇ ଧାତବ ପଦାର୍ଥ ମୂଲ୍ୟ ବଢ଼ିଥିଲା। ଆଲୋଚ୍ୟ ଚାରି ଦିନରେ ରୁପା ୨୫ ହଜାର ଟଙ୍କା ଶସ୍ତା ହୋଇଛି।

# ଉପବାଚସ୍ପତିଙ୍କ ଦସ୍ତଖତ ଜାଲ୍ କରି ଫସିଲେ ଦୁଇ ବ୍ଲକ ସହକାରୀ ଯନ୍ତ୍ରୀ, ଥାନାରେ ଏତଲା



ସୁନ୍ଦରଗଡ, ୨୦/୦୬ (ଜେଏନ୍‌ଏସ୍) : ନିଜର ବଦଳି ପାଇଁ ବାଂଶପାଳ ବ୍ଲକର ଅତିରିକ୍ତ ସହକାରୀ ଯନ୍ତ୍ରୀ ମୋନାଲିସା ବେହେରା ଓ ହରିଚନ୍ଦନପୁର ବ୍ଲକ ଅତିରିକ୍ତ ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ମିଳିତ ଭାବେ ଏହି ସଙ୍ଗୀନ ଜାଲିଆତି କରିଥିବା ଏଫଆଇଆରରେ ଦର୍ଶାଯାଇଛି। ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦସ୍ତଖତକୁ ରାଜ୍ୟ ସରକାରଙ୍କ ଦୁଇଜଣ ଇଞ୍ଜିନିୟର ଜାଲିଆତି କରିଥିବା ଭଳି ସଙ୍ଗୀନ ଅଭିଯୋଗ ପଦାକୁ ଆସିଛି। ଏନେଇ କ୍ୟାପିଟାଲ ଥାନାରେ ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ଶ' ଲିଖିତ ଅଭିଯୋଗ ପରେ ପ୍ରଶାସନିକ ମହଲରେ ଝଡ଼ ସୃଷ୍ଟି ହୋଇଛି। କ୍ୟାପିଟାଲ ଥାନାରେ ଦାଏର ଏଫଆଇଆରରେ ଦର୍ଶାଯାଇଛି ଯେ, ନିଜର ବଦଳି ପାଇଁ ଦୁଇଜଣ ସରକାରୀ କର୍ମଚାରୀ(ଇଞ୍ଜିନିୟର) ବିଧାନସଭାର ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ ଓ ସରକାରୀ ପ୍ୟାଡକୁ ଅପବ୍ୟବହାରର କରିଛନ୍ତି। ବାଂଶପାଳ ବ୍ଲକର ଅତିରିକ୍ତ ସହକାରୀ ଯନ୍ତ୍ରୀ(ଏଇଇ) ମୋନାଲିସା ବେହେରା ଓ ହରିଚନ୍ଦନପୁର ବ୍ଲକ ଅତିରିକ୍ତ ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ମିଳିତ ଭାବେ ଏହି ସଙ୍ଗୀନ ଜାଲିଆତି କରିଛନ୍ତି। ସେମାନେ ନିଜର ବଦଳି ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ଓ ସଦର ବ୍ଲକକୁ କରାଇବା ପାଇଁ ଏକ ଅଭିନବ ଉପାୟ ଆପଣାଇଥିବା ଜଣାପଡ଼ିଛି। ଉପବାଚସ୍ପତିଙ୍କ କାର୍ଯ୍ୟାଳୟରୁ ସେମାନଙ୍କ ବଦଳି ସୁପାରିଶ ପାଇଁ କୌଣସି ଚିଠି ଜାରି କରାଯାଇ ନଥିଲେ ମଧ୍ୟ ସେମାନେ ଉପବାଚସ୍ପତିଙ୍କ ଅଫିସିଆଲ୍ ଡି.ଓ. ପ୍ୟାଡର ଅପବ୍ୟବହାର କରିବା ସହ ତାଙ୍କର ଜାଲ୍ ଦସ୍ତଖତ କରି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଦାଖଲ କରିଥିବା ଜଣାପଡ଼ିଛି। ଯାହାଫଳରେ ସେମାନଙ୍କର ବଦଳି ସହଜରେ ହୋଇପାରିବ। ବିଧାନସଭା ଉପବାଚସ୍ପତିଙ୍କ କାର୍ଯ୍ୟାଳୟ ଏହି ଜାଲିଆତି ବିଷୟରେ ଅବଗତ ହେବାପରେ ଏନେଇବ ବିଧିବଦ୍ଧ ଭାବେ ଥାନାରେ ମାମଲା ରୁଜୁ ହୋଇଛି। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ଶ' କ୍ୟାପିଟାଲ ଥାନା ଆଇଆଇସିଙ୍କୁ ଚିଠି ଲେଖି ଏଫଆଇଆର ରୁଜୁ କରିବା ପାଇଁ ଅନୁରୋଧ କରିଛନ୍ତି। ସେମାନଙ୍କର ଏହି କାର୍ଯ୍ୟକଳାପ ଏକ ସାଧାରଣ ଅପରାଧ ନୁହେଁ ବରଂ ସରକାରୀ ସେବା ନିୟମାବଳୀର ଉଲ୍ଲଂଘନ ଓ ଗୁରୁତର ଫୌଜଦାରୀ ମାମଲା ଅଟେ। ସରକାରୀ ପଦବୀରେ ଥାଇ ମଧ୍ୟ ଜାଲିଆତି କରିବା, ମିଥ୍ୟା ସରକାରୀ ଦସ୍ତାବିଜ ପ୍ରସ୍ତୁତି, ଓ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଉଲ୍ଲଂଘନ କରିବା ଭଳି ସଂଗୀନ ଅପରାଧରେ ଉଭୟ ଇଞ୍ଜିନିୟର ଜଡ଼ିତ ଥିବା ଏଫଆଇଆରରେ ଦର୍ଶାଯାଇଛି। ତେଣୁ ସେମାନଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ଓ ଆଇଟି ଆକ୍ଟ ଅନୁଯାୟୀ ଏଫଆଇଆର୍ ରୁଜୁ କରି ତୁରନ୍ତ କଠୋର ଆଇନଗତ ପଦକ୍ଷେପ ନେବାକୁ ପୁଲିସକୁ ଚଳତମାସ ୧୧ତାରିଖରେ ଚିଠି ଲେଖି ଅବଗତ କରାଯାଇଛି। କ୍ୟାପିଟାଲ ଥାନା ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଏହି ଦୁଇ ସରକାରୀ ଯନ୍ତ୍ରୀଙ୍କୁ ଗିରଫ କରିପାରେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଦୁଇ ବ୍ଲକ ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇପାରିନାହିଁ।

# ସୌମ୍ୟ ହତ୍ୟା ମାମଲାରେ ଏଡିଜି ଦୟାଲ ଗଙ୍ଗୱାର୍ ନିଲମ୍ବିତ



ଭୁବନେଶ୍ୱର, ୨୦/୦୬ (ଜେଏନ୍‌ଏସ୍) : ବାଲିଅନ୍ତାରେ ଜିଆର୍‌ପି କନେଷ୍ଟବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପୁଲିସ ଉପସ୍ଥିତିରେ ପିଟିପିଟି ହତ୍ୟା ମାମଲାରେ ବିବାଦୀୟ ହୋଇ ପଡ଼ିଥିବା ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଏଡିଜି ଦୟାଲ୍ ଗଙ୍ଗୱାର୍‌ଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଲମ୍ବନ କରିଛନ୍ତି। ଗଙ୍ଗୱାର୍ ନିଜ ପଦବିର ଅପବ୍ୟବହାର କରି ସୌମ୍ୟଙ୍କୁ ନିଜ ବ୍ୟକ୍ତିଗତ କାମରେ ନିୟୋଜିତ କରିବା, ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଓ ନିଜସ୍ୱ ଜିମ୍‌ରେ ଖଟାଇବା ଅଭିଯୋଗ ହୋଇଥିଲା। ଏ ନେଇ ସେ ?ମ୍ୟଙ୍କ ବାପାମାଆ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ଗଙ୍ଗୱାର୍‌ଙ୍କ ଆକ୍ରୋଶ ଯୋଗୁଁ ତାଙ୍କ ପୁଅ ସୌମ ଦରମା ମଧ୍ୟ ବନ୍ଦ କରିଦିଆଯାଇଥିଲା। ଏଥି ପାଇଁ ସେମାନେ ଗଙ୍ଗୱାର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ନଚେତ ସେମାନେ ନ୍ୟାୟ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ଚେତାବନୀ ଦେଇଥିଲେ। ଏହାକୁ ପୁଲିସ ଡିଜି ୱାଇବି ଖୁରାନିଆ ଗୁରୁତ୍ୱର ସହ ନେଇ ବରିଷ୍ଠ ଆଇପିଏସ୍ ରେଳବାଇ ଓ ସୀମାସୁରକ୍ଷା ଏଡିଜି ଅରୁଣ ବୋଥ୍ରାଙ୍କୁ ଗଙ୍ଗୱାର୍‌ଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ଦାୟିତ୍ୱ ଦେଇଥିଲେ। ଶ୍ରୀ ବୋଥ୍ରା ତାଙ୍କ ତଦନ୍ତ ରିପୋର୍ଟ ଡିଜିଙ୍କୁ ଦେବା ପରେ ଏହା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ପଠା ଯାଇଥିଲା। ଗଙ୍ଗୱାର୍‌ଙ୍କ ବିରୋଧରେ ଅଭିଯୋଗର ଯଥେଷ୍ଟ ପ୍ରମାଣ ଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ, ଗଙ୍ଗୱାର୍‌ଙ୍କ ସଂପୃକ୍ତି ଅଭିଯୋଗ ଉଠିବା ପରେ ତାଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟର ଓଏସ୍‌ଡି ଭାବେ ବଦଳି କରାଯାଇଥିଲା। ଉଲ୍ଲେଖଥାଉକି, ସୌମ୍ୟ ହତ୍ୟା ମାମଲାର ତଦନ୍ତ ଭାର ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଅନ୍ୟପକ୍ଷରେ ସୌମ୍ୟଙ୍କୁ ପୁଲିସ ସାମନାରେ ପିଟିପିଟି ହତ୍ୟା କରିବା ଘଟଣାରେ ସାମାଜିକ କର୍ମୀ ଭଜମନ ବିଶ୍ୱାଳ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ପିଟିସନ୍ ଦାୟର କରିଥିଲେ। ରାଜ୍ୟ ପୁଲିସ ଡିଜି ଓ ମୁଖ୍ୟ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସି ରିପୋର୍ଟ ମାଗିବା ସହ ନିଜଆଡୁ ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ପଠାଇଥିଲେ। ଦୁଇଜଣିଆ ଏନ୍‌ଏଚ୍‌ଆର୍‌ସି ତଦନ୍ତକାରୀ ଟିମ୍ ଓଡ଼ିଶା ଆସି ଘଟଣାସ୍ଥଳରେ ତଦନ୍ତ କରିବା ସହ ବାଲିଅନ୍ତାର ପ୍ରତ୍ୟକ୍ଷଦର୍ଶୀ ଜନତା, ସୌମ୍ୟଙ୍କ ବନ୍ଧୁ, ବାନ୍ଧବୀ, ପରିବାର ଲୋକ, ପୁଲିସ, ଜିଆର୍‌ପି ଅଧିକାରୀଙ୍କ ବୟାନ ରେକର୍ଡ କରିଥିଲେ। ଦିଲ୍ଲୀ ଫେରିବା ଦିନ ତଦନ୍ତର ଚତୁର୍ଥ ଦିନରେ ଏନ୍‌ଏଚ୍‌ଆର୍‌ସି ତଦନ୍ତକାରୀ ଟିମ୍ ଏଡିଜି ଗଙ୍ଗୱାର୍‌ଙ୍କୁ ମଧ୍ୟ ଜେରା କରିଥିଲେ।

## ମୋତେ ଛାଡ଼ି ଦିଅ : ଦୁଷ୍କର୍ମ ଓ ଧର୍ମ ପରିବର୍ତ୍ତନ ଅଭିଯୋଗ ଆଣିଲେ ବାୟୁସେନା ଅଧିକାରୀଙ୍କ ପତ୍ନୀ

ମହାରାଷ୍ଟ୍ର, ୨୦/୦୬ : ମହାରାଷ୍ଟ୍ରର ନାଗପୁରରୁ ଆସିଛି ଚକିତ କରିବା ଭଳି ଘଟଣା। ଦୁଷ୍କର୍ମ ଓ ବଳ ପୂର୍ବକ ଧର୍ମ ପରିବର୍ତ୍ତନ ଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ଭାରତୀୟ ବାୟୁସେନାରେ କାର୍ଯ୍ୟ କରୁଥିବା ଜଣେ ଅଧିକାରୀଙ୍କ ପତ୍ନୀ। ସେ ନିଜର ପୁରୁଣା ସହପାଠୀ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଦୁଷ୍କର୍ମ, ବ୍ଲାକମେଲ ଓ ବଳପୂର୍ବକ ଧର୍ମ ପରିବର୍ତ୍ତନ ଭଳି ଅଭିଯୋଗ ଆଣିଛନ୍ତି। ଘଟଣା ଘଟିବାର ପ୍ରାୟ ଦେଢ଼ ବର୍ଷ ପରେ ବାୟୁସେନା ଅଧିକାରୀଙ୍କ ପତ୍ନୀ ଏପରି ଅଭିଯୋଗ ଆଣିଛନ୍ତି। ତାଙ୍କ ଅଭିଯୋଗ ପରେ ପୁଲିସ୍ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ଜଣଙ୍କୁ ଗିରଫ କରିଛି। ଧର୍ମ ପରିବର୍ତ୍ତନରେ ସାମିଲ ଥିବା ଜଣେ ମୌଲାନାଙ୍କୁ ଧରିବା ପାଇଁ ପୁଲିସ୍ ଟିମ ମଧ୍ୟପ୍ରଦେଶକୁ ଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଆୟାଜ ମାଦାରେ ଓ ତାଙ୍କ ସହଯୋଗୀ ଆମୀନ ଶେଖ। ପୀଡ଼ିତା ଜଣଙ୍କ ଦେଇଥିବା ନିଜ ଅଭିଯୋଗରେ କହିଛନ୍ତି ଯେ ୨୦୨୫ ମସିହା ଫେବୃଆରୀ ୮ରେ ବନ୍ଧୁ ଆୟାଜ ତାଙ୍କୁ ଗୋଟିଏ ହୋଟେଲକୁ ଡାକିଥିଲେ। ଜମି କାରବାର ସମ୍ପର୍କରେ ଆଲୋଚନା ପାଇଁ ଉଭୟ ହୋଟେଲକୁ ଯାଇଥିଲେ। ହେଲେ ସେଠାରେ ଆୟାଜ ୨୪ ବର୍ଷୀୟ ମହିଳାଙ୍କ ଥଣ୍ଡା ପାନୀୟରେ କିଛି ନିଶା ମିଶାଇ ପିଆଇ ଦେଇଥିଲେ। ସେ ଏହାକୁ ପିଇ ଅଚେତ ହୋଇ ଯାଇଥିଲେ। ମହିଳା ଜଣଙ୍କ ଅଚେତ ଅବସ୍ଥାରେ ଥିବା ବେଳେ ଆୟାଜ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏଥିସହ ତାଙ୍କ ଆପତ୍ତିଜନକ ଭିଡିଓ ଓ ଫଟୋ ରେକର୍ଡ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ସେହି ଫଟୋ ଓ ଭିଡିଓ ଦେଖାଇ ଆୟାଜ ତାଙ୍କୁ ବ୍ଲାକମେଲ କରିଥିଲେ। ବ୍ଲାକମେଲ କରି ସେ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲେ ଓ ପ୍ରାୟ ୪ ଲକ୍ଷ ଟଙ୍କା ନେଇ ଯାଇଥିଲେ। ଏହି ମାମଲାରେ ସାମ୍ନାକୁ ଆସିଥିବା ଗୋଟିଏ ଭିଡିଓ ହିଁ ସବୁ କିଛି ବୟାନ କରୁଛି। ଏହି ଭିଡିଓରେ ୨୪ ବର୍ଷୀୟ ମହିଳା ଜଣଙ୍କ ଅଭିଯୁକ୍ତ ଆୟାଜ ନିକଟରେ କେମିତି ଛାଡ଼ି ଦେବାକୁ ନେହୁରା ହେଉଛନ୍ତି, ତା'ର ଦୃଶ୍ୟ ରହିଛି। ମହିଳା ଜଣଙ୍କ ମୋତେ ଛାଡ଼ି ଦିଅ, ଛାଡ଼ି ଦିଅ କହୁଥିବା ବେଳେ ଆୟାଜ ତାଙ୍କର ଦୁଇ ହାତକୁ ଧରିଛନ୍ତି। ଏଥିସହ କିଛି ଧାର୍ମିକ ମନ୍ତ୍ର ପଢ଼ି ତାଙ୍କୁ ମୁହଁକୁ ଫୁଙ୍କୁଥିବା ଦେଖାଯାଉଛି। ମହିଳା ଜଣଙ୍କ ତାଙ୍କ କବଳରୁ ଖସିବାକୁ ଚେଷ୍ଟା କରିଥିଲେ ହେଁ ସଫଳ ହୋଇ ନଥିଲେ। ଧାର୍ମିକ ମନ୍ତ୍ର ଉଚ୍ଚାରଣ ପରେ ମହିଳା ଜଣଙ୍କ ଇସଲାମ ଧର୍ମକୁ ପରିବର୍ତ୍ତନ ହୋଇଯାଇଥିବା ଆୟାଜ କହିଥିଲେ। ଏହାପରେ ସେ ତାଙ୍କୁ ପୁଣି ଦୁଷ୍କର୍ମ କରିବାକୁ ଚେଷ୍ଟା କରିଥିଲେ ବୋଲି ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ମହିଳା ଜଣଙ୍କ ତାଙ୍କ ଅଭିଯୋଗରେ ଆହୁରି ଦର୍ଶାଇଛନ୍ତି ଯେ ଆୟାଜ ସବୁବେଳେ ଗୋଟିଏ ପ୍ଲାଷ୍ଟିକ ବୋତଲରେ କିଛି ତରଳ ପଦାର୍ଥ ଆଣୁଥିଲେ ଓ ଏହାକୁ ବଳପୂର୍ବକ ତାଙ୍କୁ ପିଆଇ ଦେଉଥିଲେ। ତରଳ ସାମଗ୍ରୀ ପିଆଇବା ପରେ କିଛି ମନ୍ତ୍ର ଉଚ୍ଚାରଣ କରୁଥିଲେ ଓ ମୁହଁକୁ ଫୁଙ୍କୁ ଥିଲେ। ଏହାପରେ ତାଙ୍କୁ ଦୁଷ୍କର୍ମ କରୁଥିଲେ। ନିଜର ଅଭିଯୋଗରେ ମହିଳା ଜଣଙ୍କ ଆଉ ଗୋଟିଏ ଘଟଣା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ମେ' ୩୧ରେ ଆୟାଜ ଓ ତାଙ୍କ ସହଯୋଗୀ ମହିଳାଙ୍କୁ କଲମେଶ୍ୱର ନେଇ ଯାଇଥିଲେ। ସେଠାରେ ପୂର୍ବରୁ ମଧ୍ୟପ୍ରଦେଶର ଛିନ୍ଦୱାରେ ଜିଲ୍ଲା ଅନ୍ତର୍ଗତ ତାମିମ ଗାଁର ହଜରତ ମୌଲାନା ରହିଥିଲେ। ମୌଲାନା ଜଣଙ୍କ ମହିଳାଙ୍କୁ ସାମ୍ନାରେ ବସାଇ କିଛି ଧାର୍ମିକ ନୀତିକାନ୍ତି କରିଥିଲେ ଓ ତାଙ୍କୁ ଧର୍ମାନ୍ତୀକରଣ ପାଇଁ କବୁଲ ହୈ ଉଚ୍ଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କାମ ମହିଳାଙ୍କ ଇଚ୍ଛା ବିରୋଧରେ ହୋଇଥିବା ସେ ଅଭିଯୋଗ କରିଛନ୍ତି। ନୀତିକାନ୍ତି ପରେ ମୌଲାନା ଜଣଙ୍କ ଘୋଷଣା କରିଥିଲେ ଯେ ମହିଳା ଜଣଙ୍କ ଇସଲାମ ଧର୍ମ ଗ୍ରହଣ କରିଛନ୍ତି ଓ ତାଙ୍କର ନିକା ଆୟାଜଙ୍କ ସହ ଶେଷ ହୋଇଛି। ସେଠାରେ ତାଙ୍କୁ ମାଂସ ଖାଇବାକୁ ବାଧ କରାଯାଇଥିଲା ଓ କଲମା ଉଚ୍ଚାରଣ କରିବାକୁ କୁହାଯାଇଥିଲା। ନିକା ପରେ ମହିଳାଙ୍କୁ ଗୋଟିଏ ହୋଟେଲକୁ ନିଆଯାଇଥିଲା। ସେଠାରେ ଆୟାଜ ତାଙ୍କୁ ପୁଣି ଦୁଷ୍କର୍ମ କରିଥିଲେ। ଅଭିଯୁକ୍ତ ଆୟାଜ ତାଙ୍କ ଘରକୁ ନିୟମିତ ଆସିବା ସହ ତାଙ୍କୁ ଯୌନ ନିର୍ଯାତନା ଦେଉଥିବା ମଧ୍ୟ ସେ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୁଲିସ୍ ଅଭିଯୋଗ ପାଇବା ପରେ ଗୁଣି ଗାରେଡ଼ି ନିରୋଧ ଆଇନ, ଦୁଷ୍କର୍ମ, ଲୁଟ, ଠକେଇ, ବ୍ଲାକମେଲ ଓ ବଳପୂର୍ବକ ଧର୍ମ ପରିବର୍ତ୍ତନ ଭଳି ଦଫାରେ ମାମଲା ରୁଜୁ କରି ୨ ଜଣଙ୍କୁ ଗିରଫ କରିଛି। ନିକା ଓ ଧର୍ମ ପରିବର୍ତ୍ତନ କରିଥିବା ମୌଲାନାଙ୍କୁ ଏବେ ପୁଲିସ୍ ଖୋଜୁଛି।

## ପାସିଫିକ୍ କମାଣ୍ଡ ନାମରୁ 'ଇଣ୍ଡୋ' ଶବ୍ଦ ହଟାଇଲା ଆମେରିକା

ୱାଶିଂଟନ: ଆମେରିକା ପ୍ରତିରକ୍ଷା ବିଭାଗ ମୁଖ୍ୟାଳୟ ପେଣ୍ଟାଗନ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ନିଷ୍ପତ୍ତି କ୍ରମେ ଏହାର ସବୁଠାରୁ ବଡ଼ ଏବଂ ପୁରୁଣା ସାମରିକ କମାଣ୍ଡ 'ଇଣ୍ଡୋ-ପାସିଫିକ୍ କମାଣ୍ଡ'ର ନାମ ପରିବର୍ତ୍ତନ କରିଛି। ପରିବର୍ତ୍ତନ ପୂର୍ବକ ଏହି ନାମରୁ 'ଇଣ୍ଡୋ' ଶବ୍ଦକୁ ହଟାଯାଇ 'ୟୁଏସ୍ ପାସିଫିକ୍ କମାଣ୍ଡ' ରଖାଯାଇଛି। ପୂର୍ବରୁ ଭାରତ ମହାସାଗର ଅଞ୍ଚଳର ଗୁରୁତ୍ୱ ଏବଂ ଭାରତ ସହ ରଣନୀତିକ ସମ୍ପର୍କକୁ ଦର୍ଶାଇବା ପାଇଁ ଏହି କମାଣ୍ଡ ନାମରେ 'ଇଣ୍ଡୋ' ଶବ୍ଦ ଯୋଡ଼ାଯାଇଥିଲା। କିନ୍ତୁ ଆମେରିକାର ସାମ୍ପ୍ରତିକ ପ୍ରଶାସନ ଏହି ରଣନୀତିକ ପରିସରକୁ ପୁନର୍ବାର ସୀମିତ କରି ଏଥିରୁ ଭାରତର ସଂକେତ ହଟାଇ ଦେଇଛି। ଏହି ନାମ ପରିବର୍ତ୍ତନ ସହିତ ଆମେରିକା ସେନା ପକ୍ଷରୁ ଜାରି କରାଯାଇଥିବା ଏକ ସରକାରୀ ଦଲିଲ୍ ଓ ଉପସ୍ଥାପନାରେ ଭାରତର ଏକ ଭୁଲ୍ ମାନଚିତ୍ର ପ୍ରଦର୍ଶନ କରାଯାଇଛି ଯାହାକୁ ନେଇ ବିବାଦ ଦେଖାଦେଇଛି। ଆମେରିକା ସେନାର ଅଫିସିଆଲ୍ ସ୍ଲାଇଡ୍ ଏବଂ ଗ୍ରାଫିକ୍ସରେ ଜାମ୍ମୁ-କାଶ୍ମୀର ଏବଂ ଲଦାଖର କିଛି ଅଂଶକୁ ଭାରତର ମାନଚିତ୍ରରୁ ବାଦ୍ ଦିଆଯାଇଥିବା ଦେଖିବାକୁ ମିଳିଛି ଯାହା ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାର ବିରୋଧାଚରଣ କରୁଛି।

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା : ଆତ୍ମହତ୍ୟା କରିଥିବା ପରୀକ୍ଷାର୍ଥୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଦାବି କଲା 'ସିଜେପି'

ନୂଆଦିଲ୍ଲୀ, ୨୦/୦୬ : ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦ ଭିତରେ ଗତ ଏକ ସପ୍ତାହ ମଧ୍ୟରେ ୧୧ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିବା ଘଟଣା ସାରା ଦେଶକୁ ଚକିତ କରିଦେଇଛି। ଏହି ସାଂଘାତିକ ସ୍ଥିତିକୁ ନେଇ ସିଜେପି (କକରୋଚ୍ ଜନତା ପାର୍ଟି)ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଖୋଲା ଚିଠି ଲେଖିଛନ୍ତି। ଚିଠିରେ ସେ ବ୍ୟବସ୍ଥାର ବିଫଳତା ଯୋଗୁଁ ଜୀବନ ହାରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପରିବାରକୁ ୧କୋଟି ଟଙ୍କା ଲେଖାଏଁ ଆର୍ଥିକ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଇସ୍ତଫାଦାବି କରିବା ସହ ଏଭଳି ସ୍ଥିତି ପାଇଁ ଦାୟିତ୍ୱରେ ଥିବା ନେତୃତ୍ୱକୁ ଜବାବଦାର କରିବାକୁ ସେ କହିଛନ୍ତି। ଅଭିଜିତ୍ ଦୀପକେ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ମୃତ ଛାତ୍ରଛାତ୍ରୀଙ୍କ ପରିବାରର ଆର୍ଥିକ ସ୍ଥିତି ଏବେ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଅନେକ ପରିବାର ବଡ଼ ବଡ଼ ଶିକ୍ଷା ଋଣ ନେଇଥିଲେ, କିନ୍ତୁ ବ୍ୟବସ୍ଥାର ତ୍ରୁଟି କାରଣରୁ ସେମାନଙ୍କ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଇଛି। ପୁଣିଥରେ ପରୀକ୍ଷା ଦେବାର ମାନସିକ ଚାପରେ ପିଲାମାନେ ଏଭଳି ଚରମ ନିଷ୍ପତ୍ତି ନେଉଛନ୍ତି ଏବଂ ଗତ ୪୮ଘଣ୍ଟା ମଧ୍ୟରେ ହିଁ ୫ଜଣ ପିଲା ଜୀବନ ହାରିଲେଣି। ଯଦି ସରକାର ଏବେ କୌଣସି ଦୃଢ଼ ପଦକ୍ଷେପ ନନିଅନ୍ତି, ତେବେ ଏହା ସାଧାରଣ ଲୋକଙ୍କ ବିଶ୍ୱାସ ଭାଙ୍ଗିଦେବ ଏବଂ ପ୍ରଶାସନ ଏହି ଭୁଲ ବ୍ୟବସ୍ଥାକୁ ଗ୍ରହଣ କରିନେଇଛି ବୋଲି ବାର୍ତ୍ତା ଯିବ।

# ଭାରତ ଉପରେ ଆକ୍ରମଣ ହେଲେ ଆମେରିକା କରିବ ସହାୟତା : ଟ୍ରମ୍ପ




ନୂଆଦିଲ୍ଲୀ, ୨୦/୦୬ : ମୋଦି ସମୁଦ୍ରରେ କାର୍ଯ୍ୟରତ ଲକ୍ଷାଧିକ ଭାରତୀୟ ନାବିକଙ୍କ ସୁରକ୍ଷା ଭାରତ ପାଇଁ ସର୍ବୋଚ୍ଚ ପ୍ରାଥମିକତା ବୋଲି ଟ୍ରମ୍ପଙ୍କୁ ଜଣାଇଛନ୍ତି। ମଧ୍ୟପ୍ରାଚ୍ୟର ବିଭିନ୍ନ ସମୁଦ୍ରରେ ଭାରତୀୟ କ୍ରୁ ସଦସ୍ୟ ରହିଥିବା ଜାହାଜ ଉପରେ ହେଉଥିବା ଆକ୍ରମଣକୁ ନେଇ ମଧ ମୋଦି ଚିନ୍ତା ପ୍ରକଟ କରିଛନ୍ତି। ସର୍ବସମ୍ମୁଖରେ ଭାରତକୁ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱରେ ଥିବା ସମୟରେ ଯଦି ଭାରତ ଉପରେ ଆକ୍ରମଣ ହୁଏ, ତା'ହେଲେ ଆମେରିକା ନିଶ୍ଚିତ ଭାବେ ସହଯୋଗ କରିବାକୁ ଆଗେଇ ଆସିବ ବୋଲି ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆଜି ଜି-୭ ଶିଖର ସମ୍ମିଳନୀ ସମୟରେ ଟ୍ରମ୍ପ ଫ୍ରାନ୍ସରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହାପରେ ସେ ମୋଦିଙ୍କ ସହ ଭଲ ଆଲୋଚନା ହୋଇଛି ଓ ଆଗକୁ ୱାଶିଂଟନ ଏବଂ ଦିଲ୍ଲୀ ରଣନୀତିକ ଦୃଷ୍ଟିରୁ ପରସ୍ପର ସହଯୋଗରେ କାର୍ଯ୍ୟ କରିବେ ବୋଲି ସଙ୍କେତ ଦେଇଛନ୍ତି। ଏହି ସମୟରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ "ଯଦି ମୋଦି ଦାୟିତ୍ୱରେ ଥିବେ ଓ ଭାରତ ଉପରେ ଆକ୍ରମଣ ହେବ, ତା'ହେଲେ ଆମେ ନିଶ୍ଚିତ ସେଠାରେ ସହାୟତା ପାଇଁ ପହଞ୍ଚିବୁ।" ଏହାପରେ ଟ୍ରମ୍ପ ସିଧାସଳଖ ମୋଦିଙ୍କ ଆଡ଼କୁ ଇଙ୍ଗିତ କରି କହିଛନ୍ତି ଯେ "ଯଦି ଏହି ବ୍ୟକ୍ତି(ମୋଦି)ଙ୍କୁ କେହି ଆକ୍ରମଣ କରିବେ, ଆମେ ସେଠାରେ ପହଞ୍ଚିବୁ। ଏବେ, ଯଦି ସେଠାରେ ନୂଆ ନେତା କେହି ଆସିବେ, ତା'ହେଲେ ମୁଁ ସହାୟତାକୁ ନେଇ ନିଶ୍ଚିତ ନୁହେଁ।" ଅନ୍ୟପକ୍ଷରେ ଦୁଇ ନେତା ଦ୍ୱିପାକ୍ଷିକ ଆଲୋଚନା ବେଳେ ବାଣିଜ୍ୟ, ଆର୍ଥିକ ସହଭାଗିତା ଓ ଆଞ୍ଚଳିତ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମୋଦିଙ୍କ ବୁଝାମଣା ଦକ୍ଷତାର ପ୍ରଶଂସା କରି କହିଛନ୍ତି ଯେ "ଭାରତ-ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନାରେ ମୋଦି ଜଣେ ଦୃଢ଼ ଓ ଦକ୍ଷ ବ୍ୟବସାୟୀ। ତଥାପି ୱାଶିଂଟନ ଓ ନୂଆଦିଲ୍ଲୀ ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ନେଇ ଆଲୋଚନା ଜାରି ରହିଛି।" ଦ୍ୱିପାକ୍ଷିକ ଆଲୋଚନା ସମୟରେ ମୋଦି ସମୁଦ୍ରରେ କାର୍ଯ୍ୟରତ ଲକ୍ଷାଧିକ ଭାରତୀୟ ନାବିକଙ୍କ ସୁରକ୍ଷା ଭାରତ ପାଇଁ ସର୍ବୋଚ୍ଚ ପ୍ରାଥମିକତା ବୋଲି ଟ୍ରମ୍ପଙ୍କୁ ଜଣାଇଛନ୍ତି। ମଧ୍ୟପ୍ରାଚ୍ୟର ବିଭିନ୍ନ ସମୁଦ୍ରରେ ଭାରତୀୟ କ୍ରୁ ସଦସ୍ୟ ରହିଥିବା ଜାହାଜ ଉପରେ ହେଉଥିବା ଆକ୍ରମଣକୁ ନେଇ ମଧ ମୋଦି ଚିନ୍ତା ପ୍ରକଟ କରିଛନ୍ତି। ମୋଦି କହିଛନ୍ତି, "ଆମେ ସବୁବେଳେ କହିଆସୁଛୁ ଯେ ସମୁଦ୍ର ପଥରେ ଅବଧା ନୌଚଳାଚଳ ସୁନିଶ୍ଚିତ ହେବା ଦରକାର। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଲକ୍ଷାଧିକ ଭାରତୀୟ ନାବିକ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ସୁରକ୍ଷା ମଧ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଇରାନ ସହ ଆମେରିକା କରିବାକୁ ଯାଉଥିବା ଶାନ୍ତି ଚୁକ୍ତିରେ ନାବିକମାନଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ମୋର ଆଶା।" ଏହାର ଉତ୍ତରରେ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଭାରତୀୟ ନାବିକମାନଙ୍କ ସୁରକ୍ଷା ପ୍ରସଙ୍ଗରେ ଆମେରିକା ନିଶ୍ଚିତ ଭାବେ ଭାରତ ସହ ମିଶି କାମ କରିବ।

## ନାଇଜର ବିମାନବନ୍ଦରରେ ବନ୍ଧୁକଧାରୀଙ୍କ ଆକ୍ରମଣ; ୩୫ ମୃତ

ନାଇଜର, ୨୦/୦୬ : ଗୁରୁବାର ନାଇଜରର ସବୁଠାରୁ ବଡ଼ ବିମାନବନ୍ଦରରେ ବନ୍ଧୁକଧାରୀମାନଙ୍କ ଆକ୍ରମଣରେ ୩୫ ଜଣଙ୍କର ମୃତ୍ୟୁ ହୋଇଛି। ଗତ ପାଞ୍ଚ ମାସରୁ କମ୍ ସମୟ ମଧ୍ୟରେ ଏହା ଦ୍ୱିତୀୟ ଆକ୍ରମଣ। ରାଜଧାନୀ ନିଆମେରେ ଅଧିକାଂଶ ବାସିନ୍ଦା ମୁସଲିମ୍ ହୋଇଥିବାବେଳେ ସେମାନେ 'ବିବିସି'କୁ ଦେଇଥିବା ସୂଚନା ଅନୁଯାୟୀ, ସକାଳର ପ୍ରାର୍ଥନା ପରେ ଡିଓରି ହାମାନି ଅନ୍ତର୍ଜାତୀୟ ବିମାନବନ୍ଦରରେ ଗୁଳିଚାଳନାର ଶବ୍ଦ ଶୁଣିଥିଲେ। ନାଇଜର ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ମୃତକଙ୍କ ମଧ୍ୟରେ ୨୨ ଜଣ ଆକ୍ରମଣକାରୀ, ୧୧ ଜଣ ସୈନିକ ଓ ୨ ଜଣ ନାଗରିକ ଅଛନ୍ତି। ଗୁରୁବାର ଘଟିଥିବା ହିଂସା ସକାଳ ସୁଦ୍ଧା ସ୍ଥଗିତ ହୋଇଯାଇଥିଲା। ଏହି ଆକ୍ରମଣ ପାଇଁ ଆଲ-କାଏଦା ସହିତ ଜଡ଼ିତ ଜମାତ୍ ନୁସରତ୍ ଅଲ-ଇସଲାମ ୱାଲ-ମୁସଲିମିନ୍ (ଜେଏନ୍ଆଇଏମ୍) ନିଜକୁ ଦାୟୀ କରିଛି।

## ଇରାନ ନିୟନ୍ତ୍ରଣରେ ରହିବ ହର୍ମୁଜ

ୱାଶିଂଟନ: ବିଶ୍ୱବ୍ୟାପୀ ତୈଳ ପରିବହନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ହର୍ମୁଜ ପ୍ରଣାଳୀ ଇରାନର ସଂପୂର୍ଣ୍ଣ ନିୟନ୍ତ୍ରଣରେ ରହିବ ବୋଲି ଆମେରିକା ଗୁଇନ୍ଦା ସଂସ୍ଥାର ଏକ ରିପୋର୍ଟରେ ଦର୍ଶାଯାଇଛି। ଆମେରିକା ଗୁଇନ୍ଦା ବିଭାଗ ରିପୋର୍ଟ ଅନୁଯାୟୀ ଇରାନ୍? ସହ ଆମେରିକାର ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବାକୁ ଯାଉଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଉପରେ ଇରାନର ସଂପୂର୍ଣ୍ଣ ନିୟନ୍ତ୍ରଣ ରହିବ। ଇରାନ ଯେତେବେଳେ ଚାହିଁବ ହର୍ମୁଜ ପ୍ରଣାଳୀକୁ ବନ୍ଦ କରି ଦେଇ ପାରିବ। ହର୍ମୁଜ ଉପରେ ଇରାନର ସଂପୂର୍ଣ୍ଣ ନିୟନ୍ତ୍ରଣ ରହିବାକୁ ନେଇ ଆମେରିକାର କେତେକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆମେରିକା ସହ ଯୁଦ୍ଧ ସମୟରେ ଇରାନ ତରଫରୁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ବିଭିନ୍ନ ସେନା ଘାଟି ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏଥିରୁ ଇରାନ ସେନାର ଦକ୍ଷତା କେତେ ତାହା ଜଣା ପଡ଼ିଥିବା ବେଳେ ଆଗାମୀ ଦିନରେ ହର୍ମୁଜ ପ୍ରଣାଳୀ ଉପରେ ଇରାନର ପୂର୍ଣ୍ଣ ନିୟନ୍ତ୍ରଣ ଆମେରିକାର ଚିନ୍ତା ବଢ଼ାଇବ। ସୂଚନାଥାଉ କି ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଇରାନ ସହ ହେବାକୁ ଥିବା ଚୁକ୍ତି ସମ୍ପର୍କରେ କହିଥିଲେ ଭବିଷ୍ୟତରେ ଇରାନ ଆଣବିକ ଅସ୍ତ୍ର ପ୍ରସ୍ତୁତ କରିବ ନାହିଁ ବୋଲି ସର୍ତ୍ତ ରହିଛି। ସେହିପରି ହର୍ମୁଜ ପ୍ରଣାଳୀ ଦେଇ ତୈଳବାହୀ ଜାହାଜ ଚଳାଚଳ ସ୍ୱାଭାବିକ କରିବାକୁ ଚୁକ୍ତିରେ ଦର୍ଶାଯାଇଛି। ଯଦି ଇରାନ ସର୍ତ୍ତ ପାଳନ କରେ ତେବେ ତାକୁ ଚୁକ୍ତି ଅନୁଯାୟୀ ସମସ୍ତ ଆର୍ଥିକ ସୁବିଧା ପ୍ରଦାନ କରାଯିବ।

## ଡ୍ରୋନ ମାଡ଼ରେ ଜଳିଲା ମସ୍କୋ ଅଏଲ ରିଫାଏନାରୀ

ମସ୍କୋ, ୨୦/୦୬ : ୟୁକ୍ରେନ ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରିଛି। ମସ୍କୋର କାପୋଟନିଆ ଜିଲାରେ ଥିବା ଏକ ତୈଳ ବିଶୋଧନାଗାରରେ ଏକ ୟୁକ୍ରେନୀୟ ଡ୍ରୋନ ଆକ୍ରମଣ କରିଛି; ଏହି ବିଶୋଧନାଗାର ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ପ୍ରକ୍ରିୟାକରଣ ସୁବିଧା ମଧ୍ୟରୁ ଗୋଟିଏ। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଭିଡିଓଗୁଡ଼ିକରେ ଇନ୍ଧନ ସଂରକ୍ଷଣ ଟ୍ୟାଙ୍କରେ ଏକ ବଡ଼ ବିସ୍ଫୋରଣ ଦେଖାଯାଇଛି, ଯାହା ଏହାର ଛାତକୁ ବାୟୁକୁ ଉଡ଼ାଇ ଦେଇ ନିଆଁ ଲଗାଇ ଦେଉଛି। ପରବର୍ତ୍ତୀ ସମୟରେ, ରିଫାଇନାରୀରୁ ନିଆଁ ଏବଂ କଳା ଧୂଆଁ ଉଠିଥିବା ଦେଖାଯାଇଛି। ସୋସିଆଲ ମିଡିଆରେ ପ୍ରସାରିତ ଆକ୍ରମଣର ଫୁଟେଜରେ ଏକ ୟୁକ୍ରେନୀୟ ଆକ୍ରମଣ ଡ୍ରୋନ ମସ୍କୋ ତୈଳ ବିଶୋଧନାଗାରରେ ଥିବା ଷ୍ଟୋରେଜ ଟ୍ୟାଙ୍କକୁ ଆଘାତ କରୁଥିବା ଦେଖାଯାଇଛି, ଯାହା ଟ୍ୟାଙ୍କ ଢାଙ୍କୁଣିକୁ ଶହ ଶହ ଫୁଟ ଉପରକୁ ଉଡ଼ାଇ ଦେଉଛି। ମସ୍କୋରୁ ଭିଡିଓଗୁଡ଼ିକ ବିସ୍ଫୋରଣର ପରବର୍ତ୍ତୀ ପରିସ୍ଥିତି ପ୍ରକାଶ କରେ।

## ଏଲନ ମସ୍କ ବନିଲେ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ତାଇୱାନ ଠାରୁ ଅଧିକ ସମ୍ପତ୍ତିର ମାଲିକ



ନୂଆଦିଲ୍ଲୀ, ୨୦/୦୬ : ପୂର୍ବରୁ ବିଶ୍ୱ ଧନୀ ତାଲିକାରେ ଯାହା ଘଟି ନଥିଲା, ଏବେ ସେମିତି କିଛି ଘଟିଛି। ବିଶ୍ୱର କୌଣସି ଧନୀ ଯେଉଁ ସଫଳତା ପାଇ ନଥିଲେ, ଏବେ ଟେସଲା ଓ ସ୍ପେସଏକ୍ସ ମୁଖ୍ୟ ଏଲନ ମସ୍କ ତାହା ହାସଲ କରିଛନ୍ତି। ମସ୍କ ବନି ଯାଇଛନ୍ତି ବିଶ୍ୱର ପ୍ରଥମ ଟ୍ରିଲିୟନେୟାର। ସ୍ପେସଏକ୍ସର ଆଇପିଓ ପରେ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟର ମୂଲ୍ୟ ବୃଦ୍ଧି ପାଇଛି। ଏବେ ତାଙ୍କ ମୋଟ ସମ୍ପତ୍ତିର ପରିମାଣ ୧.୧ ଟ୍ରିଲିୟନ ଡଲାର ଅତିକ୍ରମ କରି କରି ଯାଇଛି।

କମ୍ପାନୀ ଦାଖଲ କରିଥିବା ତଥ୍ୟ ଓ ଫୋର୍ବସର ଆକଳନ କହିଛି ଯେ ସ୍ପେସଏକ୍ସ ଶେୟାର ବଜାରରେ ଟ୍ରେଡିଂ କରିବା କ୍ଷଣି ମସ୍କଙ୍କ ମୋଟ ସମ୍ପତ୍ତି ପ୍ରାୟ ୧.୧ ଟ୍ରିଲିୟନ ଡଲାରରେ ପହଞ୍ଚି ଯାଇଛି। ରକେଟ୍, ସ୍ୟାଟେଲାଇଟ୍ ଓ କୃତ୍ରିମ ବୁଦ୍ଧିମତା ବା ଏଆଇ କ୍ଷେତ୍ରରେ କାର୍ଯ୍ୟରତ ସ୍ପେସଏକ୍ସ ମସ୍କଙ୍କ ସମ୍ପତ୍ତିକୁ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସ୍ପେସଏକ୍ସ ଆଇପିଓ ପୂର୍ବରୁ ମସ୍କଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ୯୭୧ ବିଲିୟନ ଡଲାର ଥିଲା। ଏହି ସମୟରେ ଧନୀ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ଆଲଫାବେଟର ସହ ପ୍ରତିଷ୍ଠାତା ଲାରୀ ପେଜଙ୍କ ପାଖରେ ପ୍ରାୟ ୩୦୪ ବିଲିୟନ ଡଲାର ରହିଥିଲା। ଅର୍ଥାତ୍ ମସ୍କ ପୂର୍ବରୁ ହିଁ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତିଠାରୁ ତିନିଗୁଣରୁ ଅଧିକ ସମ୍ପତ୍ତିର ମାଲିକ ହୋଇ ରହିଥିଲେ। ଏବେ ଏହା ଆହୁରି ବଢ଼ି ଯାଇଛି। ମସ୍କଙ୍କ ସମ୍ପତ୍ତି ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ଅନେକ ଦେଶର ବାର୍ଷିକ ଅର୍ଥନୀତି ଠାରୁ ମଧ ଏହା ଅଧିକ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବା ଆଇଏମଏଫର ଆକଳନ ଅନୁଯାୟୀ, ବର୍ତ୍ତମାନ ତାଇୱାନ ପ୍ରାୟ ୯୭୬.୭ ବିଲିୟନ ଡଲାରର ଅର୍ଥନୀତି। ହେଲେ ମସ୍କ ତାଇୱାନ ଭଳି ଦେଶର ମୋଟ ଅର୍ଥନୀତି ଠାରୁ ଅଧିକ ଧନୀ। ତାଇୱାନ ବିଶ୍ୱ ଏଆଇ ଚିପ୍ସ ଓ ସେମି କଣ୍ଡକ୍ଟର ଉତ୍ପାଦନର ପ୍ରମୁଖ କେନ୍ଦ୍ର। ତଥାପି ସ୍ପେସଏକ୍ସର ମାଲିକ ତାଇୱାନକୁ ପଛରେ ପକାଇ ଦେଇଛନ୍ତି। ଖାଲି ସେତିକି ନୁହେଁ, ମସ୍କଙ୍କ ଭାରତର ମୋଟ ଜିଡିପିର ଏକ ଚତୁର୍ଥାଂଶ ସହ ସମାନ। ଭାରତର ଜିଡିପି ଏବେ ୪.୧୫ ଟ୍ରିଲିୟନ ଡଲାର। ସ୍ପେସଏକ୍ସର ୭୫ ବିଲିୟନ ଡଲାରର ଐତିହାସିକ ଆଇପିଓ ମସ୍କଙ୍କ ସମ୍ପତ୍ତିରେ ସବୁଠାରୁ ବଡ଼ ବୃଦ୍ଧି ଘଟାଇଛି। ବର୍ତ୍ତମାନ ସ୍ପେସଏକ୍ସରେ ତାଙ୍କ ଶେୟାରର ମୂଲ୍ୟ ପ୍ରାୟ ୮୬୬ ବିଲିୟନ ଡଲାର ରହିଛି। ଏହା ତାଙ୍କ ମୋଟ ସମ୍ପତ୍ତିର ସବୁଠାରୁ ବଡ଼ ଅଂଶ। ଏହାବାଦ ଟେସଲା ଓ ଅନ୍ୟାନ୍ୟ କମ୍ପାନୀରେ ମଧ ମସ୍କଙ୍କ ଭାଗ ରହିଛି। ଏସବୁକୁ ମିଶାଇଲେ, ତାଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୧.୧ ଟ୍ରିଲିୟନ ଡଲାର ହୋଇଯାଇଛି। ୧୯୭୧ ମସିହାରେ ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ଜନ୍ମଗ୍ରହଣ କରିଥିବା ମସ୍କ ଆମେରିକାର ପେନସିଲଭାନିଆ ବିଶ୍ୱବିଦ୍ୟାଳୟରୁ ୧୯୯୭ରେ ଡିଗ୍ରୀ ହାସଲ କରିଥିଲେ। ଏବେ ସେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇ ରହିଛନ୍ତି।

## ଦୁଇ ବିଏସ୍ଏଫ୍ ଯବାନଙ୍କୁ ୪୨ ବର୍ଷ ଜେଲ୍

ଆଇଜଲ, ୨୦/୦୬ : ମିଜୋରାମର ଏକ ଜିଲାକୋର୍ଟ ୯ ବର୍ଷ ପୁରୁଣା ଏକ ଗଣଦୁଷ୍କର୍ମ ମାମଲାରେ ୨ଜଣ ବିଏସ୍ଏଫ୍ ଯବାନଙ୍କୁ ୪୨ ବର୍ଷ କାରାଗାରରେ ରଖିବାକୁ ରାୟ ଶୁଣାଇଛନ୍ତି। କୋର୍ଟ ୨୦୧୭ ମସିହାରେ ଜଣେ ସ୍ଥାନୀୟ ମହିଳାଙ୍କ ସହିତ ଗଣଦୁଷ୍କର୍ମ ମାମଲାରେ ଏହି ରାୟ ଆସିଛି। ଆଇଜଲର ଅତିରିକ୍ତ ଜିଲା ଓ ସେସନ୍ ଜଜ ଦୁଇଜଣ ଯବାନଙ୍କୁ ଗଣଦୁଷ୍କର୍ମ ମାମଲାରେ ଦୋଷୀ ବୋଲି ରାୟ ଦେଇଛନ୍ତି। ୨୦୧୭ ଜୁଲାଇରେ ପୀଡ଼ିତା ମହିଳାଜଣକ ନିଜ ବନ୍ଧୁ ସହିତ ବାଂଲାଦେଶ ସୀମା ସ୍ଥିତ ମମିତା ଜିଲାର ଗାସ୍କାଟା ନଦୀ କୂଳରେ ଥିବା ଜଙ୍ଗଲକୁ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଇଥିଲେ। ସେହି ସମୟରେ ସ୍ଥାନୀୟ ସୀମା ଶିବିରରେ ମୁତୟନ ଯବାନ ନୀଳାଞ୍ଜନ ଦାସ ଓ ଦିନେଶ କୁମାର ଦୁଇ ମହିଳାଙ୍କୁ ଘେର ... ଯାଇଥିଲେ। ଯବାନମାନେ ଜଣେ ମହିଳାଙ୍କ



ସହିତ ଦୁଷ୍କର୍ମ କରିଥିଲେ। ଏହା ପରେ ସେମାନେ ନିଜ ପରିଚୟ ଲୁଚେଇବାକୁ ପୀଡ଼ିତାଙ୍କ ଦୃଷ୍ଟିଶକ୍ତି ନଷ୍ଟ କରିବାକୁ ତାଙ୍କ ମୁହଁ ଉପରେ ଏସିଡ ପକାଇ ଦେଇଥିଲେ। ଏହି ଭୟଙ୍କର ଘଟଣା ପରେ ପୀଡ଼ିତା ବଞ୍ଚି ଯାଇଥିଲେ ମଧ ତାଙ୍କ ଚେହେରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଓ ସେ ସବୁ ଦିନ ପାଇଁ ଦୃଷ୍ଟିଶକ୍ତି ହରାଇଥିଲେ। ଏହି ଗଣଦୁଷ୍କର୍ମ ସମୟରେ ତାଙ୍କ ବନ୍ଧୁ ରହସ୍ୟମୟ ଭାବେ ନିଖୋଜ ହୋଇଯାଇଥିଲେ। ୧୧ ଦିନ ପରେ ଗ୍ରାମ୍ୟ ପ୍ରତିରକ୍ଷା ପାର୍ଟି ଓ ରାଜ୍ୟ ପୋଲିସ ବହୁ ଖୋଜାଖୋଜି କରିବା ପରେ ପୀଡ଼ିତାଙ୍କ ବନ୍ଧୁର ଗଳିତ ଶବ ଜଙ୍ଗଲରୁ ଉଦ୍ଧାର କରିଥିଲେ। ଯବାନମାନେ ଉକ୍ତ ମହିଳାଙ୍କୁ ହତ୍ୟା କରିଥିବା ପ୍ରମାଣ କରିବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ ପ୍ରମାଣ ଅଭାବରୁ କୋର୍ଟ ଯବାନଙ୍କୁ ହତ୍ୟା ମାମଲାରେ ଦୋଷମୁକ୍ତ କରିଦେଇଥିଲେ। ତଦନ୍ତ ରିପୋର୍ଟ, ୧୮ ସାକ୍ଷୀ ତଥା ମେଡିକାଲ ରିପୋର୍ଟ ଆଧାରରେ ଦୁଇ ଯବାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କୋର୍ଟ ମୋଟ ୪୨ ବର୍ଷ କଠୋର କାରାଦଣ୍ଡାଦେଶ ଓ ୬୦ ହଜାର ଟଙ୍କା ଲେଖାଏଁ ଜୋରିମାନା ରାୟ ଶୁଣାଇଥିଲେ।

# ଦିଦିଙ୍କ ପରେ ଉଦ୍ଧବ ଠାକେରଙ୍କ କ୍ୟାମ୍ପରେ ବିଦ୍ରୋହ, ଦଳ ବଦଳାଇବେ ଅନେକ ସାଂସଦ !



ମହାରାଷ୍ଟ୍ର, ୨୦/୦୬ : ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହ ସମ୍ପର୍କରେ ଠାକରେ କହିଛନ୍ତି ଯେ ଯେଉଁମାନେ ବାଲ ଠାକରେଙ୍କ ଦ୍ୱାରା ପ୍ରତିଷ୍ଠିତ ଦଳକୁ ଛାଡ଼ି ଯାଇଛନ୍ତି, ସେମାନେ ନିଶ୍ଚିତ ଭାବେ ଅନୁତାପ କରିବେ। ହେଲେ ସେତେବେଳକୁ ବହୁତ ବିଳମ୍ବ ହୋଇ ସାରିଥିବ। ମମତା ବାନାର୍ଜୀଙ୍କ ଟିଏମସି ଭଳି ସ୍ଥିତି ଉଦ୍ଧବ ଠାକରେଙ୍କ ଶିବସେନା(ୟୁବିଟି)ରେ ଦେଖିବାକୁ ମିଳିଛି। ଦଳର ମୁଖ୍ୟ ଉଦ୍ଧବ ଠାକରେଙ୍କ ବିଶ୍ୱସ୍ତ ଭାବେ ଜଣାଶୁଣା ଅନେକ ସାଂସଦ ଏବେ ନିଜର ପଟ ପରିବର୍ତ୍ତନ କରିବା ମୁଡରେ ଥିବା ରିପୋର୍ଟ ପ୍ରକାଶ ପାଇଛି। ଦିନକ ତଳେ ଉଦ୍ଧବ ଠାକେର ସାଂସଦଙ୍କ ବୈଠକ ଡାକିଥିଲେ ହେଁ ଏଥିରେ କିଛି ଜଣ ଯୋଗ ଦେଇ ନଥିଲେ। ତେଣୁ ସେହି ସାଂସଦମାନେ ବିଜେପି ଆଡ଼କୁ ଢଳୁ ଥିବା କୁହାଯାଉଛି। ଏହି ଚର୍ଚ୍ଚା ଭିତରେ ପ୍ରଥମ ଥର ମୁହଁ ଖୋଲିଛନ୍ତି ଉଦ୍ଧବ ଠାକରେ। ଯଦି କେହି ଦଳ ଛାଡ଼ିବାକୁ ଚାହୁଁଛନ୍ତି, ତା'ହେଲେ ସେ କାହାକୁ ନିଜ ପାଖରେ ରହିବାକୁ ବାଧ କରିବେ ନାହିଁ ବୋଲି ଉଦ୍ଧବ ଠାକରେ ସ୍ପଷ୍ଟ କରିଛନ୍ତି।

ରବିବାର ଦଳୀୟ ସାଂସଦଙ୍କ ବୈଠକକୁ ଅଧକ୍ଷତା କରିବା ବେଳେ ଉଦ୍ଧବ ଠାକରେ ୨୦୨୨ରେ ଶିବସେନାରେ ଦେଖାଯାଇଥିବା ବିଭାଜନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ତାଙ୍କ କହିବା କଥା ଥିଲା ଯେ ସର୍ବସମ୍ମୁଖକୁ ଦଳର ବିଦ୍ରୋହ ଆସିବା ପୂର୍ବରୁ ସେ ବହୁତ ଆଗରୁ ଏହାକୁ ଅନୁଭବ କରି ସାରିଥିଲେ। କିନ୍ତୁ ସେ କାହାକୁ ବି ନିଜ ପାଖରେ ରହିବାକୁ ବାଧ କରି ନଥିଲେ। ଆଜିର ଦିନ ମୋର ହୋଇ ନପାରେ। କିନ୍ତୁ ଆସନ୍ତାକାଲି ନିଶ୍ଚିତ ମୋର ଦିନ ଆସିବ। ସେ ଯାଏ ଆପଣଙ୍କୁ ସବୁ ସହ୍ୟ କରିବାକୁ ପଡ଼ିବ ବୋଲି ଠାକରେ ସମସ୍ତଙ୍କୁ କହିଥିଲେ। ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହ ସମ୍ପର୍କରେ ଠାକରେ କହିଛନ୍ତି ଯେ ଯେଉଁମାନେ ବାଲ ଠାକରେଙ୍କ ଦ୍ୱାରା ପ୍ରତିଷ୍ଠିତ ଦଳକୁ ଛାଡ଼ି ଯାଇଛନ୍ତି, ସେମାନେ ନିଶ୍ଚିତ ଭାବେ ଅନୁତାପ କରିବେ। ହେଲେ ସେତେବେଳକୁ ବହୁତ ବିଳମ୍ବ ହୋଇ ସାରିଥିବ। ସେ କହିଛନ୍ତି, "ମୁଁ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲି। ଲୋକମାନେ ଭାବୁଥିଲେ ଯେଁ ମୁଁ ସତରେ କିଛି ଜାଣିପାରୁ ନଥିଲି ? ସେତେବେଳେ କ'ଣ ସବୁ ଘଟୁଥିଲା, ତା'ର ସୁରକା ମୁଁ ପାଇ ସାରିଥିଲି। କିନ୍ତୁ ମୁଁ କାହାକୁ ବି ପଦୁଟିଏ କହି ନଥିଲି।

ସେମାନଙ୍କ ଉପରେ ଚାପ ପକାଇ ନଥିଲି। ସେମାନଙ୍କ ଦୁର୍ନୀତିର ଫାଇଲ ତଦନ୍ତ ପାଇଁ ବି ଖୋଲି ନଥିଲି। ଯଦି କେହି ଛାଡ଼ି ଚାଲି ଯିବାକୁ ନିଷ୍ପତ୍ତି ନେଇଛି, ତା'ହେଲେ ତାଙ୍କୁ ବଳ ପୂର୍ବକ ରଖିଲେ ଲାଭ କ'ଣ ? ଯଦି କେହି ଯିବାକୁ ଚାହୁଁଛନ୍ତି, ତା'ହେଲେ ସେମାନେ ମୁକ୍ତ ଭାବେ ଛାଡ଼ି ଚାଲି ଯାଇ ପାରିବେ। ମୁଁ କେବଳ ସେମାନଙ୍କୁ ଶୁଭେଚ୍ଛା ଜଣାଇବି।"

ଶିବସେନା (ଉଦ୍ଧବ ଠାକରେ) ଗୋଷ୍ଠୀର ୯ ଲୋକସଭା ସାଂସଦଙ୍କ ମଧ୍ୟରୁ କେବଳ ୪ ଜଣ ଉଦ୍ଧବ ଠାକେରଙ୍କ ଘରେ ପହଞ୍ଚି ରବିବାର ବୈଠକରେ ସାମିଲ ହୋଇଥିଲେ। ସଞ୍ଜୟ ରାଉତଙ୍କ ସମେତ ସାଂସଦ ଅରବିନ୍ଦ ସାୱନ୍ତ, ଅନୀଲ ଦେଶାଇ, ରାଜାଭାଉ ୱାଜେ ଓ ସଞ୍ଜୟ ପାଟିଲ ବ୍ୟକ୍ତିଗତ ଭାବେ ଉଦ୍ଧବ ଠାକେରଙ୍କ ଘରକୁ ଯାଇଥିଲେ।

କିନ୍ତୁ ଓମ ପ୍ରକାଶ ରାଜେ, ଭାଉସାହେବ ୱାକଚାଉରେ, ନାଗେଶ ବାପୁରାଓ ପାଟିଲ ଓ ସଞ୍ଜୟ ଦେଶମୁଖ ଭିଡିଓ କନଫରେନ୍ସିଂ ଜରିଆରେ ବୈଠକରେ ସାମିଲ ହୋଇଥିଲେ। ସାଂସଦ ସଞ୍ଜୟ ଯାଦବ ଫୋନ ଯୋଗେ ଉଦ୍ଧବଙ୍କ ସହ କଥା ହୋଇଥିଲେ। ତେବେ ବ୍ୟକ୍ତିଗତ ଭାବେ ଉଦ୍ଧବଙ୍କ ଘରକୁ ନ ଆସି ଭିଡିଓ କନଫରେନ୍ସିଂ ଓ ଫୋନରେ କଥା ହୋଇଥିବା ସାଂସଦମାନେ ଦଳ ବଦଳ କରିବାକୁ ଚାହୁଁଥିବା କୁହାଯାଉଛି। ଯଦିଓ ଅନୁପସ୍ଥିତ ସାଂସଦମାନେ କିଛି ବି କହି ନାହାନ୍ତି, କିନ୍ତୁ ଉଦ୍ଧବ ଠାକରେଙ୍କ ଗୋଷ୍ଠୀର ଅନେକ ସଦସ୍ୟ ବିଜେପି ଓ ସିନ୍ଦେଙ୍କ ଶିବସେନା ଯୋଗାଯୋଗରେ ରହିଥିବା ରିପୋର୍ଟ ପ୍ରକାଶ ପାଇଛି।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## ସମ୍ପାଦକୀୟ

# ଅବୁଝା ରାଜାକୁ...

ଓଡ଼ିଆରେ ଗୋଟିଏ ଲୋକକଥା ରହିଛି- ଅବୁଝା ରାଜାକୁ ପାଲବିଣ୍ଡା ମନ୍ତ୍ରୀ। ଅର୍ଥାତ ରାଜା ଯେତେବେଳେ କିଛି ବୁଝନ୍ତି ନାହିଁ, ଅଥବା ବୁଝିବାକୁ ଚେଷ୍ଟା କରନ୍ତି ନାହିଁ, ସେତେବେଳେ ତାଙ୍କର ମନ୍ତ୍ରୀଗଣ ଅତ୍ୟନ୍ତ ଚତୁରତାର ସହିତ ନିଜ ଫାଇଦା ଉଠାଇ ରାଜାଙ୍କୁ ପରିଚାଳିତ କରନ୍ତି। ଏବେ ଲାଗୁଛି, ଓଡ଼ିଶାରେ ଶାସନ ବ୍ୟବସ୍ଥା ସେହିଭଳି ଚାଲିଛି। ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆମେ ଅବୁଝା ବୋଲି କହିପାରିବା ନାହିଁ, ବରଂ ଶାସନ ଭାର ସମ୍ଭାଳିବାରେ ତାଙ୍କର ଅଭିଜ୍ଞତା କମ୍ ବୋଲି କୁହାଯାଇ ପାରିବ। ଆଉ ତାହାର ଫାଇଦା ନେଉଛନ୍ତି ତାଙ୍କ କ୍ୟାବିନେଟରେ ଥିବା ମନ୍ତ୍ରୀଗଣ। ରାଜ୍ୟରେ ଶାସନ କ୍ଷମତାକୁ ଆସିବା ପରଠାରୁ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ସମ୍ମୁଖକୁ ଯେତିକି ଥର ଆସିନାହାନ୍ତି, ତାହାର ବହୁଗୁଣ ଥର ମନ୍ତ୍ରୀଗଣ ସାମ୍ବାଦିକ ସମ୍ମିଳନୀ କରି ଅଥବା ଗଣମାଧ୍ୟମକୁ ବିବୃତ୍ତି ଜାରି କରି ନିଜ ବିଭାଗ ତଥା ରାଜ୍ୟ ଶାସନର ଅନେକ ବିଷୟରେ କହିଚାଲିଛନ୍ତି। ସବୁଠାରୁ ମୂଳକଥା ହେଉଛି ମନ୍ତ୍ରୀଗଣଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାକୁ ଲୋକ ସରକାର ବୋଲି ବାରମ୍ବାର କହି ଚାଲିଛନ୍ତି। କିନ୍ତୁ ସତରେ କଣ ଏହା ଲୋକ ସରକାର ? ରାଜ୍ୟର ପ୍ରଶାସନ ଓ ପୋଲିସ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନିଜ କବଳରେ ରଖିଥିବା ଭାରତୀୟ ଜନତା ପାର୍ଟିର ସରକାର ସମୟରେ ବାର୍ଦ୍ଧକ୍ୟ ଭତ୍ତା ମିଳୁନଥିବା, ଦରିଦ୍ରଙ୍କୁ ଆବାସ ମିଳିନଥିବାର ଅନେକ ଅଭିଯୋଗ ଆସୁଛି। ରାଜ୍ୟର ୫୮ ଲକ୍ଷ ବୃଦ୍ଧ ବୃଦ୍ଧା ଏବଂ ଅସହାୟ ବ୍ୟକ୍ତିମାନେ ୩ମାସ ଧରି ଭତ୍ତା ନପାଇ ହିନସ୍ତା ଭିତରେ ଜୀବନ ବିତାଉଛନ୍ତି। ଜନମଙ୍ଗଳ ରାଷ୍ଟ୍ରରେ ସାଧାରଣ ଜନତାଙ୍କୁ ସୁଖ ସୁବିଧା ଯୋଗାଇ ଦେବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। ଦାୟିତ୍ୱକୁ କ୍ଷମତା ଭାବି ରାଜ୍ୟ ସରକାର ଯେଭଳି ଶାସନ ଚଳାଉଛନ୍ତି ସାଧାରଣ ଲୋକଙ୍କ ବିଶ୍ୱାସ ତୁଟି ଯିବାକୁ ବସିଛି। ଗୋଟିଏ ପାଖେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିବା ବେଳେ ପୋଲିସ ନିଜେ ଜୀବନସୁରକ୍ଷା ଦେବାରେ ବିଫଳ ହୋଇଛି। ପୋଲିସର ମାତ୍ରାଧିକ କାର୍ଯ୍ୟ ସାଧାରଣ ଲୋକଙ୍କ ଭିତରେ ଆତଙ୍କ ଖେଳାଇ ଦେଇଛି। ବାଲିଅନ୍ତା ସୋମ୍ୟଙ୍କୁ ମାଡ଼ ମାରି ହତ୍ୟା କରିବା ପଛରେ ଜଣେ ପୋଲିସ ଅଧିକାରୀଙ୍କ ଭୂମିକା ରହିଥିବା ଏବେ ସନ୍ଦେହ ଘେରରେ ରହିଛି। ପ୍ରାଥମିକ ତଦନ୍ତରୁ ଯେଉଁ ସୁରାକ ମିଳିଛି ତାହାକୁ ଆଧାର କରି ମୁଖ୍ୟମନ୍ତ୍ରୀ ଏଡିଜେ ଗଙ୍ଗୁଆରଙ୍କୁ ଚାକିରୀରୁ ନିଲମ୍ବିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରେ ଚାପ ପଡ଼ିବା ପରେ ଏଭଳି ପଦକ୍ଷେପ ନେବା ପାଇଁ ବାଧ୍ୟ ହୋଇଛନ୍ତି। ଗୋଟିଏ ପଟେ ସରକାର ଦୁଇ ବର୍ଷ ପୂର୍ତ୍ତୀ ପାଳନ କରୁଥିବା ବେଳେ ଅନ୍ୟପକ୍ଷେ ଶାସନର ବିଫଳତା ବାରି ହୋଇ ପଡୁଛି। ମହାକାଳପଡ଼ାର ସରପଞ୍ଚ ଚାମେଲି ଓଝା ପ୍ରଶାସନର ଅନ୍ଧାରି ଶାସନକୁ ଲୋକାଲୋଚନରେ ରଖିଛନ୍ତି। ଗତ ଦଶ ଦିନ ଧରି ଜଣେ ମହିଳା ସରପଞ୍ଚ କିଭଳି ପୋଲିସ ଓ ପ୍ରଶାସନ ଏବଂ ରାଜନୀତି ଚକ୍ରବ୍ୟୁହରେ ପଡ଼ି ପୋଲିସ ନିର୍ଯ୍ୟାତନ ଭୋଗିଛନ୍ତି, ତାହା ଓଡ଼ିଶାବାସୀଙ୍କ ଆଗରେ ପ୍ରତ୍ୟେକ୍ଷ ପ୍ରମାଣ ଦେଇ ସାମାଜିକ ଗଣମାଧିମରେ ରାଜ୍ୟବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହିଭଳି ନୟାଗଡ଼ ଜଣେ ପୋଲିସ ଅଧିକାରୀ ଜୈନକା ମହିଳାଙ୍କୁ ଘରକୁ ନେଇ ଦୁଷ୍କର୍ମ କରିବା ଭଳି ଘଟଣା ସମସ୍ତଙ୍କୁ ଚିକତ କରିଛି। ଗୋଟିଏ ସରକାର ପ୍ରତି ବିମୁଖ ହୋଇ ବିଜେଡି ଶାସନ ହଟାଇ ନବୀନ ପଟ୍ଟନାୟକଙ୍କୁ ଗାଦିରୁ ହଟାଇ ବିଜେପିର ମୋହନ ମାଝୀଙ୍କୁ ରାଜ୍ୟଭାର ଦେଇଥିଲେ। ହେଲେ ଲୋକଙ୍କ ସରକାର ଏବେ ଦୁଃଖ ଦେବା ସରକାର ଭଳି ମନେ ହେଉଛି।

ଆଇନଶୃଙ୍ଖଳା ବ୍ୟବସ୍ଥା କିଭଳି ରହିଛି ତାହା ପ୍ରତିଦିନ ଗଣମାଧ୍ୟମ ଗୁଡିକର ରିପୋର୍ଟ ଦେଖିଲେ ସ୍ପଷ୍ଟ ଜଣାଯାଉଛି। ରାଜ୍ୟର ନାରୀମାନଙ୍କୁ ସୁଭଦ୍ରା ଆଖ୍ୟା ଦେଉଥିବା ରାଜ୍ୟ ସରକାର ସେମାନଙ୍କୁ କୁରୁ ସଭାରେ ଦ୍ରୌପଦୀ ଭଳି ଅବସ୍ଥାରେ ଛାଡିଦେଉଛନ୍ତି। ନାରୀ ନିର୍ଯାତନା, ମହିଳାଙ୍କ କ୍ଷେତ୍ରରେ ହିଂସା ଘଟଣା, ହତ୍ୟା ସହିତ ନାନା ଅପରାଧ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ସରକାର କେବଳ ବିକାଶର ନକ୍ସା ଦେଖାଇ ସବୁକିଛିକୁ ପଛକୁ ଠେଲି ଦେଉଛନ୍ତି। କେଉଁଠି ଚାଷୀଙ୍କୁ ଧାନ ବିକିବାକୁ ଟୋକନ ମିଳୁନାହିଁ ତ କେଉଁଠି ଧାନ ବିକ୍ରି କରିବାକୁ ମଣ୍ଡିରେ ଚାଷୀଙ୍କୁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଆଉ କେଉଁଠି ଧାନ ବିକ୍ରି କରିନପାରି ଚାଷୀ ଆତ୍ମହତ୍ୟା ଉଦ୍ୟମ କରିବାକୁ ବାଧ୍ୟ ହେଉଛି। ନାରୀଙ୍କୁ ସମ୍ମାନ ଦେଉଥିବାର ଦାବି କରୁଥିବା ସରକାରରେ ଚମେଲି ଓଝାଙ୍କ ଭଳି ଜଣେ ଲୋକ ପ୍ରତିନିଧି ମଧ୍ୟ ମିଥ୍ୟା ମାମଲା ଓ ନିର୍ଯାତନାର ସମ୍ମୁଖୀନ ହୋଇଛନ୍ତି, ଯାହା ଏବେ ସାରା ରାଜ୍ୟ କାହିଁକି, ଦେଶରେ ଚହଳ ପକାଇଛି। ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିଥିବା ସରକାର ପ୍ରାଥମିକ ସ୍କୁଲ ପିଲାଙ୍କ ପାଇଁ ଯେଉଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଛନ୍ତି, ସେଥିରେ ମାତ୍ରାଧିକ ତ୍ରୁଟି ରହିଛି। ତଥାପି ସରକାର ଓଡ଼ିଶାରେ ଶାସନ କ୍ଷମତାକୁ ଆସିବାର ଦୁଇବର୍ଷ ପୂର୍ତ୍ତି ଧୂମଧାମରେ ପାଳନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଦରଦାମ ନିୟନ୍ତ୍ରଣ, ଲୋକଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇବା, ନିଯୁକ୍ତି ସୁଯୋଗ ସୃଷ୍ଟି ସହିତ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ସରକାରଙ୍କର ପ୍ରାଥମିକତା ହୋଇଥିବାବେଳେ ସରକାର ଏ କ୍ଷେତ୍ରରେ ଦୁଇବର୍ଷ ଭିତରେ କେତେ ସଫଳ ହୋଇଛନ୍ତି, ତାହା ଜନସାଧାରଣ କହିବେ। କିନ୍ତୁ ରାଜ୍ୟର ମନ୍ତ୍ରୀଗଣ ଓ ବରିଷ୍ଠ ଅଧିକାରୀବୃନ୍ଦ ଶାସନ ମୁଖିଆ ମୁଖ୍ୟମନ୍ତ୍ରୀଙ୍କୁ ଯେଉଁଭଳି ଭାବରେ ପରିଚାଳିତ କରୁଛନ୍ତି, ତାହା ତାଙ୍କ ପଦବୀ ଓ ପାରଦର୍ଶିତା ପ୍ରତି ନିଶ୍ଚିତ ଭାବରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ମୁଖ୍ୟମନ୍ତ୍ରୀ ଏବେଠାରୁ ସବୁ ବୁଝିସୁଝି ବାସ୍ତବରେ ଲୋକଙ୍କର ମୁଖ୍ୟମନ୍ତ୍ରୀ ହେବା ଦିଗରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି।

## ଚାମେଲିଙ୍କ ଭାଇଙ୍କୁ ମିଳିଲା ଜାମିନ

କେନ୍ଦ୍ରାପଡ଼ା/ମହାକାଳପଡା, ୧୬।୬ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଗିରଫ ହୋଇଥିବା ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ଭାଇ ସୂର୍ଯ୍ୟକାନ୍ତ ଓଝାଙ୍କୁ ଜାମିନ ମିଳିଛି। କେନ୍ଦ୍ରାପଡ଼ା ଏସଡିଜେଏମ କୋର୍ଟ ଶୁକ୍ରବାର ଦିନ ଶୁଣାଣି କରି ସୂର୍ଯ୍ୟକାନ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଗଣ୍ଡଗୋଳ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ଭାଇ ସୂର୍ଯ୍ୟକାନ୍ତ ଓଝାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର କରି ମାନ୍ୟବର ଝଉଔଗ କୋର୍ଟ ଆଜି ତାଙ୍କର ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଚାମେଲିଙ୍କୁ ମଧ ୩୦ ହଜାର ଟଙ୍କାର ବଣ୍ଡ ଏବଂ ୨ ଜଣ ଜାମିନ୍ ?ଦାରଙ୍କ ବଦଳରେ ଜାମିନ ମିଳିଛି। ନ୍ୟାୟ ପାଇଁ ଏବେ ସେପୋଲିସର ବରିଷ୍ଠ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଡିଓଙ୍କ କାର୍ଯ୍ୟାଳୟରେ ଅସଦାଚରଣ ସହ ଧମକ ଦିଆଯାଇଥିବା ନେଇ ସେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡ଼ଏଚ) ଏବଂ କେନ୍ଦ୍ରାଞ୍ଚଳ ଓଏଙ୍କୁ ଚିଠି ଲେଖି ଗୁହାରି କରିଛନ୍ତି। ୭ ଦିନ ମଧ୍ୟରେ ତାଙ୍କୁ ନ୍ୟାୟ ନ ମିଳିଲେ ସେ ଏସପି ଅଫିସ ଆଗରେ ପ୍ରତିବାଦରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।



ଅଭିଷେକ ଯୋଶୀ

# ସନାତନ ହିନ୍ଦୁ ଧର୍ମରେ ବର୍ଣ୍ଣ ବ୍ୟବସ୍ଥା, ଜାତୀବାଦ ନୁହେଁ

ସନାତନ ହିନ୍ଦୁ ଧର୍ମର ଆଧାର ହେଉଛି ଆତ୍ମା, ଧର୍ମ, ନୀତି ଓ କାର୍ଯ୍ୟର ମୂଲ୍ୟବୋଧ। ପ୍ରାଚୀନ ସାମାଜିକ-ଆର୍ଥିକ ପରୀପେକ୍ଷରେ ଯେ ବର୍ଣ୍ଣ ବ୍ୟବସ୍ଥା ଗଠିତ ହୋଇଥିଲା, ସେହି ବର୍ଣ୍ଣ ପ୍ରଥାର ମୂଳ ଉଦ୍ଦେଶ୍ୟ ଥିଲା ସମାଜର କାର୍ଯ୍ୟ ବିଭାଜନ — ଯାହା ଦ୍ୱାରା ଲୋକେ ନିଜ ଯୋଗ୍ୟତା ଓ କ୍ଷମତା ଅନୁସାରେ ଜୀବିକା ଚାଳାଇ ପାରିଥିଲେ। ପ୍ରାଚୀନ ଗ୍ରନ୍ଥରେ ବର୍ଣ୍ଣକୁ ଚାରିଟି ପ୍ରଧାନ ବର୍ଗରେ ବିଭକ୍ତ କରାଯାଇଛି — ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର। ଏହାର ମୂଳ ଉଦ୍ଦେଶ୍ୟ ଥିଲା କାର୍ଯ୍ୟ ବିଭାଜନ: ଶିକ୍ଷା, ରକ୍ଷା, ବାଣିଜ୍ୟ ଓ ସେବା/ଶ୍ରମ। ଏହି ପ୍ରକାର ଉଦ୍ଦେଶ୍ୟ ହେଉଛି ହିନ୍ଦୁ ଧର୍ମରେ ବର୍ଣ୍ଣ ବ୍ୟବସ୍ଥାର ସତ୍ୟ ପ୍ରକୃତି କିନ୍ତୁ ତାହାକୁ ବର୍ତ୍ତମାନ ଜାତିବାଦ ସହିତ ଭୁଲ ଭାବରେ ଯୋଡ଼ା ଯାଉଛି । ଏବେ ଆଧୁନିକ ସମାଜରେ ବର୍ଣ୍ଣ ବ୍ୟବସ୍ଥା ଆବଶ୍ୟକ ନୁହେଁ କାରଣ ବର୍ତ୍ତମାନ କାର୍ଯ୍ୟ ଧାରା ଅନେକ ।

ଧର୍ମଶାସ୍ତ୍ର ଓ ଗ୍ରନ୍ଥରେ (ଯଥା: ଭାଗବତ, ମହାଭାରତ, ଗୀତା) ବର୍ଣ୍ଣକୁ କାମ, କର୍ତ୍ତବ୍ୟ ଓ ଦାୟିତ୍ୱ ଆଧାରିତ ବର୍ଣ୍ଣିତ କରାଯାଇଛି । ପ୍ରାଚୀନ ଧାରଣାରୁ ଯଦି ବର୍ଣ୍ଣ ବ୍ୟବସ୍ଥା ଆରମ୍ଭ ହେଉଥିଲା, ତେବେ ସମୟ କାଳରେ ଏହା ଜାତୀ ଆଧାରିତ ନିୟମ, ନିଯୁକ୍ତି ସୀମା, ବିବାହ ନିୟମ ଓ ଅସମାନତା ର ଭୂମିକାରେ ପରିଣତି ହୋଇଗଲା — ଏହାକୁ ଜାତିବାଦ (ମବଷ୍ୱଷ୍ୱରସଷ୍ୱଙ୍କ) ବୋଲି କୁହାଯାଏ। ସମୟ କ୍ରମେ ଜାତୀବାଦ ଦୃଢ଼ ରୂପ ନେଲା। ଏଥିରୁ ନ୍ୟାୟ ଓ ସମାନତା ହ୍ରାସ ପାଇଲା।

ଆଧୁନିକ ପରୀପେକ୍ଷ ରେ ଦେଖିଲେ ବର୍ଣ୍ଣ ବ୍ୟବସ୍ଥାର ପୁନଃ ମୂଲ୍ୟାଙ୍କନ କାମର ପ୍ରକୃତି ଆଜି ଅତ୍ୟନ୍ତ ବିବିଧ: ଟେକ୍ନୋଲୋଜି, ସର୍ଭିସ ଇଣ୍ଡଷ୍ଟ୍ରି, ଫ୍ରିଲ୍ୟାନ୍ସିଂ, ଗ୍ଲୋବାଲ ଇଣ୍ଟରଏକସନ — ଏହା ଅର୍ଥ ଯେ ଲୋକଙ୍କର କ୍ଷମତା, ପ୍ରଶିକ୍ଷଣ ଓ ନିଜର ଇଚ୍ଛା ଅନୁସାରେ ପେଶା ଚୟନ କରାଯାଏ; ସେଥିପାଇଁ ପ୍ରାଚୀନ ବର୍ଣ୍ଣ ବିଭାଜନ ଆଜିର ସମାଜରେ ଅପ୍ରାସଙ୍ଗିକ। ମୁଖ୍ୟ ଭାବରେ ସମାଜ ଧୀରେ ଧୀରେ ଆଧାର କରୁଛି — ଶିକ୍ଷା, ଆଇନ, ଆର୍ଥିକ ସୁଯୋଗ ଓ ନୀତିଗତ ପରିବର୍ତ୍ତନ, ଯେଉଁଥିରୁ ଜାତିଭିତ୍ତିକ ଅବରୋଧ ଧୀରେ ହ୍ରାସ ପାଇବ। ଜାତିବାଦ ବର୍ତ୍ତମାନ ସମାଜରେ ସଫଳତା ଓ ଉନ୍ନତି ପଥ ର ଏକ ସାମାଜିକ ଅବରୋଧ ।

ଏକ ବୈଶ୍ୱିକ ଉଦାହରଣ ଭାବେ ଯଦି ଆମେ ଆଧୁନିକ ସମୟରେ ଦେଖିବା ତା ହେଲେ ଉତ୍ତର ପ୍ରଦେଶରେ ମହା କୁମ୍ଭ ମେଳା ହେଉଛି ସେହି ସ୍ଥାନ ଯେଉଁଠାରେ ଲକ୍ଷାଧିକ ସନାତନୀ ହିନ୍ଦୁ ଏକାଠି ହୁଅନ୍ତି; ଏଠାରେ ଲୋକ ଏକାଠି ହୋଇ ଗଙ୍ଗାରେ ସ୍ନାନ କରି ପ୍ରାର୍ଥନା କରନ୍ତି — ଏଥିରେ ଜାତି ଓ ବର୍ଣ୍ଣ ବ୍ୟବସ୍ଥାକୁ ବିଚାର କରାଯାଇନଥାଏ। ମହା କୁମ୍ଭ ମେଳାରେ ଦେଖାଗଲା ଯେ, ଅନେକ ଲୋକ — ବିଭିନ୍ନ ଶ୍ରେଣୀର, ବର୍ଣ୍ଣ ଓ ଜାତି ଲୋକ ସାମୁହିକ ଭାବରେ ପବିତ୍ର ଜଳରେ ବୁଡ ପକେଇଲେ ଏବଂ ମିଳିତ ଭାବରେ ପୂଜା-ଅର୍ଚ୍ଚନା କଲେ। ଏହା ପ୍ରକାଶ କରେ ଯେ ସନାତନ ଦର୍ଶନର ମୂଳ ଆତ୍ମା ଏବଂ ଭକ୍ତି ଧାରଣା କୌଣସି ଜାତୀ ଆଧାରିତ ନୁହେଁ — ଯେଉଁଠାରେ ସାଧୁ, ବ୍ରାହ୍ମଣ, କ୍ଷତ୍ରିୟ, ଶୁଦ୍ର ଓ ସାଧାରଣ ଲୋକ ସମାନ ଭାବରେ ଭକ୍ତିଭାବ ପ୍ରଦର୍ଶନ କରନ୍ତି। ଧର୍ମଗ୍ରନ୍ଥରେ ଭକ୍ତି ଓ କର୍ମର ମୂଲ୍ୟକୁ ପ୍ରାଥମିକତା ଦିଆଯାଏ ।

ରାମାୟଣ କାଳରେ ରାମଙ୍କ ବନ୍ଧୁ ବନ୍ଧୁ ଓ ସହାୟକ ମଧ୍ୟରେ ଅନେକ ଲୋକ ଥିଲେ, ଯେଉଁମାନେ ବିଭିନ୍ନ ପ୍ରଜାତିରୁ ଆସିଥିଲେ; ସେମାନଙ୍କର ସେବା ଏବଂ ଭକ୍ତିକୁ ମହାନ ବୋଲି ଗ୍ରହଣ କରାଯାଇଛି। ରାମଚରିତ୍ରରେ କାର୍ଯ୍ୟ ଓ ନୀତିକୁ ଅଧିକ ମୂଲ୍ୟ ଦିଆଯାଇଛି। ଗୀତାରେ କୁହାଯାଇଛି ଯେ ଲୋକଙ୍କର ଗୁଣ, ଗତିବିଧି ଓ କର୍ମ ସେମାନଙ୍କୁ ଅଲଗା କରିଥାଏ — ଏଥିରୁ ପ୍ରତ୍ୟେକଙ୍କର ମୂଳ ମୂଲ୍ୟ ନିଜ କାମରେ ଦୃଶ୍ୟମାନ ହୁଏ। ଏହା ସଂକେତ କରେ ଯେ ବର୍ଣ୍ଣ ହେଉଛି କାର୍ଯ୍ୟ ନିର୍ଦ୍ଦେଶକ, ଜାତୀ ନୁହେଁ। ପୁରାଣର ଅନେକ କାହାଣୀରେ ମଧ ଦେଖାଯାଏ ଯେ ଦେବତା, ରାଜା ଓ ସାଧାରଣ ଲୋକଙ୍କ ମଧ୍ୟରେ ସଂବେଦନଶୀଳତା ଓ ନେତୃତ୍ୱ କେବଳ ବର୍ଣ୍ଣ ଭିତ୍ତିକ ନୁହେଁ; ଏହା ବ୍ୟକ୍ତିର ଗୁଣ, କର୍ମ ଓ ଭକ୍ତିର ପରିଣାମ।

ଆମର ଆଜିର ଦାୟିତ୍ୱ ହେଉଛି ଆମେ ସମାଜ ରେ ସମାନତା, ଶିକ୍ଷା ଓ ଅବସର ଦେଇ ପୂର୍ବ ଅନ୍ୟାୟ କୁ ଦୂର କରି ସମାନତା ଆଣିବା ପାଇଁ କାମ କରିବା ଆବଶ୍ୟକ। ଆଧୁନିକ ସମାଜରେ ଲୋକର କ୍ଷମତା, ଶିକ୍ଷା ଓ ଉଦ୍ୟମକୁ ପ୍ରଶ୍ରୟ ଦେଇ ଆମେ ଏକ ସହିଷ୍ଣୁ ଓ ସମାନତାଭିତ୍ତିକ ସମାଜ ନିର୍ମାଣ କରି ପାରିବା।

ସନାତନ ହିନ୍ଦୁ ଧର୍ମରେ ପ୍ରକୃତ୍ ଅର୍ଥରେ ଜାତିବାଦ କୁ ସ୍ଥାନ ନାହିଁ। ପ୍ରାଚୀନ ବର୍ଣ୍ଣ ବ୍ୟବସ୍ଥା ଏକ କାର୍ଯ୍ୟ ଆଧାରିତ ବ୍ୟବସ୍ଥା ଥିଲା, ଯାହା ସମୟ, ପରିସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ଗଠିତ ହୋଇଥିଲା। ଆଜି ଯେତେବେଳେ କାମର ପ୍ରକାର, ଜୀବିକା ଓ ସଂସ୍କୃତି ଅତ୍ୟନ୍ତ ପରିବର୍ତ୍ତିତ ଏହି ସମୟରେ ବର୍ଣ୍ଣ ବ୍ୟବସ୍ଥା ଅପ୍ରାସଙ୍ଗିକ ଅଟେ, ଜାତିବାଦ ର ପ୍ରଶ୍ନ ହିଁ ଉଠେ ନାହିଁ। ମହା କୁମ୍ଭ ମେଳା ପରି ଘଟଣା ମାନେ ଆମକୁ ବିଚାର କରିବା ପାଇଁ ବାଧ କରନ୍ତି ଯେ — ଧର୍ମର ମୂଳ ହେଉଛି ଭକ୍ତି, ଆତ୍ମିୟତା ଓ ସମ୍ମାନ; ଏହାକୁ ଜାତୀ ଭିତ୍ତିରେ ହୋଇଥିବା ବିଭେଦ ମାଧ୍ୟମରେ ଖଣ୍ଡିତ କରିବା ଉଚିତ ନୁହେଁ।

**ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା**

# ସଂସ୍କୃତି ବା ଧର୍ମର ଦୀର୍ଘସ୍ଥାୟୀ ଅସ୍ତିତ୍ୱ ଜ୍ଞାନ ଉପରେ ନିର୍ଭର କରେ



ଶାନ୍ତନୁ ଶତପଥୀ

ଯେକୌଣସି ସଂସ୍କୃତି ବା ଧର୍ମର ଦୀର୍ଘସ୍ଥାୟୀ ଅସ୍ତିତ୍ୱ ଏବଂ ପ୍ରଗତି ତା'ର ସଂଗଠିତ ବ୍ୟବସ୍ଥା, ଅର୍ଥନୈତିକ ସହଯୋଗ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି—ନୂତନ ପିଢ଼ିର ସେହି ବିଷୟରେ ଥିବା ଜ୍ଞାନ ଉପରେ ନିର୍ଭର କରେ।

ସଂଗଠିତ ବ୍ୟବସ୍ଥା ଓ ସାମୁଦାୟିକ ସହଯୋଗ : ଇସଲାମ ଧର୍ମରେ 'ଜକାତ୍' (ଆଦାୟ ହେଉଥିବା ଦାନ) ଏବଂ ଶୁକ୍ରବାରର ସାପ୍ତାହିକ ପ୍ରାର୍ଥନା (ଜୁମ୍ମା) ମାଧ୍ୟମରେ ସମାଜର ଗରିବ ଲୋକଙ୍କୁ ସାହାଯ୍ୟ କରିବା ଏବଂ ଧର୍ମର ପ୍ରସାର ପାଇଁ ଏକ ସଂଗଠିତ ଆର୍ଥିକ ଓ ସାମାଜିକ ବ୍ୟବସ୍ଥା ରହିଛି।

ଅପରପକ୍ଷରେ, ହିନ୍ଦୁ ସମାଜରେ ମନ୍ଦିରଗୁଡ଼ିକରେ ଯେଉଁ ଦାନ ଦିଆଯାଏ, ସେଥିରୁ ଅଧିକାଂଶ କେବଳ ସେହି ମନ୍ଦିରର ରକ୍ଷଣାବେକ୍ଷଣ ବା ପୂଜକମାନଙ୍କ ସେବାରେ ସୀମିତ ରହିଯାଏ। ହିନ୍ଦୁ ଧର୍ମରେ ବିଶାଳ ସଂଖ୍ୟକ ସଂଗଠନ ଥିଲେ ମଧ୍ୟ, ସାଧାରଣ ଲୋକଙ୍କ ସ୍ତରରେ ସାମୁଦାୟିକ ଉନ୍ନତି ବା ଧର୍ମ ଶିକ୍ଷା ପାଇଁ କୌଣସି କେନ୍ଦ୍ରୀକୃତ ବା ବାଧ୍ୟତାମୂଳକ ଆର୍ଥିକ ବ୍ୟବସ୍ଥା (ଯେପରିକି ପ୍ରତି ରବିବାର ବା ପର୍ବପର୍ବାଣୀରେ ସମାଜ କଲ୍ୟାଣ ପାଇଁ ପାଣ୍ଠି ଗଠନ) ଏପର୍ଯ୍ୟନ୍ତ ସେତେଟା ସୁଦୃଢ଼ ହୋଇନାହିଁ।

ଯୁବପିଢ଼ିର ଅଜ୍ଞତା ଏବଂ ଧର୍ମ ଶିକ୍ଷାର ଅଭାବ : ଆଜିକାଲିର ହିନ୍ଦୁ ଯୁବକ ଯୁବତୀମାନେ ନିଜ ଧର୍ମର ମୂଳ ଗ୍ରନ୍ଥ (ଯେପରିକି ଗୀତା, ଉପନିଷଦ ବା ବେଦ)ର ବ୍ୟାବହାରିକ ଜ୍ଞାନ ବିଷୟରେ ଅଜ୍ଞ ରହୁଛନ୍ତି।

ଏହାର କିଛି ମୁଖ୍ୟ କାରଣ ହେଲା: ଘରୋଇ ପରିବେଶର ଅଭାବ: ପୂର୍ବଭଳି ଆଜିକାଲି ଘରେ ଜେଜେବାପା, ଜେଜେମା'ଙ୍କଠାରୁ ପୁରାଣ ବା ନୀତିଶିକ୍ଷା ଶୁଣିବାର ଚଳଣି କମିଗଲାଣି।

ଆଧୁନିକ ଶିକ୍ଷା ବ୍ୟବସ୍ଥା: ଆମ ଶିକ୍ଷା ବ୍ୟବସ୍ଥାରେ ନିଜ ସଂସ୍କୃତି ଏବଂ ଦର୍ଶନ ଶାସ୍ତ୍ର ବିଷୟରେ ପଢ଼ାଯାଉ ନାହିଁ। ଯୁବପିଢ଼ି କେବଳ ଚାକିରିମୁଖୀ ଶିକ୍ଷା ପଛରେ ଦୌଡୁଛନ୍ତି।

ଯୁକ୍ତିଯୁକ୍ତ ଉତ୍ତରର ଅଭାବ: ଆଜିର ପିଢ଼ି ପ୍ରଶ୍ନ ପଚାରେ। ଯଦି ସେମାନଙ୍କୁ ଆମର ରୀତିନୀତି ପଛରେ ଥିବା ବୈଜ୍ଞାନିକ ଓ ଆଧାତ୍ମିକ କାରଣ ବୁଝାନଯାଏ, ତେବେ ସେମାନେ ତାକୁ ଅନ୍ଧବିଶ୍ୱାସ ଭାବି ଦୂରେଇ ଯାଆନ୍ତି।

ଉଭୟ ଧର୍ମ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟ : ଯୁବପିଢ଼ି ଧର୍ମ ମଧ୍ୟରେ ଥିବା ତଫାତ ବୁଝି ନପାରିବାର କାରଣ ହେଉଛି ସେମାନେ ଧର୍ମର ଗଭୀରତାକୁ ଅଧ୍ୟୟନ କରିନାହାନ୍ତି: ଇସଲାମ ଏକ ସଂଗଠିତ ଏବଂ ଏକେଶ୍ୱରବାଦୀ ଧର୍ମ, ଯାହାର ଏକ ନିର୍ଦ୍ଦିଷ୍ଟ ପୁସ୍ତକ ଓ ନିର୍ଦ୍ଦିଷ୍ଟ ନିୟମାବଳୀ ରହିଛି। ଏହାକୁ ବୁଝିବା ଏବଂ ପ୍ରଚାର କରିବା ଅପେକ୍ଷାକୃତ ସରଳ।

ହିନ୍ଦୁ ଧର୍ମ (ସନାତନ ଧର୍ମ) ଏକ ବିଶାଳ ଜୀବନଶୈଳୀ ଓ ବହୁମୁଖୀ ଦର୍ଶନ। ଏଠାରେ ଅଦ୍ୱୈତବାଦ, ଦ୍ୱୈତବାଦ, ମୂର୍ତ୍ତିପୂଜା, ନିରାକାର ଉପାସନା ଏବଂ ଏପରିକି ନାସ୍ତିକତାକୁ ମଧ ସ୍ଥାନ ଦିଆଯାଇଛି। ଏହାର ବିଶାଳତା ହିଁ ଏହାର ସୌନ୍ଦର୍ଯ୍ୟ, କିନ୍ତୁ ପ୍ରଣାଳୀବଦ୍ଧ ଶିକ୍ଷା ବିନା ଏହାକୁ ସାଧାରଣ ଯୁବପିଢ଼ିଙ୍କ ପାଇଁ ବୁଝିବା କଠିନ ହୋଇପଡୁଛି। ଏହାର ସମାଧାନ କ'ଣ ହୋଇପାରେ ? ଯଦି ସନାତନ ସଂସ୍କୃତିର ରକ୍ଷା ଓ ପ୍ରସାର କରିବାକୁ ହେବ, ତେବେ ପୁରୁଣା ଚିନ୍ତାଧାରାକୁ ବଦଳାଇ କିଛି ନୂଆ ପଦକ୍ଷେପ ନେବାକୁ ହେବ:

ସାପ୍ତାହିକ କିମ୍ବା ମାସିକ ସତ୍‌ସଙ୍ଗ/ଆଲୋଚନା ଚକ୍ର: ପ୍ରତି ଗାଁ ବା ସହରର ମନ୍ଦିରଗୁଡ଼ିକରେ କେବଳ ପୂଜାପାଠ ନକରି, ସପ୍ତାହରେ ଦିନେ ଯୁବପିଢ଼ିଙ୍କ ପାଇଁ ଶ୍ରୀମଦ୍ ଭଗବଦ୍ ଗୀତା କିମ୍ବା ଆମ ସଂସ୍କୃତି ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯିବା ଉଚିତ୍।

ମନ୍ଦିର ପାଣ୍ଠିର ସଦୁପଯୋଗ: ମନ୍ଦିରକୁ ଆସୁଥିବା ଦାନ ଅର୍ଥର ଏକ ନିର୍ଦ୍ଦିଷ୍ଟ ଅଂଶ ଗରିବ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାଂସ୍କୃତିକ କେନ୍ଦ୍ର ଖୋଲିବାରେ ବ୍ୟବହାର ହେବା ଦରକାର, ଯେପରି ଲୋକେ ସାମାଜିକ ସ୍ତରରେ ଯୋଡ଼ିହୋଇ ରହିବେ।

ଡିଜିଟାଲ ମାଧ୍ୟମର ବ୍ୟବହାର: ଆଜିର ଯୁବପିଢ଼ି ସୋସିଆଲ ମିଡିଆରେ ସକ୍ରିୟ। ତେଣୁ ସନାତନ ଧର୍ମର ଦର୍ଶନ, ଇତିହାସ ଓ ବିଜ୍ଞାନକୁ ସହଜ, ସରଳ ଓ ଆଧୁନିକ ଭାଷାରେ ସେମାନଙ୍କ ସାମ୍ନାକୁ ଆଣିବାକୁ ହେବ।

ପରିବାରର ଦାୟିତ୍ୱ: ସବୁଠାରୁ ବଡ଼ ଦାୟିତ୍ୱ ପରିବାରର। ପିଲାମାନଙ୍କୁ ପିଲାଦିନରୁ କେବଳ ପରୀକ୍ଷାରେ ନମ୍ବର ଆଣିବା ସହ ଆମର ପର୍ବପର୍ବାଣୀ ଏବଂ ସଂସ୍କାର ପଛରେ ଥିବା ମହତ୍ତ୍ୱ ବିଷୟରେ ଶିଖାଇବା ଆବଶ୍ୟକ।

**ଯୁବ ସମାଜସେବୀ**
**ଭୁବନେଶ୍ୱର**



ସିତାଂଶୁ ଶେଖର ମିଶ୍ର

# ରାମ ରାଜ୍ୟର ସ୍ୱପ୍ନ ଓ ଭାରତୀୟ ରାଜନୀତିର ବାସ୍ତବତା

# ସଂସ୍କାରର ସମୟ କ'ଣ ଆସିଯାଇଛି ?

ଭାରତୀୟ ରାଜନୀତିରେ "ରାମରାଜ୍ୟ", "ସୁବର୍ଣ୍ଣଯୁଗ", "ସୁଶାସନ" ଓ "ଦୁର୍ନୀତିମୁକ୍ତ ଭାରତ" ପରି ଶବ୍ଦଗୁଡ଼ିକ ବାରମ୍ବାର ଉଚ୍ଚାରିତ ହୁଏ। ଏହି ଶବ୍ଦଗୁଡ଼ିକ କେବଳ ରାଜନୈତିକ ସ୍ଲୋଗାନ ନୁହେଁ; ବରଂ ଏଗୁଡ଼ିକ ନ୍ୟାୟ, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଲୋକକଲ୍ୟାଣ ଆଧାରିତ ଏକ ଆଦର୍ଶ ଶାସନ ବ୍ୟବସ୍ଥାର ପ୍ରତୀକ। କିନ୍ତୁ ପ୍ରଶ୍ନ ହେଉଛି, କେବଳ ଭାଷଣ, ପ୍ରଚାର ଓ ନିର୍ବାଚନୀ ପ୍ରତିଶ୍ରୁତି ଦ୍ୱାରା କ'ଣ ସେହି ଆଦର୍ଶ ରାଜ୍ୟର ପ୍ରତିଷ୍ଠା ସମ୍ଭବ ? ନା କି ଏଥିପାଇଁ ରାଜନୈତିକ ବ୍ୟବସ୍ଥାର ମୂଳରେ ଥିବା ତ୍ରୁଟିଗୁଡ଼ିକର ସମାଧାନ ଆବଶ୍ୟକ ?

ସ୍ୱାଧୀନତାର ପ୍ରାୟ ଆଠ ଦଶକର ଯାତ୍ରାରେ ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାବେ ଅନେକ ଉଲ୍ଲେଖନୀୟ ସଫଳତା ଅର୍ଜନ କରି ବିଶ୍ୱ ପରିସରରେ ନିଜର ସ୍ଥାନକୁ ସୁଦୃଢ଼ କରିଛି। ଅର୍ଥନୈତିକ ବିକାଶ, ପ୍ରଯୁକ୍ତିଗତ ଅଗ୍ରଗତି, ଅନ୍ତରିକ୍ଷ ବିଜ୍ଞାନ ଓ ବିଶ୍ୱମଞ୍ଚରେ ଭାରତର ବୃଦ୍ଧିଶୀଳ ପ୍ରଭାବ ନିଶ୍ଚିତ ଭାବରେ ଗର୍ବର ବିଷୟ। ତଥାପି ରାଜନୈତିକ ଦୁର୍ନୀତି, ନିର୍ବାଚନୀ ଅର୍ଥ ବ୍ୟବସ୍ଥାର ଅସ୍ୱଚ୍ଛତା, ଦଳବଦଳ, ବଂଶବାଦ, ବ୍ୟକ୍ତିପୂଜା ଓ କ୍ଷମତାକେନ୍ଦ୍ରିକ ରାଜନୀତି ଭଳି ପ୍ରଶ୍ନଗୁଡ଼ିକ ଆଜି ମଧ ଜନସାଧାରଣଙ୍କ ଚିନ୍ତାର କାରଣ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ରାଜନୈତିକ ସଂସ୍କାର ଉପରେ ଏକ ଗମ୍ଭୀର ଜାତୀୟ ଚର୍ଚ୍ଚା ଅପରିହାର୍ଯ୍ୟ ମନେହୁଏ।

ରାଜନୈତିକ ପାଣ୍ଠି : ଦୁର୍ନୀତିର ପ୍ରବେଶଦ୍ୱାର ?

ରାଜନୈତିକ ଦୁର୍ନୀତିର ମୂଳରେ ନିର୍ବାଚନୀ ଅର୍ଥ ବ୍ୟବସ୍ଥାର ଭୂମିକା ନେଇ ଦୀର୍ଘଦିନ ଧରି ଚର୍ଚ୍ଚା ହୋଇଆସୁଛି। ନିର୍ବାଚନ ଲଢ଼ିବା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହେ, କିନ୍ତୁ ସେହି ଅର୍ଥର ଉତ୍ସ ସବୁବେଳେ ସ୍ପଷ୍ଟ ହୋଇନଥାଏ।ଏଭଳି ପରିସ୍ଥିତି ଦୁର୍ନୀତି, ପ୍ରଭାବଶାଳୀ ସ୍ୱାର୍ଥଗୋଷ୍ଠୀଙ୍କ ଅନଧିକାର ହସ୍ତକ୍ଷେପ ଏବଂ ନୀତି ନିର୍ଦ୍ଧାରଣରେ ପକ୍ଷପାତିତ୍ୱର ଆଶଙ୍କାକୁ ବୃଦ୍ଧି କରିଥାଏ, ଯାହା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ କ୍ଷୁଣ୍ଣ କରିପାରେ।

ତେଣୁ ରାଜନୈତିକ ଦଳମାନଙ୍କୁ ମିଳୁଥିବା ପ୍ରତ୍ୟେକ ଦାନର ଉତ୍ସ ସାର୍ବଜନୀନ କରିବା, ନଗଦ କାରବାରକୁ ସର୍ବନିମ୍ନ ସ୍ତରକୁ ଆଣିବା ଏବଂ ସମସ୍ତ ଆର୍ଥିକ ଲେଣଦେଣକୁ ବ୍ୟାଙ୍କିଂ କିମ୍ବା ଡିଜିଟାଲ ମାଧ୍ୟମ ସହ ଯୋଡ଼ିବା ଭଳି ପଦକ୍ଷେପ ରାଜନୀତିରେ ସ୍ୱଚ୍ଛତା ବୃଦ୍ଧି କରିପାରେ। ଏହା ଦୁର୍ନୀତିର ସମ୍ପୂର୍ଣ୍ଣ ସମାଧାନ ନ ହୋଇଥିଲେ ମଧ ଏକ ଆବଶ୍ୟକ ଆରମ୍ଭ ନିଶ୍ଚିତ ହୋଇପାରେ।

ରାଜନୈତିକ ସମାବେଶ ଓ ପ୍ରଚାର ବ୍ୟୟ : ଉତ୍ତର ଦାୟିତ୍ୱ କେଉଁଠି ?

ଆଜି ଭାରତ ଡିଜିଟାଲ ଯୁଗର କଥା କହୁଛି। ସାଧାରଣ ନାଗରିକଙ୍କ ଆର୍ଥିକ କାରବାର ଠାରୁ ଆରମ୍ଭ କରି ସରକାରୀ ସେବା ପର୍ଯ୍ୟନ୍ତ ସବୁକିଛିରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ଉପରେ ଜୋର ଦିଆଯାଉଛି। କିନ୍ତୁ ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ଆୟୋଜିତ ବିଶାଳ ରାଲି, ସମାବେଶ, ରୋଡ୍-ଶୋ ଓ ପ୍ରଚାର ଅଭିଯାନରେ ହେଉଥିବା ବିପୁଳ ବ୍ୟୟର ଉତ୍ସ ଓ ହିସାବ ସମ୍ପର୍କରେ ସବୁବେଳେ ସ୍ପଷ୍ଟ ସୂଚନା ଜନସାଧାରଣଙ୍କ ପାଖରେ ଉପଲବ୍ଧ ହୁଏନାହିଁ।

ଗଣତନ୍ତ୍ରରେ ସ୍ୱଚ୍ଛତାର ମାନଦଣ୍ଡ କେବଳ ସାଧାରଣ ନାଗରିକଙ୍କ ପାଇଁ ନୁହେଁ, ରାଜନୈତିକ ଦଳମାନଙ୍କ ପାଇଁ ମଧ ସମାନ ଭାବେ ଅନୁସରଣୀୟ ହେବା ଉଚିତ। ଡିଜିଟାଲ ଯୁଗରେ ପ୍ରତ୍ୟେକ ବଡ଼ ସମାବେଶ, ପ୍ରଚାର ଅଭିଯାନ ଓ ରାଜନୈତିକ କାର୍ଯ୍ୟକ୍ରମର ଆୟ-ବ୍ୟୟ ବିବରଣୀ ସାର୍ବଜନୀନ କରିବା ଗଣତାନ୍ତ୍ରିକ ଉତ୍ତର ଦାୟିତ୍ୱକୁ ଅଧିକ ସୁଦୃଢ଼ କରିପାରେ। ସେହିପରି ସରକାରୀ ପ୍ରଚାର ବ୍ୟୟ ମଧ ଚର୍ଚ୍ଚାର ବିଷୟ ହେବା ଉଚିତ। ସରକାରୀ ଯୋଜନା ଓ ଜନହିତକାରୀ କାର୍ଯ୍ୟକ୍ରମର ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବା ସରକାରର ଦାୟିତ୍ୱ। କିନ୍ତୁ ଜନସାଧାରଣଙ୍କ କରରୁ ଆସୁଥିବା ଅର୍ଥ ଯଦି ମୁଖ୍ୟତଃ ଶାସକ କିମ୍ବା ଶାସକ ଦଳର ଛବି ନିର୍ମାଣ ଓ ଆତ୍ମପ୍ରଚାରରେ ବ୍ୟୟ ହୁଏ, ତେବେ ତାହାର ଯୁକ୍ତିସଙ୍ଗତତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଶାସକଙ୍କ ଭଲ କାମ ଓ ତ୍ରୁଟି ଉଭୟ ବିଷୟ ନିଷ୍ପକ୍ଷ ଭାବରେ ଜନସାଧାରଣଙ୍କ ପାଖରେ ପହଞ୍ଚିବା ହିଁ ଗଣତନ୍ତ୍ରର ମୂଳ ଆବଶ୍ୟକତା; ଏଥିପାଇଁ ଅତ୍ୟଧିକ ଅର୍ଥ ବ୍ୟୟ କରିବା କେତେଦୂର ଉଚିତ, ତାହା ନେଇ ଚର୍ଚ୍ଚା ହେବା ଦରକାର।

ନିର୍ବାଚନୀ ସଂସ୍କାର : କ୍ଷମତା ନା ସେବା ?

ଭାରତରେ ଅନେକ ଜନପ୍ରତିନିଧି ଦଶନ୍ଧି ଦଶନ୍ଧି ଧରି ନିର୍ବାଚିତ ପଦବୀରେ ରହିଆସୁଛନ୍ତି। ଏହା ଏକପଟେ ଅଭିଜ୍ଞତାର ସୁଯୋଗ ଦେଇଥାଏ, କିନ୍ତୁ ଅନ୍ୟପଟେ ନୂତନ ନେତୃତ୍ୱର ବିକାଶକୁ ବାଧା ଦେଉଥିବା ଅଭିଯୋଗ ମଧ ରହିଛି। ସେଥିପାଇଁ ନିର୍ବାଚିତ ପଦବୀ ପାଇଁ କାର୍ଯ୍ୟକାଳ ସୀମା ନିର୍ଦ୍ଧାରଣ ଭଳି ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ। ଯଦିଓ ଏହାର ବିରୋଧରେ ଏହି ଯୁକ୍ତି ମଧ ରହିଛି ଯେ ଗଣତନ୍ତ୍ରରେ ଶେଷ ନିଷ୍ପତ୍ତି ଜନତାଙ୍କର, ଆଇନ ଦ୍ୱାରା ତାହାକୁ ସୀମିତ କରିବା ଉଚିତ ନୁହେଁ। ତଥାପି ଏହି ପ୍ରସଙ୍ଗରେ ଏକ ସୁସ୍ଥ ଚର୍ଚ୍ଚା ସମୟର ଆବଶ୍ୟକତା।

ଦଳବଦଳ : ଜନାଦେଶ ପ୍ରତି ଅସମ୍ମାନ ?

ଗତ କିଛି ବର୍ଷ ଧରି ବିଭିନ୍ନ ରାଜ୍ୟରେ ଦଳବଦଳ ଯୋଗୁଁ ସରକାର ପରିବର୍ତ୍ତନ ଓ ରାଜନୈତିକ ଅସ୍ଥିରତା ଦେଖାଯାଇଛି। ନିର୍ବାଚନ ସମୟରେ ଏକ ଦଳର ପ୍ରତୀକରେ ଭୋଟ୍ ପାଇଥିବା ଜନପ୍ରତିନିଧି ଯଦି ପରେ ଦଳ ପରିବର୍ତ୍ତନ କରନ୍ତି, ତେବେ ଅନେକଙ୍କ ମତରେ ଏହା ଜନାଦେଶର ଆତ୍ମାକୁ କ୍ଷୁଣ୍ଣ କରେ।

ଏହି କାରଣରୁ ଦଳବଦଳ ବିରୋଧୀ ଆଇନକୁ ଅଧିକ ପ୍ରଭାବଶାଳୀ କରିବା, ଦଳ ପରିବର୍ତ୍ତନ କରୁଥିବା ପ୍ରତିନିଧିଙ୍କ ପାଇଁ ପୁନଃ ନିର୍ବାଚନ ଲଢ଼ିବା ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ଅବଧିର ନିୟମ ରଖିବା ଭଳି ପ୍ରସ୍ତାବ ଉପରେ ଚର୍ଚ୍ଚା ହୋଇପାରେ। ତେବେ ଏହା ସହ ଜନପ୍ରତିନିଧିଙ୍କ ସାଂବିଧାନିକ ଅଧିକାର ଓ ବିବେକର ପ୍ରଶ୍ନ ମଧ ଜଡ଼ିତ ଥିବାରୁ ସନ୍ତୁଳିତ ଦୃଷ୍ଟିକୋଣ ଆବଶ୍ୟକ।

ବଂଶବାଦ ଓ ବ୍ୟକ୍ତିଗତ ରାଜନୀତି

ଭାରତୀୟ ରାଜନୀତିରେ ବଂଶବାଦ କୌଣସି ଏକ ଦଳରେ ସୀମିତ ନୁହେଁ। ଜାତୀୟ ହେଉ କି ଆଞ୍ଚଳିକ ଦଳ, ପରିବାରକେନ୍ଦ୍ରିକ ନେତୃତ୍ୱର ଅନେକ ଉଦାହରଣ ରହିଛି। ଗଣତନ୍ତ୍ରରେ ନେତୃତ୍ୱର ଆଧାର ହେବା ଉଚିତ ଯୋଗ୍ୟତା, କାର୍ଯ୍ୟଦକ୍ଷତା ଓ ଜନସମର୍ଥନ; ପାରିବାରିକ ଉତ୍ତରାଧିକାର ନୁହେଁ।

ରାଜନୀତିକୁ ଯଦି ସେବାର ଏକ କ୍ଷେତ୍ର ଭାବେ ଦେଖାଯାଏ, ତେବେ ଏଥିରେ ନୂତନ ନେତୃତ୍ୱ ପାଇଁ ସୁଯୋଗ ଓ ସୁସ୍ଥ ପ୍ରତିଯୋଗିତାର ପରିବେଶ ରହିବା ଆବଶ୍ୟକ। ଦୀର୍ଘଦିନ ଧରି କ୍ଷମତାକୁ ପରିବାର ମଧ୍ୟରେ ସୀମିତ ରଖିବା ଗଣତାନ୍ତ୍ରିକ ମୂଲ୍ୟବୋଧ ସହ ସମନ୍ୱୟପୂର୍ଣ୍ଣ ନୁହେଁ ବୋଲି ଅନେକଙ୍କ ମତ।

ପଦବୀ ପରବର୍ତ୍ତୀ ସୁବିଧା : ପୁନର୍ବିଚାରର ଆବଶ୍ୟକତା। ସାଧାରଣ ନାଗରିକଙ୍କ ମଧ୍ୟରେ ଏକ ଧାରଣା ରହିଛି ଯେ ଅନେକ ଜନପ୍ରତିନିଧି ପଦବୀ ଛାଡ଼ିବା ପରେ ମଧ ବିଭିନ୍ନ ସରକାରୀ ସୁବିଧା ପାଇ ଆସୁଛନ୍ତି। ସୁରକ୍ଷା କିମ୍ବା ସାଂବିଧାନିକ ଆବଶ୍ୟକତା ଥିବା କ୍ଷେତ୍ର ବ୍ୟତୀତ ଅନ୍ୟାନ୍ୟ ସୁବିଧାର ଯୁକ୍ତିସଙ୍ଗତତା ଉପରେ ଆଲୋଚନା ହେବା ସ୍ୱାଭାବିକ। ଗଣତନ୍ତ୍ରରେ ସାର୍ବଜନୀନ ପଦବୀ ଏକ ସେବାର ଦାୟିତ୍ୱ, ଆଜୀବନ ବିଶେଷାଧିକାରର ଉତ୍ସ ନୁହେଁ। ଏହି ଧାରଣାକୁ ସୁଦୃଢ଼ କରିବା ପାଇଁ ମଧ ଏହି ବିଷୟରେ ସମୀକ୍ଷା ଆବଶ୍ୟକ।

ବର୍ତ୍ତମାନର ରାଜନୈତିକ ଚରିତ୍ର : ଚିନ୍ତାର ବିଷୟ

ସ୍ୱାଧୀନ ଭାରତରେ ଆଜି ଏକ ବିଚିତ୍ର ପ୍ରବୃତ୍ତି ଦେଖାଯାଉଛି। ରାଜନୈତିକ ନେତୃତ୍ୱ ପ୍ରତି ସମର୍ଥନ ଓ ବିରୋଧ ଉଭୟ କ୍ଷେତ୍ରରେ ଯୁକ୍ତିଠାରୁ ଅଧିକ ଭାବାବେଗ ପ୍ରାଧାନ୍ୟ ପାଉଛି। ସମାଲୋଚନାକୁ ଶତ୍ରୁତା ଏବଂ ପ୍ରଶଂସାକୁ ଅନ୍ଧ ସମର୍ଥନ ଭାବରେ ଦେଖିବାର ପ୍ରବୃତ୍ତି ଗଣତନ୍ତ୍ର ପାଇଁ ସୁସ୍ଥ ନୁହେଁ। କୌଣସି ନେତା କିମ୍ବା ଦଳର ମୂଲ୍ୟାୟନ ବ୍ୟକ୍ତିପୂଜା ଆଧାରରେ ନୁହେଁ, ବରଂ ତାଙ୍କର ନୀତି, କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଓ ଜନକଲ୍ୟାଣମୂଳକ କାର୍ଯ୍ୟ ଆଧାରରେ ହେବା ଉଚିତ। ଗଣତନ୍ତ୍ରରେ ନାଗରିକଙ୍କ ଭୂମିକା ଭକ୍ତ କିମ୍ବା ବିରୋଧୀର ନୁହେଁ; ବରଂ ସଚେତନ ମୂଲ୍ୟାୟନକାରୀର। ସଂସ୍କାରର ପଥ ହିଁ ସୁଶାସନର ପଥ। ରାମରାଜ୍ୟ କିମ୍ବା ସୁବର୍ଣ୍ଣଯୁଗ କୌଣସି ନିର୍ଦ୍ଦିଷ୍ଟ ଦଳ କିମ୍ବା ନେତାଙ୍କ ସହ ଜଡ଼ିତ ଧାରଣା ନୁହେଁ; ଏହା ଏକ ଆଦର୍ଶ ଶାସନ ବ୍ୟବସ୍ଥାର ପ୍ରତୀକ। ସେହି ଆଦର୍ଶକୁ ବାସ୍ତବ ରୂପ ଦେବାକୁ ହେଲେ ରାଜନୈତିକ ପାଣ୍ଠିର ସ୍ୱଚ୍ଛତା, ନିର୍ବାଚନୀ ସଂସ୍କାର, ଦଳବଦଳ ନିୟନ୍ତ୍ରଣ, ବଂଶବାଦ ଉପରେ ଅଙ୍କୁଶ, ସରକାରୀ ପ୍ରଚାର ବ୍ୟୟର ଜବାବଦେହିତା ଓ ଜନପ୍ରତିନିଧିଙ୍କ ଉତ୍ତରଦାୟିତ୍ୱ ଭଳି ପ୍ରସଙ୍ଗ ଉପରେ ଗମ୍ଭୀର ଜାତୀୟ ଚର୍ଚ୍ଚା ଅପରିହାର୍ଯ୍ୟ। ସଂସ୍କାରର ପଥ କଦାପି ସହଜ ନୁହେଁ। କିନ୍ତୁ ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ନିଜକୁ ସମୟ ସହିତ ସୁଧାରିବାର କ୍ଷମତା। ଆଜିର ପ୍ରଶ୍ନ କେବଳ ଏତିକି—ଆମେ ଜ'ଣ ସେହି ଆବଶ୍ୟକ ସଂସ୍କାର ପାଇଁ ପ୍ରସ୍ତୁତ, ନା କେବଳ ଆଦର୍ଶର ସ୍ଲୋଗାନରେ ସନ୍ତୁଷ୍ଟ ରହିବାକୁ ଚାହୁଁଛୁ ? ଗଣତନ୍ତ୍ରର ଭବିଷ୍ୟତ ଏହି ପ୍ରଶ୍ନର ଉତ୍ତର ଉପରେ ନିର୍ଭର କରିବ।

**ଶାନ୍ତି ନଗର, ସୋନପୁର**
**୮୧୪୪୮ ୭୦୭୨୯**

## କ୍ରସ ଭୋଟିଂ ଯୋଗ ନିର୍ବାଚନ ହାରିଲା କଂଗ୍ରେସ ବାଜି ମାରିନେଲେ ଏନଡିଏ ସମର୍ଥିତ ପ୍ରାର୍ଥୀ

ଝାରଖଣ୍ଡ, ୨୦/୦୬ : ଝାରଖଣ୍ଡ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ। ବ୍ୟାପକ କ୍ରସ ଭୋଟିଂ ଯୋଗୁ ଗୋଟିଏ ରାଜ୍ୟସଭା ଆସନ ହରାଇଛି କଂଗ୍ରେସ। ସଂଖ୍ୟା ନଥାଇ ମଧ୍ୟ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଳ ନାଥୱାନି ରାଜ୍ୟସଭା ନିର୍ବାଚନରେ ବାଜିମାତ କରିଛନ୍ତି। ସେ କଂଗ୍ରେସର ପ୍ରଣବ ଝାଙ୍କୁ ହରାଇ ଦେଇଛନ୍ତି। ଝାରଖଣ୍ଡର ଦୁଇଟି ରାଜ୍ୟସଭା ଆସନ ପାଇଁ ଭୋଟିଂ ହୋଇଥିଲା। ଗୋଟିଏରେ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଜିତିଥିବା ବେଳେ ଅନ୍ୟ ଆସନରେ କ୍ଷମତାସୀନ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ)ର ପ୍ରାର୍ଥୀ ବୈଦନାଥ ରାମ ଜିତିଛନ୍ତି। ପରିମଳ ୨୮ ଖଣ୍ଡ ଭୋଟ ପାଇଥିବାରୁ ତାଙ୍କୁ ବିଜେତା ଘୋଷଣା କରାଯାଇଛି। ପ୍ରଣବ ଝା କେବଳ ୨୦ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟ ଆସନରେ ରାମଙ୍କୁ ୩୦ ଜଣ ବିଧାୟକ ଭୋଟ ଦେଇଛନ୍ତି। ଆଜି ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବ୍ୟାପକ କ୍ରସ ଭୋଟିଂ ଦେଖିବାକୁ ମିଳିଛି। ସେହିପରି ୩ଟି ଭୋଟକୁ ନାକଚ କରାଯାଇଛି। ୨ ଜଣ ବିଜେପି ବିଧାୟକ ଓ ଜଣେ କଂଗ୍ରେସ ବିଧାୟକଙ୍କ ଭୋଟ ନାକଚ ହୋଇଥିବା ଜଣାପଡ଼ିଛି। ୮୧ ଆସନ ବିଶିଷ୍ଟ ଝାରଖଣ୍ଡ ବିଧାନସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ବିଧାୟକଙ୍କ ସଂଖ୍ୟା ୨୪। ଏହା ଗୋଟିଏ ରାଜ୍ୟସଭା ଆସନ ଦଖଲ କରିବା ଠାରୁ ୪ କମ। ସେହିପରି କ୍ଷମତାସୀନ ଜେଏମଏମ, କଂଗ୍ରେସ ଓ ସହଯୋଗୀଙ୍କ ପାଖରେ ୫୬ ଜଣ ବିଧାୟକ ରହିଛନ୍ତି। ଏହାର ଅର୍ଥ ଜେଏମଏମ ଓ କଂଗ୍ରେସ ଗୋଟିଏ ଲେଖାଏ ରାଜ୍ୟସଭା ଆସନ ଜିତିବେ ବୋଲି ସମସ୍ତେ ଆଶା କରିଥିଲେ। କିନ୍ତୁ ପରିମଳଙ୍କ ସପକ୍ଷରେ କ୍ରସ ଭୋଟିଂ ହୋଇଛି। ଏଥିଯୋଗୁ ସେ ଦୁଇ ବିଜେପି ବିଧାୟକଙ୍କ ଭୋଟ ନାକଚ ହେବା ସତ୍ତ୍ୱେ ଆବଶ୍ୟକ ୨୮ ଖଣ୍ଡ ଭୋଟ ପାଇବାକୁ ସକ୍ଷମ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଧାନସଭାର ସମସ୍ତ ୮୧ ଜଣ ଭୋଟ ଦେଇଥିଲେ। ଶେଷରେ ସଂଖ୍ୟା ନଥାଇ ମଧ୍ୟ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସମସ୍ତଙ୍କୁ ଚକିତ କରି ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଏହି ବିଜୟ ସହ ପରିମଳ ୪ର୍ଥ ଥର ପାଇଁ ରାଜ୍ୟସଭାକୁ ଯିବାକୁ ଯୋଗ୍ୟତା ହାସଲ କରିଛନ୍ତି। ୨୦୦୮ରୁ ୨୦୨୦ ଯାଏ ସେ ଝାରଖଣ୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭାକୁ ଯାଇଥିଲେ। ୨୦୨୦ରୁ ୨୦୨୬ ଯାଏ ସେ ଆନ୍ଧ୍ରରୁ ସଂସଦର ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିଲେ। ଏବେ ପୁଣି ସେ ସ୍ୱାଧୀନ ସାଂସଦ ଭାବେ ରାଜ୍ୟସଭାକୁ ଯାଇ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଆଜିର ବିଜୟ ପରେ ସେ ଝାରଖଣ୍ଡକୁ ନିଜର କର୍ମଭୂମି ବୋଲି କହି ତାଙ୍କୁ ସମର୍ଥନ କରିଥିବା ସମସ୍ତ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ବିଜେପି ନେତାମାନଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।

## ଆସୁଛି ୪୦ ଟ୍ୟାଙ୍କର ରୋଷେଇ ଗ୍ୟାସ



ତେହରାନ/ନୂଆଦିଲ୍ଲୀ, ୨୦/୦୬ : ଫେବୃଆରୀ ମାସରୁ ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିଲା, ଯାହା ଭାରତ ସମେତ ଅନେକ ଦେଶର ଅର୍ଥନୀତିକୁ ପ୍ରଭାବିତ କରୁଥିଲା। ବିଶେଷକରି ଭାରତ ତେଲ ଏବଂ ଗ୍ୟାସର ଅଭାବର ସମ୍ମୁଖୀନ ହେଉଥିଲା। ତଥାପି, ଦୁଇ ରାଷ୍ଟ୍ର ମଧ୍ୟରେ ପରିସ୍ଥିତି ସ୍ଥିର ହେବା ସହିତ, ଭାରତ ପାଇଁ ଏକ ସ୍ୱାଗତଯୋଗ୍ୟ ଖବର ଅଛି ଯେ ହର୍ମୁଜ ପ୍ରଣାଳୀ ପୁଣି ଖୋଲାଯାଇଛି, ଏବଂ ତେଲ ଏବଂ ଗ୍ୟାସରେ ବୋଝେଇ ଟ୍ୟାଙ୍କରଗୁଡ଼ିକ ନିୟମିତ ଭାବରେ ଆସିବା ଆରମ୍ଭ କରିଛନ୍ତି। ଇରାନ ଏବଂ ଆମେରିକା ମଧ୍ୟରେ ଶାନ୍ତି ଆଲୋଚନା ସହିତ ହର୍ମୁଜ ପ୍ରଣାଳୀ ପୁଣି ଖୋଲାଯାଇଛି। ଏହି ପୁନଃଖୋଲିବା ପରେ, ତରଳ ପେଟ୍ରୋଲିୟମ ଗ୍ୟାସ (ଖଚଏ) ବହନ କରୁଥିବା ୪୦ଟି ଜାହାଜ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ସେମାନଙ୍କର ଆଗମନ ଲକ୍ଷ ଲକ୍ଷ ଭାରତୀୟ ପରିବାରକୁ ପ୍ରଭାବିତ କରୁଥିବା ଗ୍ୟାସ ଯୋଗାଣ ସମସ୍ୟାର ସମାଧାନ କରିବ ବୋଲି ଆଶା କରାଯାଉଛି। ଟେଲିଗ୍ରାଫ ଇଣ୍ଡିଆ ସହିତ କଥାବାର୍ତ୍ତା କରି, କକ୍ଷ୍ରକସ ର ଜଣେ ବରିଷ୍ଠ ଶକ୍ତି ବିଶ୍ଳେଷକ ସୁମିତ ରିଟୋଲିଆ ଉଲ୍ଲେଖ କରିଛନ୍ତି, ‘ଏଲପିଜି ସବୁଠାରୁ ଅଧିକ ପ୍ରଭାବିତ ହୋଇଛି; (ଭାରତକୁ) ଆମଦାନୀ ପୂର୍ବ-ଦ୍ୱନ୍ଦ୍ୱ ସ୍ତର ତୁଳନାରେ ପ୍ରାୟ ୫୧% ହ୍ରାସ ପାଇଛି, ଯାହା ଷ୍ଟକ ପୂରଣ କରିବା ପାଇଁ ଚାପ ସୃଷ୍ଟି କରୁଛି।’ ସେ ଆହୁରି ମଧ୍ୟ କହିଛନ୍ତି, ‘ବାଣିଜ୍ୟ ପ୍ରବାହ ତୁରନ୍ତ ସ୍ୱାଭାବିକ ହେବାର ସମ୍ଭାବନା ନାହିଁ; ବରଂ, ଏହି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଘଟିବ, କାରଣ ବିଭିନ୍ନ ପ୍ରକାରର ଇନ୍ଧନ ବିଭିନ୍ନ ଉପାୟରେ ପ୍ରଭାବିତ ହୋଇଥିଲା।’ ଏହା ଉଲ୍ଲେଖନୀୟ ଯେ ସମ୍ପ୍ରତି ଇରାନ-ଆମେରିକା ବିବାଦ ଯୋଗୁ ଗତ ମାସରେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଥିଲା। ଘରୋଇ ଏବଂ ବାଣିଜ୍ୟିକ ଏଲପିଜିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଥିଲା, ଯାହା ସିଧାସଳଖ ଜାତୀୟ ଅର୍ଥନୀତିକୁ ପ୍ରଭାବିତ କରିଥିଲା। ତଥାପି, ହର୍ମୁଜ ପ୍ରଣାଳୀ ପୁନଃ ଖୋଲିବା ସହିତ, ଆଶା କରାଯାଉଛି ଯେ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସର ମୂଲ୍ୟ ଶୀଘ୍ର ହ୍ରାସ ପାଇବ, ଯାହା ଦ୍ୱାରା ସାଧାରଣ ଲୋକଙ୍କ ଉପରେ ମୁଦ୍ରାସ୍ଫୀତି ବୋଝ କମ ହେବ।

## ସିନ୍ଧୁ ନଦୀ ଚୁକ୍ତି ଖୁବ୍ ପୁରୁଣା, ପାକିସ୍ତାନ ହେଉଛି ଆତଙ୍କବାଦୀଙ୍କ ଦେଶ : ଜାତିସଙ୍ଘରେ ବର୍ଷିଲା ଭାରତ

ନୂଆଦିଲ୍ଲୀ, ୨୦/୦୬ : ସିନ୍ଧୁ ନଦୀ ଜଳ ପ୍ରସଙ୍ଗରେ ପାକିସ୍ତାନ ଉପରେ ବର୍ଷିଛି ଭାରତ । ଜାତିସଙ୍ଘ ମାନବାଧିକାର ପରିଷଦର ଏକ ବୈଠକରେ ଭାରତ ପ୍ରସଙ୍ଗକୁ ଗୁରୁତର ସହ ନେଇ ଏବେ ସିନ୍ଧୁ ଚୁକ୍ତିର ବୈଧତା ସରିଯାଇଥିବା କହିଛି । ଏହାକୁ ସରକାର ଅତି ପୁରୁଣା ବୋଲି କହିଛନ୍ତି । ଏହାସହ ଯେଉଁ ଦେଶ ଲଗାତାର ଆତଙ୍କବାଦକୁ ପ୍ରୋତ୍ସାହନ ଦେଇଥାଏ ତା ନିକଟରୁ ମିତ୍ରତା ଆଶା କରିବା ବୃଥା ବୋଲି ମଧ୍ୟ ଭାରତୀୟ ଅଧିକାରୀ ପ୍ରକାଶ କରିଛନ୍ତି । ୟୁଏନଏଚଆରସିର ୬୨ ତମ ବୈଠକରେ ଭାରତର ପ୍ରତିନିଧି ଅନୁପମା ସିଂ କହିଛନ୍ତି ଯେ, ପାକିସ୍ତାନ ଭାରତ ଉପରେ ଯେଉଁ ଅଭିଯୋଗ ଲଗାଉଛି ତାହା ଭିତ୍ତିହୀନ । ପାକିସ୍ତାନ ବାରମ୍ବାର ଦ୍ୱିପାକ୍ଷିକ ପ୍ରସଙ୍ଗକୁ ଅନ୍ତର୍ଜାତୀୟ ମଞ୍ଚରେ ଉଠାଇ ଅଯଥା ସମୟ ନଷ୍ଟ କରୁଛି । ଏସବୁ ନକରି ପାକ୍ ନିଜ ଦେଶରେ ବଢୁଥିବା ଆତଙ୍କବାଦ ଉପରେ ଧ୍ୟାନ ଦେଲେ ଭଲ ହେବ । ପାକ୍ ପ୍ରଯୋଜିତ ଆତଙ୍କବାଦ ଆଞ୍ଚଳିକ ଶାନ୍ତି ପ୍ରତି ବିପଦ ଅଟେ । ସେ ଆହୁରି କହିଛନ୍ତି ଯେ, ସିନ୍ଧୁ ଜଳ ଚୁକ୍ତିକୁ ନେଇ ଭାରତର ଆଭିମୁଖ୍ୟ ସ୍ପଷ୍ଟ ରହିଛି । ଯେଉଁଦେଶ ଆତଙ୍କବାଦୀ ରପ୍ତାନୀ କରେ ସେହି ଦେଶ ଏବେ ସଦଭାବନା ଏବଂ ମିତ୍ରତା କଥା କହୁଛି । ଦୁନିଆ ବଦଳୁଛି । ପୂର୍ବରୁ ଯେଉଁ ଚୁକ୍ତି ହୋଇଥିଲା ତାହା ବର୍ତ୍ତମାନର ସମୟକୁ ନଜରରେ ରଖି ହୋଇନାହିଁ । ୧୯୬୦ରେ ହୋଇଥିବା ଏହି ଚୁକ୍ତିକୁ ଦେଖିଲେ ଏବେକାର ସ୍ଥିତି ଭିନ୍ନ ରହିଛି ।

# ଜୁଲାଇ ପହିଲାରୁ ଓଡ଼ିଶାରେ ଲାଗୁ ହେବ ‘ଭିବି-ଜୀ ରାମ ଜୀ’ ଯୋଜନା

## ଗାଁରେ ଲୋକଙ୍କୁ ମିଳିବ ୧୨୫ଦିନର ନିଶ୍ଚିତ ରୋଜଗାର



ଭୁବନେଶ୍ୱର, ୨୦/୦୬ (ଜେଏନ୍ଏସ୍) : ଆସନ୍ତା ଜୁଲାଇ ପହିଲାରୁ ରାଜ୍ୟର ଗ୍ରାମାଂଚଳରେ ରହୁଥିବା ଗରିବ ଲୋକମାନଙ୍କୁ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ମିଳିବ। ଦୁଇ ଦଶନ୍ଧି ପୁରୁଣା ‘ମନରେଗା ଯୋଜନା’ ପରିବର୍ତ୍ତେ ରାଜ୍ୟର ସମସ୍ତ ପଂଚାୟତରେ ଆସନ୍ତା ଜୁଲାଇ ପହିଲାରୁ ‘ବିକଶିତ ଭାରତ-ରୋଜଗାର ଗ୍ୟାରେଣ୍ଟି ଓ ଆଜୀବିକା ମିଶନ(ଗ୍ରାମୀଣ) ବା ‘ଭିବି-ଜୀ ରାମଜୀ’ କାର୍ଯ୍ୟକାରୀ ହେବ। କେନ୍ଦ୍ର ସରକାରଙ୍କ ‘ବିକଶିତ ଭାରତ-ରୋଜଗାର ଗ୍ୟାରେଣ୍ଟି ଓ ଆଜୀବିକା ମିଶନ(ଗ୍ରାମୀଣ) ଅଧିନିୟମ-୨୦୨୫ର ଧାରା-୩(୧)ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଜ୍ୟ ପଂଚାୟତିରାଜ ବିଭାଗ ଆଜି ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛି। ମନରେଗା ଯୋଜନାରେ ବର୍ଷକୁ ୧୦୦ଦିନର କାମ ଯୋଗାଇ ଦିଆଯାଉଥିବା ବେଳେ ଏହି ପରିବର୍ତ୍ତିତ ‘ଭିବି ଜୀ ରାମଜୀ ଯୋଜନା’ରେ ଅତିକମରେ ୧୨୫ ଦିନର ବୈଧାନିକ ମଜୁରୀ-ଭିତ୍ତିକ ରୋଜଗାର ଗ୍ୟାରେଣ୍ଟି ପ୍ରଦାନ କରାଯିବ। ଭାରତ ସରକାରଙ୍କ ଏହି ଯୋଜନାରେ ଅନୁମୋଦିତ ଆବଣ୍ଟନର ବ୍ୟୟଭାର ୬୦ ପ୍ରତିଶତ କେନ୍ଦ୍ର ଓ ୪୦ ପ୍ରତିଶତ ରାଜ୍ୟ ସରକାର ବହନ କରିବେ । ଯୋଜନାରେ ମହିଳାମାନଙ୍କ ଭାଗିଦାରୀ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି ଓ ମୋଟ ହିତାଧିକାରୀଙ୍କ ମଧ୍ୟରୁ ଅତିକମରେ ଏକ ତୃତୀୟାଂଶ ମହିଳା ହେବା ବାଧ୍ୟତାମୂଳକ କରାଯାଇଛି। ଏମାନଙ୍କ ବ୍ୟତୀତ ସମାଜର ଦୁର୍ବଳ ଓ ଅବହେଳିତ ବର୍ଗ ଯଥା- ଏକାକୀ ମହିଳା, ଭିନ୍ନକ୍ଷମ ବ୍ୟକ୍ତି, ୬୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ମୁକ୍ତ ଗୋତି ଶ୍ରମିକ, ପିଭିଟିଜି ଓ କିନ୍ନରମାନଙ୍କୁ ଏକ ଭିନ୍ନ ରଙ୍ଗର ‘ସ୍ୱତନ୍ତ୍ର ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ’ ପ୍ରଦାନ କରାଯିବ। ଏହି ସ୍ୱତନ୍ତ୍ର କାର୍ଡ କାର୍ଯ୍ୟ ଯୋଗାଇବା, କାର୍ଯ୍ୟର ମୂଲ୍ୟାଙ୍କନ ଓ କାର୍ଯ୍ୟସ୍ଥଳରେ ସୁବିଧା ସୁଯୋଗ କ୍ଷେତ୍ରରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ସୁନିଶ୍ଚିତ କରିବ। ଶ୍ରମିକମାନଙ୍କ ଆର୍‌ଥକ ସ୍ୱାର୍ଥ ରକ୍ଷା ପାଇଁ ଏହି ଯୋଜନାରେ କେତେକ କଠୋର ଆଇନଗତ ଗ୍ୟାରେଣ୍ଟି ଓ ସମୟସୀମା ସ୍ଥିର କରାଯାଇଛି। କାମ ପାଇଁ ଆବେଦନ କରିବାର ୧୫ ଦିନ ମଧ୍ୟରେ ଯଦି କାମ ଯୋଗାଇ ଦେବାରେ ପ୍ରଶାସନ ବିଫଳ ରୁହେ, ତେବେ ଆବେଦନକାରୀ ଦୈନିକ ବେକାରୀ ଭତ୍ତା ପାଇବାକୁ ହକଦାର ହେବେ। ଏହି ବେକାରୀ ଭତ୍ତାର ହାର ଆର୍‌ଥକ ବର୍ଷର ପ୍ରଥମ ତିରିଶ ଦିନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଜ୍ଞାପିତ ମଜୁରୀ ହାରର ଏକଚତୁର୍ଥାଂଶ ଓ ଅବଶିଷ୍ଟ ଅବଧି ପାଇଁ ଅଧା ଅଂଶରୁ କମ୍ ହେବ ନାହିଁ । ସେହିପରି କାମର ମଷ୍ଟର ରୋଲ୍ ବନ୍ଦ ହେବାର ୧୫ଦିନ ମଧ୍ୟରେ ଯଦି ମଜୁରୀ ପ୍ରଦାନ କରାନଯାଏ, ତେବେ ୧୬ ଦିନଠାରୁ ପ୍ରତିଦିନ ପାଇଁ ବାକି ରହିଥିବା ମଜୁରୀର ୦.୦୫% ହାରରେ ବିଳମ୍ବ ଜନିତ କ୍ଷତିପୂରଣ ମିଳିବ। ଏହି କ୍ଷତିପୂରଣ ରାଶିକୁ ପ୍ରଶାସନ ଅଗ୍ରୀମ ଭାବେ ପ୍ରଦାନ କରି ବିଳମ୍ବ ପାଇଁ ଦାୟୀ କର୍ମଚାରୀ ବା ସଂସ୍ଥାଙ୍କଠାରୁ ତାକୁ ଆଦାୟ କରିବ। ଏସବୁ ବ୍ୟତୀତ ଏହି ଯୋଜନାରେ ଦୁର୍ନୀତି ରୋକିବା ପାଇଁ ସ୍ପଷ୍ଟ ନିୟମ ରହିଛି। କୌଣସିବି ପରିସ୍ଥିତିରେ ଠିକାଦାରଙ୍କୁ ନିୟୋଜିତ କରାଯାଇପାରିବ ନାହିଁ ଓ ଶ୍ରମିକମାନଙ୍କ ବଦଳରେ କୌଣସି ମେସିନ୍ ବ୍ୟବହାର କରାଯିବ ନାହିଁ। କୃଷି କାର୍ଯ୍ୟର ମୁଖ୍ୟ ସମୟରେ କୃଷି-ଶ୍ରମିକଙ୍କ ସହଜ ଉପଲବ୍ଧତା ନିମନ୍ତେ ବୁଣା ଓ ଅମଳର ମୋଟ ୬୦ଦିନିଆ ଚାଷ ଋତୁକୁ ସରକାର ଆଗୁଆ ବିଜ୍ଞାପିତ କରିବେ, ଯେଉଁ ସମୟରେ ଯୋଜନାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିବ। ଯଦି କୌଣସି ଶ୍ରମିକଙ୍କୁ ତାଙ୍କ ବାସସ୍ଥାନର ୫କିମି ପରିଧି ବାହାରେ କାମ ମିଳେ, ତେବେ ପରିବହନ ଓ ରହଣି ଖର୍ଚ୍ଚ ଭରଣା ପାଇଁ ମଜୁରୀ ହାରର ୧୦% ଅତିରିକ୍ତ ମଜୁରୀ ମିଳିବ।

ଏହି ଯୋଜନାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ଆଧୁନିକ କରିବା ପାଇଁ ‘ପିଏମ ଗତି ଶକ୍ତି’ ସମେତ ସାଟେଲାଇଟ୍ ଭିତ୍ତିକ ଜିଆଇଏସ୍ ଓ ଡିଜିଟାଲ ଉପକରଣ ବ୍ୟବହାର କରାଯିବ। ପ୍ରତ୍ୟେକ ପଂଚାୟତରେ ‘ବିକଶିତ ଗ୍ରାମପଂଚାୟତ ଯୋଜନା’ ପ୍ରସ୍ତୁତ କରାଯିବ, ଯେଉଁଥିରେ ସମସ୍ତ କାର୍ଯ୍ୟକୁ ଏକୀକୃତ କରି ‘ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତ୍ତିଭୂମି ଷ୍ଟାକ୍’ ଗଠନ କରାଯିବ। ଏହି ଭିତ୍ତିଭୂମି ଷ୍ଟାକ୍ ମୁଖ୍ୟତଃ ଚାରୋଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଆଧାରିତ ହେବ, ଯେଉଁଥିରେ ଜଳ ସଂରକ୍ଷଣ ଓ ସୁରକ୍ଷା ଜନିତ କାର୍ଯ୍ୟ, ମୌଳିକ ଗ୍ରାମାଂଚଳ ଭିତ୍ତିଭୂମି, ଜୀବିକା ସମ୍ବନ୍ଧୀୟ ଭିତ୍ତିଭୂମି ଓ ପ୍ରତିକୂଳ ପାଣିପାଗ ପରିସ୍ଥିତି ତଥା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଭଳି କାର୍ଯ୍ୟ ସାମିଲ ରହିଛି।

ଏହି ଯୋଜନାରେ ବାୟୋମେଟ୍ରିକ ଉପସ୍ଥାନକୁ ବାଧ୍ୟତାମୂଳକ କରାଯାଇଛି । ମଷ୍ଟରରୋଲ୍ ବନ୍ଦ ହେବାର ୩ଦିନ ମଧ୍ୟରେ ଜିଓଟ୍ୟାଗିଂ, ଅଡିଟ୍ ଓ ଜାଲିଆତି ରୋକିବା ପାଇଁ ଏଆଇର ଉପଯୋଗ ଓ ପ୍ରତି ୬ମାସରେ ଗ୍ରାମସଭା ଦ୍ୱାରା ବାଧ୍ୟତାମୂଳକ ସୋସିଆଲ ଅଡିଟ୍ କରାଯିବାର ପ୍ରାବଧାନ ରହିଛି । କାର୍ଯ୍ୟସ୍ଥଳରେ ବିଶୁଦ୍ଧ ପାନୀୟ ଜଳ, ଛାଇ ଓ ଫାଷ୍ଟଏଡ୍ ବକ୍ସ ସହ ୫ବର୍ଷରୁ କମ୍ ଶିଶୁ ବା ତା’ଠୁ କମ୍ ବୟସର ଶିଶୁଥିଲେ ସେମାନଙ୍କ ଦେଖାଶୁଣା ପାଇଁ ଜଣେ ମହିଳା ଶ୍ରମିକଙ୍କୁ ମଧ୍ୟ ନିୟୋଜିତ କରାଯିବ । କାର୍ଯ୍ୟବେଳେ ଦୁର୍ଘଟଣା ଘଟିଲେ ମାଗଣା ଚିକିତ୍ସା ସହ ମୃତ୍ୟୁ ବା ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ‘ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା’ ଅନୁଯାୟୀ ଆର୍ଥିକ ଅନୁକମ୍ପାମୂଳକ ସହାୟତା ମିଳିବ ।

ଯୋଜନାର କାର୍ଯ୍ୟକାରିତା ପାଇଁ ରାଜ୍ୟସ୍ତରରେ ପଂଚାୟତିରାଜ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ‘ଓଡ଼ିଶା ରାଜ୍ୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ପରିଷଦ’ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ‘ରାଜ୍ୟସ୍ତରୀୟ ପରିଚାଳନା ସମିତି’, ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କୁ ‘ଜିଲ୍ଲା କାର୍ଯ୍ୟକ୍ରମ ସମନ୍ୱୟକାରୀ’ ଓ ବ୍ଲକସ୍ତରରେ ବିଡିଓଙ୍କୁ ‘କାର୍ଯ୍ୟକ୍ରମ ଅଧିକାରୀ’ ଭାବେ ନାମିତ କରାଯାଇଛି ।

ପ୍ରଶାସନିକସ୍ତରରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ପାଇଁ ପ୍ରତିବର୍ଷ ପଂଚାୟତସ୍ତରରେ ୧୦୦%, ବ୍ଲକସ୍ତରରେ ସର୍ବନିମ୍ନ ୬୦%, ଜିଲ୍ଲାସ୍ତରରେ ୧୦% ଓ ରାଜ୍ୟସ୍ତରରେ ଅତିକମରେ ୨% କାର୍ଯ୍ୟର ସରଜମିନ ଯାଂଚ ବାଧ୍ୟତାମୂଳକ କରାଯାଇଛି । ଅଭିଯୋଗର ୭ ଦିନ ମଧ୍ୟରେ ତଦନ୍ତ ଓ ୧୫ଦିନ ମଧ୍ୟରେ ସମ୍ପୂର୍ଣ୍ଣ ସମାଧାନ କରାଯିବ, ନଚେତ୍ ଅଭିଯୋଗଟି ଡ୍ୟାସବୋର୍ଡ ମାଧ୍ୟମରେ ସ୍ୱୟଂଚାଳିତ ଭାବେ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ସ୍ଥାନାନ୍ତରିତ ହୋଇଯିବ ଓ ଏଥିପାଇଁ ପ୍ରତ୍ୟେକ ଜିଲ୍ଲା ପାଇଁ ଜଣେ ‘ଲୋକପାଳ’ ମଧ୍ୟ ନିଯୁକ୍ତ ହେବେ ବୋଲି ଜଣାପଡ଼ିଛି ।

# ଆଞ୍ଚଳିକ ଦଳ ଦିଫାଲ, ମୋଦୀ ସଫଳ

## ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଗତ ଲକ୍ଷ୍ୟରେ ବିଜେପି




ନୂଆଦିଲ୍ଲୀ, ୨୦/୦୬ : ଦେଶର ବିଭିନ୍ନ ଆଞ୍ଚଳିକ ଦଳରେ ବିବାଦ ଓ ବିଦ୍ରୋହର ଫାଇଦା କେନ୍ଦ୍ର ବିଜେପିକୁ ସୁହାଉଛି। ଟିଡିପି ଓ ଜେଡିୟୁ ଉପରେ ନିର୍ଭର କରି ତୃତୀୟ ଥର ଆସନରେ ବସିଥିବା ମୋଦୀ ସରକାର ଚାପରେ ଥିଲେ। ଟିଏମସି, ଶିବ ସେନା, ଏନସିପି ରେ ବିଭାଜନ କରି ଲୋକସଭାରେ ନିରଙ୍କୁଶ ସଂଖ୍ୟା ହାସଲ କରିବାରେ ବିଜେପି ସମର୍ଥ ହୋଇଛି। ସେହିଭଳି ବିଜେଡ଼ିର ରାଜ୍ୟସଭା ସାଂସଦଙ୍କୁ କୌଶଳ କ୍ରମେ ନିଜ ଦଳକୁ ଆଣିବାରେ ସଫଳ ହୋଇଛି। ବିରୋଧି ଦଳଗୁଡିକର ଏକତା ନଥିବାରୁ ଏହା ମୋଦୀଙ୍କ ଆଶ୍ରିବାଦ ହୋଇଛି।

ବିଗତ କିଛି ଦିନରେ ଭାରତୀୟ ରାଜନୀତିରେ ବଡ଼ ଧରଣର ହଲଚଲ୍ ଦେଖିବାକୁ ମିଳିଛି। ବିରୋଧୀ ‘ଇଣ୍ଡି’ ମେଣ୍ଟର ପ୍ରମୁଖ ଦଳଗୁଡ଼ିକ ମଧ୍ୟରେ ସୃଷ୍ଟି ହୋଇଥିବା ବିଦ୍ରୋହ ଓ ବିଭାଜନର ସୁଦୂରପ୍ରସାରୀ ଫାଇଦା ଉଠାଇବାକୁ ପ୍ରସ୍ତୁତ ହେଉଛି ବିଜେପି ନେତୃତ୍ୱାଧୀନ ଏନଡିଏ। ଆଗାମୀ ମୌସୁମୀ ଅଧିବେଶନରେ ଗୁରୁତ୍ୱପୂର୍ଣ୍ଣ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ପୁନର୍ବାର ଆଗତ କରି ଏହାକୁ ପାରିତ କରାଇବା କେନ୍ଦ୍ର ସରକାରଙ୍କ ମୂଳ ଲକ୍ଷ୍ୟ ତଥା ଏନେଇ ସମଗ୍ର ରଣନୀତି ବୋଲି କୁହାଯାଉଛି ।ଟିଏମସି ଏବଂ ଉଦ୍ଧବ ଠାକରେଙ୍କ ଶିବସେନା ମଧ୍ୟରେ ବିଭାଜନ ପରେ, ଲୋକସଭାକୁ ନେଇ ବିଜେପିର ଆଶା ଯଥେଷ୍ଟ ବୃଦ୍ଧି ପାଇଛି। ସାମ୍ବିଧାନିକ ସଂଶୋଧନ ପାରିତ କରିବା ପାଇଁ ଆବଶ୍ୟକ ୩୬୨ର ‘ଯାଦୁକରୀ ସଂଖ୍ୟା’କୁ ଏନଡିଏ ଛୁଇଁ ପାରି ନଥିଲେ ସୁଦ୍ଧା ଏହାର ନିକଟତର ହୋଇଛି । ଅନ୍ୟ କେତେକ ଦଳର ସହଯୋଗରେ ଏନଡିଏ ପାଇଁ ଉଭୟ ସଭାରେ ୧୦ରୁ କମ୍ ଭୋଟର ଆବଶ୍ୟକତା ରହୁଥିବା ସାଂପ୍ରତିକ ରାଜନୈତିକ ଅଙ୍କରୁ ଜଣାପଡୁଛି। ସୂଚିତ ଯେ, ଗତ ଏପ୍ରିଲରେ ସରକାର ମହିଳା ସଂରକ୍ଷଣ ବିଲ୍‌ର ଏକ ଅଂଶ ଭାବେ ସୀମା ପୁନଃନିର୍ଦ୍ଧାରଣ ସହିତ ଜଡ଼ିତ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଣିଥିଲେ, କିନ୍ତୁ ଲୋକସଭାରେ ବିରୋଧୀ ଦଳର ମିଳିତ ପ୍ରୟାସ ଦ୍ୱାରା ଏହି ବିଲ୍ ୫୪ଟି ଭୋଟରେ କାଟ୍ ଖାଇଥିଲା। ସମ୍ପ୍ରତି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ତୃଣମୂଳ କଂଗ୍ରେସ ଗଭୀର ସଙ୍କଟରେ ପଡ଼ିଛି। ଦଳର ୨୮ ଲୋକସଭା ସାଂସଦଙ୍କ ମଧ୍ୟରୁ ପ୍ରାୟ ୨୦ ଜଣ ବିଦ୍ରୋହୀ ହୋଇ ନ୍ୟାସନାଲ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ)ରେ ମିଶି ଯାଇଛନ୍ତି ଏବଂ ଏନଡିଏକୁ ସମର୍ଥନ ଦେବାର ସଙ୍କେତ ଦେଇଛନ୍ତି। ଏହା ଏନଡିଏର ଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ନେବ ବୋଲି ଆକଳନ କରାଯାଉଛି।

ଅନ୍ୟପକ୍ଷରେ ଉଦ୍ଧବ ଠାକରେଙ୍କ ଶିବସେନା (ୟୁବିଟି)ର ୯ ସାଂସଦଙ୍କ ମଧ୍ୟରୁ ୬ ଜଣ ଏକନାଥ ସିନ୍ଦେ ଶିବସେନାରେ ମିଶିବାର ଚର୍ଚ୍ଚା ଜୋର୍ ଧରିଛି। ଏହା ମଧ୍ୟ ଏନଡିଏର ପକ୍ଷରେ ଯାଇପାରେ। ସେହିପରି ସମାଜବାଦୀ ପାର୍ଟିରେ ମଧ୍ୟ ବିଦ୍ରୋହ ହେବ ବୋଲି ଆକଳନ କରାଯାଉଛି । ସମାଜବାଦୀ ପାର୍ଟିରେ ବର୍ତ୍ତମାନ ୩୭ଜଣ ସାଂସଦ ଥିବା ବେଳେ ସେମାନଙ୍କ ମଧ୍ୟରୁ ୨୫ଜଣ ଦଳ ବିରୋଧରେ ବିଦ୍ରୋହ କରି ଏନ୍‌ଡିଏରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଏପରି ହେଲେ ଏନ୍‌ଡିଏ ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରାୟ ଦୁଇ-ତୃତୀୟାଂଶ ବହୁମତ ଲକ୍ଷ୍ୟ ଛୁଇଁ ପାରେ। ଏହାଦ୍ୱାରା ସମ୍ବିଧାନ ସଂଶୋଧନ ବିଲ୍ ମାଧ୍ୟମରେ ସରକାର ତାଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ କରିପାରିବେ। ଲୋକସଭାରେ ୫୪୩ ଆସନରୁ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ପାଇଁ ୩୬୨ ଆସନର ସମର୍ଥନ ଆବଶ୍ୟକ, କିନ୍ତୁ ଖାଲିଥିବା ଆସନ ପରିପ୍ରେକ୍ଷୀରେ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ୩୬୦ ରହିବ। ଗତ ଏପ୍ରିଲ୍‌ରେ ଏହି ବିଲ୍ ଉପରେ ଭୋଟଦାନ ସମୟରେ ୧୨ଜଣ ସାଂସଦ ଅନୁପସ୍ଥିତ ଥିଲେ। ଯଦି ଆଗାମୀ ଅଧିବେଶନରେ ଏହି ଧାରା ବଜାୟ ରହେ ତେବେ ବିଲ୍ ପାରିତ କରିବାକୁ ୩୫୨ଜଣ ସାଂସଦଙ୍କ ସମର୍ଥନର ଆବଶ୍ୟକତା ପଡ଼ିବ। ବର୍ତ୍ତମାନ ବିଜେପିର ୨୪୦ ସାଂସଦଙ୍କୁ ମିଶାଇ ଲୋକସଭାରେ ଏନ୍‌ଡିଏର ୨୯୩ ଜଣ ସାଂସଦ ଅଛନ୍ତି। ତେଣୁ ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ପାଇଁ ଏନଡିଏକୁ ୬୯ ଭୋଟର ଆବଶ୍ୟକତା ରହିଛି। ତେବେ ଇତିମଧ୍ୟରେ ଟିଏମ୍‌ସିର ୨୦ ଓ ଶିବସେନାର ୬ ଜଣ ସାଂସଦ ଏନଡିଏ ସମର୍ଥନରେ ଆସି ଯାଇଥିବାରୁ ଏନଡିଏର ଶକ୍ତି ୩୧୯କୁ ବୃଦ୍ଧି ପାଇଛି। ଏହିପରି ଭାବେ ଦୁଇ-ତୃତୀୟାଂଶ ଅଙ୍କକୁ ଛୁଇଁବାକୁ ୩୩ ଭୋଟର ଆବଶ୍ୟକତା ରହୁଛି। ତାମିଲନାଡୁରେ ଯୋଶଫ ବିଜୟଙ୍କ ଟିଭିକେ ସରକାରକୁ କଂଗ୍ରେସ ସମର୍ଥନ ଦେବା ପରେ ଇଣ୍ଡି ମେଣ୍ଟରୁ ଅଲଗା ହୋଇଯାଇଥିବା ଡିଏମ୍‌କେକୁ ମଧ୍ୟ ଏନଡିଏ ସପକ୍ଷରେ ଭୋଟ ଦେବ ବୋଲି ଆଶା କରାଯାଉଛି। ଯଦି ଡିଏମ୍‌କେର ୨୨ଜଣ ସାଂସଦ ସରକାରଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରନ୍ତି ତେବେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପାସ୍ କରାଇ ପାଇଁ ଆବଶ୍ୟକ ସଂଖ୍ୟାର ନିକଟତର ହେବ ଏନ୍‌ଡିଏ। ଅବଶ୍ୟ ସାଂପ୍ରତିକ ସ୍ଥିତିରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଗତ ହେଲେ ଉତ୍ତର ଭାରତ ତୁଳନାରେ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବା ଆଶଙ୍କାରେ ଡିଏମକେ ଏହାର ବିରୋଧ କରୁଛି। ମାତ୍ର ଡିଏମକେର ଦାବିକୁ ମାନିନେଲେ ଦଳ ଏନଡିଏକୁ ସମର୍ଥନ କରିବ। ସେହିପରି ୱାଇଏସ୍‌ଆର କଂଗ୍ରେସର ୪ଜଣ ସାଂସଦ ବିଭିନ୍ନ ପ୍ରସଙ୍ଗରେ ଏନ୍‌ଡିଏ ସରକାରଙ୍କୁ ସମର୍ଥନ ଦେଇ ଆସୁଛନ୍ତି। ଏହାସହ ଉତ୍ତରପ୍ରଦେଶ ରାଜନୈତିକ ସ୍ଥିତିକୁ ଲକ୍ଷ୍ୟ କଲେ ସମାଜବାଦୀ ପାର୍ଟିର ପାଖାପାଖି ୨୫ଜଣ ସାଂସଦ ଏନ୍‌ଡିଏରେ ସାମିଲ ହେବାକୁ ଆଶାୟୀ। ଯଦି ସେମାନେ ଏନ୍‌ଡିଏରେ ସାମିଲ ହୁଅନ୍ତି ତେବେ ଆଗାମୀ ଅଧିବେଶନରେ ଏନ୍‌ଡିଏ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାରିତ କରାଇ ନେବା ସହଜ ହୋଇଯିବ। ଏହାବାଦ୍ ପ୍ରାୟ ୬ ସ୍ୱାଧୀନ ସାଂସଦଙ୍କୁ ନିଜ ଶିବିରକୁ ଆଣିବାକୁ ଏନ୍‌ଡିଏ ପ୍ରୟାସ ଜାରି ରଖିଥିବା ଜଣାପଡ଼ିଛି। ଏସବୁ ପଦକ୍ଷେପ ସଫଳ ହେଲେ ଏନ୍‌ଡିଏ ତରଫରୁ ମହିଳା ସଂରକ୍ଷଣ ଓ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ସହିତ ‘ଗୋଟିଏ ରାଷ୍ଟ୍ର ଗୋଟିଏ ନିର୍ବାଚନ’ ବିଲ୍ ମଧ୍ୟ ଆସିପାରେ ବୋଲି ଚର୍ଚ୍ଚା ହେଉଛି।

ରାଜ୍ୟସଭା ଉପରେ ନଜର ପକାଇଲେ ଟିଏମ୍‌ସିର ୩ଜଣ ସାଂସଦଙ୍କ ଇସ୍ତଫା ପରେ ବର୍ତ୍ତମାନ ରାଜ୍ୟସଭାରେ ମୋଟ ୨୪୨ଜଣ ସାଂସଦ ଅଛନ୍ତି। ରାଜ୍ୟସଭାରେ ବିଲ୍ ପାରିତ କରିବା ନିମନ୍ତେ ବର୍ତ୍ତମାନ ସମୟରେ ୧୬୨ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ। ଏନ୍‌ଡିଏ ନିକଟରେ ୧୫୦ଜଣ ରାଜ୍ୟସଭା ସାଂସଦ ଥିବା ବେଳେ ଡିଏମ୍‌କେର ୮ଜଣ ସାଂସଦଙ୍କ ସମର୍ଥନ ମିଳିବ। ବିଲ୍ ପାରିତ କରିବାକୁ ଆବଶ୍ୟକ ଆଉ ମାତ୍ର ୪ ସାଂସଦଙ୍କ ଭୋଟ୍‌ର ଆବଶ୍ୟକ ଥିବା ବେଳେ ଏନ୍‌ଡିଏ ତରଫରୁ ଏଥିନିମନ୍ତେ ପ୍ରୟାସ ଆରମ୍ଭ ହୋଇଗଲାଣି। ରାଜ୍ୟ ସଭାରେ ଥିବା ବିଜେଡିର ୫ ଏବଂ ୱାଇଏସଆରସିପିର ୭ ସାଂସଦଙ୍କ ସମର୍ଥନ ହାସଲ କରିବା ପାଇଁ ବିଜେପି ପକ୍ଷରୁ ଉଦ୍ୟମ ଚାଲିଛି। ଏସବୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିରୋଧୀ ଇଣ୍ଡି ମେଣ୍ଟରେ ବିଭାଜନ ଘଟାଇ ଉଭୟ ଲୋକସଭା ଓ ରାଜ୍ୟସଭାରେ ମହିଳା ସଂରକ୍ଷଣ ଓ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ପାରିତ କରାଇବାକୁ ଏନ୍‌ଡିଏ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଥିବା ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି। ସେହିପରି ଅନ୍ୟ ଦଳରୁ ବହୁ ସଂଖ୍ୟାରେ ସାଂସଦ ଏନଡିଏରେ ସାମିଲ ହେଉଥିବାରୁ ଆଗାମୀ ନିର୍ବାଚନରେ ଟିକେଟ୍ ବଣ୍ଟନକୁ ନେଇ ଦଳ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେବାର ଆଶଙ୍କା ରହିଥିଲା। ମାତ୍ର ଆସନ ସଂଖ୍ୟା ୮୫୦କୁ ବୃଦ୍ଧି ପାଇଲେ, ସମସ୍ତ ନେତାଙ୍କୁ ସନ୍ତୁଷ୍ଟ କରାଯାଇପାରିବ ଏବଂ ଏହି ଆଭ୍ୟନ୍ତରୀଣ ସମସ୍ୟାର ସହଜ ସମାଧାନ ହୋଇଯିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ଆରମ୍ଭ ହେଲା 'ଫିଟ୍ କଲେଜ ପ୍ରୋଗ୍ରାମ' : ୧୦୦ ମାର୍କର ପରଫର୍ମାନ୍ସ ଇଣ୍ଡେକ୍ସରେ ହେବ ମୂଲ୍ୟାଙ୍କନ

ଭୁବନେଶ୍ୱର, ୨୦/୦୬ (ଜେଏନ୍‌ଏସ୍) : ରାଜ୍ୟର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଶାରୀରିକ ସୁସ୍ଥତା, ମାନସିକ ଦୃଢ଼ତା ଓ ସ୍ୱାସ୍ଥ୍ୟକର ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ପାଇଁ ଉଚ୍ଚଶିକ୍ଷା ବିଭାଗ 'ଫିଟ୍ ଓଡ଼ିଶା ମିଶନ୍' ଅଧୀନରେ 'ଫିଟ୍ କଲେଜ ପ୍ରୋଗ୍ରାମ' ଆରମ୍ଭ କରିଛି। ଏହି ଯୋଜନା ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟରେ ସଂଗଠିତ ଭାବେ ଫିଟନେସ, ଯୋଗ, କ୍ରୀଡ଼ା, କାଉନସେଲିଂ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରାଯିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରତିଷ୍ଠାନକୁ ସବିଶେଷ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକଙ୍କ ଦ୍ୱାରା ଜାରି ହୋଇଥିବା ଏହି ନିର୍ଦ୍ଦେଶରେ କୁହାଯାଇଛି ଯେ, ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ କେବଳ ଶିକ୍ଷାଦାନର କେନ୍ଦ୍ର ନୁହେଁ, ବରଂ ଶାରୀରିକ ଭାବେ ସକ୍ଷମ, ମାନସିକ ଭାବେ ସୁଦୃଢ଼ ଏବଂ ସାମାଜିକ ଭାବେ ଦାୟିତ୍ୱବାନ ଯୁବପିଢ଼ି ଗଢ଼ି ତୋଳିବାର ଅନୁଷ୍ଠାନରେ ପରିଣତ କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଏଥିପାଇଁ କ୍ୟାମ୍ପସରେ ନିୟମିତ ଯୋଗାଭ୍ୟାସ, କ୍ରୀଡ଼ାକାର୍ଯ୍ୟକ୍ରମ, ଫିଟ୍ନେସ୍ ଅଭିଯାନ, ମାନସିକ ସ୍ୱାସ୍ଥ୍ୟ ସହାୟତା, ପୋଷଣ ସଚେତନତା ଓ ନିଶା ନିବାରଣ କାର୍ଯ୍ୟକ୍ରମକୁ ସଂସ୍ଥାଗତ ରୂପ ଦିଆଯିବ।

କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରତ୍ୟେକ କଲେଜରେ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟରେ ଉପକୁଳପତିଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ସମନ୍ୱୟ କମିଟି ଗଠନ କରାଯିବ। ଏଥିରେ ବରିଷ୍ଠ ଅଧ୍ୟାପକ, ଶାରୀରିକ ଶିକ୍ଷା ବିଭାଗର ପ୍ରତିନିଧି, ଏନ୍‌ଏସ୍‌ଏସ୍, ଏନ୍‌ସିସି, ଛାତ୍ର ପ୍ରତିନିଧି ଓ ୱେଲନେସ୍ କୋ-ଅର୍ଡିନେଟର ସାମିଲ ହେବେ। ସେହିପରି ପ୍ରତ୍ୟେକ ପ୍ରତିଷ୍ଠାନରେ ଜଣେ ନୋଡାଲ ଅଫିସର ଓ ଜଣେ କାଉନସେଲିଂ ଏବଂ ୱେଲନେସ୍



କୋ-ଅର୍ଡିନେଟରଙ୍କୁ ନିଯୁକ୍ତ କରିବାକୁ ବାଧ୍ୟତାମୂଳକ କରାଯାଇଛି। 'ଫିଟ୍ କଲେଜ ପ୍ରୋଗ୍ରାମ' ଅଧୀନରେ ସ୍ପୋର୍ଟସ୍ ଓ ଫିଟନେସ କ୍ଲବ, ଯୋଗ ଓ ୱେଲନେସ୍ କ୍ଲବ, ହେଲଥ ଆଣ୍ଡ ନ୍ୟୁଟ୍ରିସନ୍ କ୍ଲବ, ମେଣ୍ଟାଲ ହେଲ୍‌ଥ ସପୋର୍ଟ ଗ୍ରୁପ୍, ଆଡଭେଞ୍ଚର ଓ ଆଉଟଡୋର ଆକ୍ଟିଭିଟି ଗ୍ରୁପ୍ ଭଳି ବିଭିନ୍ନ କ୍ଲବ ଗଠନ କରାଯିବ। ଏହି କ୍ଲବଗୁଡ଼ିକ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ବିକାଶ, ସୁସ୍ଥ ଜୀବନଶୈଳୀ ଏବଂ ସାମୂହିକ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦିଆଯିବ। ନିର୍ଦ୍ଦେଶାବଳୀ ଅନୁଯାୟୀ କ୍ୟାମ୍ପସଗୁଡ଼ିକରେ ନିୟମିତ ଫିଟନେସ ସେସନ୍, 'ଫିଟ୍ ଆୱାର' ଓ 'ଫିଟ୍ ୱିକ୍' କାର୍ଯ୍ୟକ୍ରମ, ଯୋଗ ଓ ଧ୍ୟାନ ଶିବିର, କ୍ରୀଡ଼ା ପ୍ରତିଯୋଗିତା, ମାରାଥନ୍, ସାଇକ୍ଲୋଥନ୍, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ ଏବଂ ଆଡଭେଞ୍ଚର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ, ଚାପ ପରିଚାଳନା, ଅବସାଦ ନିବାରଣ ଓ ଜୀବନ କୌଶଳ ବିକାଶ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ।

ଏଥିସହ ପୋଷଣ, ସ୍ୱଚ୍ଛତା, ନିଦ୍ରା ସ୍ୱାସ୍ଥ୍ୟ, ଡିଜିଟାଲ ୱେଲନେସ୍, ନିଶାମୁକ୍ତ ଜୀବନଶୈଳୀ ଓ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ସମ୍ପର୍କିତ ସଚେତନତା ଅଭିଯାନ ଚଳାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ଏହି କାର୍ଯ୍ୟକ୍ରମର ରୂପାୟନ ଓ ପ୍ରଭାବକୁ ଆକଳନ କରିବା ପାଇଁ 'ଫିଟ୍ କଲେଜ ପରଫର୍ମାନ୍ସ ଇଣ୍ଡେକ୍ସ' ନାମରେ ଏକ ସ୍ୱତନ୍ତ୍ର ମୂଲ୍ୟାଙ୍କନ ବ୍ୟବସ୍ଥା ପ୍ରଚଳନ କରାଯିବ। ୧୦୦ ନମ୍ବର ଆଧାରିତ ଏହି ମୂଲ୍ୟାଙ୍କନରେ ଫିଟ୍ନେସ୍ କାର୍ଯ୍ୟକ୍ରମ, ଯୋଗ, କ୍ରୀଡ଼ା, ଛାତ୍ର ଅଂଶଗ୍ରହଣ, ମାନସିକ ସ୍ୱାସ୍ଥ୍ୟ ସେବା, ପ୍ରତିଷେଧକ ସ୍ୱାସ୍ଥ୍ୟ ସଚେତନତା, ଭିତ୍ତିଭୂମିର ବ୍ୟବହାର ଏବଂ ରିପୋର୍ଟିଂ ବ୍ୟବସ୍ଥାକୁ ବିଚାରକୁ ନିଆଯିବ।

୮୫ରୁ ୧୦୦ ନମ୍ବର ପାଇଥିବା ପ୍ରତିଷ୍ଠାନକୁ 'ଏକ୍ସଲେଣ୍ଟ ଫିଟ୍ କ୍ୟାମ୍ପସ', ୭୦ରୁ ୮୪ ନମ୍ବର ପାଇଥିବା ପ୍ରତିଷ୍ଠାନକୁ 'ଭେରି ଗୁଡ୍ ଫିଟ୍ କ୍ୟାମ୍ପସ' ଏବଂ ୫୫ରୁ ୬୯ ନମ୍ବର ପାଇଥିବା ପ୍ରତିଷ୍ଠାନକୁ 'ଗୁଡ୍ ଫିଟ୍ କ୍ୟାମ୍ପସ' ଭାବେ ଶ୍ରେଣୀଭୁକ୍ତ କରାଯିବ। ଶ୍ରେଷ୍ଠ ପ୍ରଦର୍ଶନକାରୀ ପ୍ରତିଷ୍ଠାନଗୁଡ଼ିକୁ ସ୍ୱତନ୍ତ୍ର ସମ୍ମାନ ଓ ସ୍ୱୀକୃତି ଦେବାର ବ୍ୟବସ୍ଥା ମଧ୍ୟ ରହିଛି।

ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ପ୍ରତିଷ୍ଠାନକୁ ୩୦ ଦିନ ମଧ୍ୟରେ ଆବଶ୍ୟକ କମିଟି ଗଠନ, ନୋଡାଲ ଅଫିସର ନିଯୁକ୍ତି, ଛାତ୍ର କ୍ଲବ ଗଠନ ଏବଂ ବାର୍ଷିକ ଫିଟ୍ନେସ୍ ଓ ୱେଲନେସ୍ କାର୍ଯ୍ୟସୂଚୀ ପ୍ରସ୍ତୁତି ସମ୍ପୂର୍ଣ୍ଣ କରି ବିଭାଗକୁ ପାଳନ ରିପୋର୍ଟ ଦାଖଲ କରିବାକୁ ହେବ। ଏହାପରେ ପ୍ରତି ତିନି ମାସରେ ପ୍ରଗତି ରିପୋର୍ଟ ଦାଖଲ କରିବା ମଧ୍ୟ ବାଧ୍ୟତାମୂଳକ କରାଯାଇଛି।

ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଉଚ୍ଚଶିକ୍ଷା କ୍ୟାମ୍ପସରେ କେବଳ କ୍ରୀଡ଼ା କିମ୍ବା ଫିଟ୍ନେସ୍‌କୁ ପ୍ରୋତ୍ସାହନ ଦେବାରେ ସୀମିତ ରହିବ ନାହିଁ; ବରଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ, ମାନସିକ ସନ୍ତୁଳନ, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧର ବିକାଶ ଘଟାଇବାରେ ଏହା ଏକ ଦୂରଗାମୀ ପଦକ୍ଷେପ ଭାବେ ବିବେଚିତ ହେଉଛି।

# ପ୍ରଶାସନିକସ୍ତରରେ ବଡ଼ ଅଦଳବଦଳ ଦୁଇ ବରିଷ୍ଠ ଆଇଏଏସଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୨୦/୦୬ (ଜେଏନ୍‌ଏସ୍) : ରାଜ୍ୟ ପ୍ରଶାସନିକ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ କରାଯାଇଛି। ସରକାରଙ୍କ ପକ୍ଷରୁ ଦୁଇ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ନୂଆ ତଥା ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ପ୍ରଶାସନିକ ସଂସ୍କାର ଅଧୀନରେ ବରିଷ୍ଠ ମହିଳା ଅଧିକାରୀ ଚିତ୍ରା ଅରୁମୁଗମ ଏବଂ



କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଡି. ଭେଙ୍କଟସ୍ୱାମୀଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇଛି। ବରିଷ୍ଠ ଆଇଏଏସ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମଙ୍କୁ 'ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ'ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏହା ସହିତ ତାଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ହସ୍ତାନ୍ତର କରାଯାଇଛି। ସେହିଭଳି କେନ୍ଦ୍ରୀୟ ଡେପୁଟେସନ ସାରି ଓଡ଼ିଶା କ୍ୟାଡରକୁ ଫେରିଥିବା ବରିଷ୍ଠ ଆଇଏଏସ ଅଧିକାରୀ ଡି. ଭେଙ୍କଟସ୍ୱାମୀଙ୍କୁ ରାଜ୍ୟ ସରକାର ଏକ ବଡ଼ ଦାୟିତ୍ୱ ଦେଇଛନ୍ତି। ତାଙ୍କୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନାର ସଫଳ ରୂପାୟନ ଏବଂ ବିଭାଗୀୟ କାର୍ଯ୍ୟକଳାପକୁ ଅଧିକ ଦ୍ରୁତ ଓ କ୍ରିୟାଶୀଳ କରିବା ଲକ୍ଷ୍ୟରେ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଏହି ନୂଆ ଦାୟିତ୍ୱ ବଣ୍ଟନ କରାଯାଇଥିବା ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି।

# ଲାଞ୍ଚ ନେଇ ଧରାପଡ଼ିଲେ ଆରଆଇ

କୋରାପୁଟ/ଭୁବନେଶ୍ୱର, ୨୦/୦୬ (ଜେଏନ୍‌ଏସ୍) : ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲ ଅନ୍ତର୍ଗତ କୋସାଗୁଡ଼ା ଆର.ଆଇ. ସର୍କଲର ରାଜସ୍ୱ ନିରୀକ୍ଷକ (ଆର.ଆଇ.) ଶୈଳବାଳା ନାଏକ। ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗର 'ମତ୍ସ୍ୟ ପୋଖରୀ ଯୋଜନା'ର ହିତାଧିକାରୀଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେଇ ସେ ଗିରଫ ହୋଇଛନ୍ତି। ମାଛ ଚାଷ ପାଇଁ ମତ୍ସ୍ୟ ବିଭାଗର 'ମତ୍ସ୍ୟ ପୋଖରୀ ଯୋଜନା' ଅଧୀନରେ ସବସିଡି (ରିହାତି) ସହାୟତା ପାଇବାକୁ କିଛି ହିତାଧିକାରୀ ଆବେଦନ କରିଥିଲେ। ଏହି ସବସିଡିର ଲାଭ ଉଠାଇବା ପାଇଁ ମତ୍ସ୍ୟ ବିଭାଗ ପକ୍ଷରୁ ସେମାନଙ୍କର ସମ୍ପୃକ୍ତ ଚାଷ ପୋଖରୀଗୁଡ଼ିକର ଟ୍ରେସ୍ ମ୍ୟାପ୍ ଦାଖଲ କରିବା ଆବଶ୍ୟକ ଥିଲା। ସେହି ଅନୁଯାୟୀ, ହିତାଧିକାରୀମାନେ ସେମାନଙ୍କର ଯେଉଁ ଜମିରେ ପୋଖରୀ ଖୋଳା ସରିଥିଲା, ସେହି ଜମିର ଟ୍ରେସ୍ ମ୍ୟାପ୍ ନକଲ ପାଇଁ ଆବେଦନ କରିଥିଲେ। ତେବେ ଟ୍ରେସ୍ ମ୍ୟାପ୍ ପ୍ରଦାନ କରିବା ପାଇଁ ଆର.ଆଇ. ଶୈଳବାଳା ନାଏକ ହିତାଧିକାରୀଙ୍କ ଠାରୁ ୪,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଲାଞ୍ଚ ଟଙ୍କା ଦେବାକୁ ଅନିଚ୍ଛୁକ ଥିବା ହିତାଧିକାରୀ ଏ ସମ୍ପର୍କରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଯୋଜନା ପ୍ରକାରେ ଜଣେ ହିତାଧିକାରୀ ଆଜି ଆର.ଆଇ ଶ୍ରୀମତୀ ନାଏକଙ୍କୁ ଭେଟି ୪ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଶ୍ରମତୀ ନାଏକ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ ଆରଆଇ ଶ୍ରୀମତୀ ନାଏକଙ୍କର ଦୁଇଟି ଠିକଣାରେ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସମ୍ପତ୍ତି (ଉଇ) ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି।

# ନିଯୁକ୍ତି ପାଇ କାମ କରୁନଥିଲେ ୧୨୮ ଜଣ ଡାକ୍ତର ଏବେ ହରାଇବେ ଚାକିରି !

ଭୁବନେଶ୍ୱର, ୨୦/୦୬ (ଜେଏନ୍‌ଏସ୍) : ସରକାରୀ ଡାକ୍ତରୀ ଶିକ୍ଷା ନିମନ୍ତେ ସରକାର ୪ ବର୍ଷରେ ପ୍ରତ୍ୟେକ ଛାତ୍ର ପିଛା ପ୍ରାୟ ଅଢ଼େଇ କୋଟି ଟଙ୍କା ଖର୍ଚ୍ଚ କରିଥାନ୍ତି। ତେବେ ଏଥିପାଇଁ ଆଇନତଃ ଏକ ସର୍ତ୍ତ ଥାଏ ଯେ ଏମ୍‌ବିବିଏସ୍ ପଢ଼ିବା ଓ ୧ ବର୍ଷ ଇଣ୍ଟର୍ନସିପ୍ ପରେ ରାଜ୍ୟ ସରାକରଙ୍କ ପରିଚାଳିତ ଡାକ୍ତରଖାନାରେ କାର୍ଯ୍ୟ କରିବେ। ଅନେକ ଏହି ସର୍ତ୍ତ ଅନୁସାରେ ସରକାରୀ ଚାକିରିରେ ଯୋଗ ଦେଇଥାନ୍ତି, କିନ୍ତୁ ଲୋକଙ୍କ ସେବା ନକରି ଘରୋଇ ଅନୁଷ୍ଠାନ କିମ୍ବା ବ୍ୟକ୍ତିଗତ ଭାବେ କ୍ଲିନିକ୍ ଖୋଲିଥାନ୍ତି। ଏଭଳି ରାଜ୍ୟ ସରକାରଙ୍କ ପରିଚାଳିତ ଡାକ୍ତରଖାନାରେ ନିଯୁକ୍ତି ପାଇବା ପରେ କର୍ମକ୍ଷେତ୍ରରୁ ପ୍ରାୟ ୫ ବର୍ଷ ଧରି ଦୂରେଇ



ରହିଥିବା ୧୨୮ ଜଣ ଡାକ୍ତରଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଇଛି। ନିଯୁକ୍ତି ପାଇଥିବା ପିଏଚ୍‌ସି, ସିଏଚ୍‌ସି ଓ ଜିଲ୍ଲା ମେଡିକାଲ୍‌ରେ ୧୨୮ ଜଣ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନ କାର୍ଯ୍ୟ କରୁନଥିଲେ। ବାରମ୍ବାର ବିଭାଗୀୟ ଚେତାବନୀ ପରେ ମଧ୍ୟ ସେମାନଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନଥିଲା। ଏପରିକି ସେମାନଙ୍କ ସ୍ଥିତି ବିଷୟରେ ଜଣାଇବା ପାଇଁ ଖବରକାଗଜରେ ବି ସୂଚନା ଦିଆଯାଇଥିଲା। ଏଥିରେ ମଧ୍ୟ ସେମାନେ ନିରୁତ୍ତର ରହିଥିଲେ। ଶେଷରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି। ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଏବଂ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ, ସେ ତାହାର ଅନୁପାଳନ କରିନଥିଲେ କି କୌଣସି ଉତ୍ତର ଦେଇନଥିଲେ। ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀମାଝୀ କହିଛନ୍ତି ଯେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି, ଡାକ୍ତରଖାନାଗୁଡ଼ିକର ଆଧୁନିକୀକରଣ କରାଯାଉଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ୍ୟ ଖୋଲାଯାଉଛି। ଏସବୁ ସତ୍ତ୍ୱେ ବି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗନଦେଇ ଅନୁପସ୍ଥିତ ରହୁଛନ୍ତି। ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ।

# ଇଚ୍ଛାଶକ୍ତି ବନାମ ଅର୍ଥସହାୟତା: ଘୋଷଣା ନୁହେଁ, କାର୍ଯ୍ୟନିଷ୍ପାଦନ ହିଁ ଓଡ଼ିଶାର ଭବିଷ୍ୟତ ନିର୍ଣ୍ଣୟ କରିବ



ଲକି ସ୍ୱାଇଁ

ସବୁଜ ବିପ୍ଳବ ସମୟରେ ଯେତେବେଳେ ଭାରତ ଖାଦ୍ୟ ସଙ୍କଟ ସହିତ ସଂଘର୍ଷ କରୁଥିଲା, ସେତେବେଳେ ପଞ୍ଜାବ ଦେଶର ଜୀବନରେଖା ଭାବେ ଉଭା ହୋଇଥିଲା। ସେହି ପରିବର୍ତ୍ତନ କୌଣସି ସଯୋଗ ନ ଥିଲା। ଏହା ଥିଲା ରାଜନୈତିକ ଇଚ୍ଛାଶକ୍ତି, କେନ୍ଦ୍ରୀକୃତ କାର୍ଯ୍ୟନିଷ୍ପାଦନ ଏବଂ ଏକ ସ୍ପଷ୍ଟ ଲକ୍ଷ୍ୟ ଉପରେ ଆଧାରିତ ନେତୃତ୍ୱର ଫଳ। ପ୍ରକାଶ ସିଂହ ବାଦଲଙ୍କ ପରି ନେତାଙ୍କ ନେତୃତ୍ୱରେ ପଞ୍ଜାବ ବୈଜ୍ଞାନିକ ଯୋଜନା, ସିଞ୍ଚାଇ ସୁବିଧା, କ୍ରୟ ବ୍ୟବସ୍ଥା ଏବଂ କୃଷକ ସଶକ୍ତିକରଣ ମାଧ୍ୟମରେ ଗହମ ଉତ୍ପାଦନ ଉପରେ କେନ୍ଦ୍ରିତ ହୋଇଥିଲା। ଦୁରଦୃଷ୍ଟି ଟି ସରଳ ହେଉଥିଲା କିନ୍ତୁ ଶକ୍ତିଶାଳୀ — ଭାରତକୁ ଖାଦ୍ୟରେ ସ୍ୱୟଂସମ୍ପୂର୍ଣ୍ଣ କରିବା। ସେହି କେନ୍ଦ୍ରୀକୃତ ମନୋଭାବ ପଞ୍ଜାବକୁ ଭାରତର କୃଷି ଶକ୍ତିକେନ୍ଦ୍ରରେ ପରିଣତ କରିଥିଲା। ଆଜି ଓଡ଼ିଶା ଏକ ସମାନ ଐତିହାସିକ ସୁଯୋଗର ସମ୍ମୁଖୀନ ଅଟେ।

ପ୍ରଶ୍ନ ଆଉ ଏହା ନୁହେଁ ଯେ ଓଡ଼ିଶା ପାଖରେ ଅର୍ଥସହାୟତା ଅଛି କି ନାହିଁ। ପ୍ରଶ୍ନ ହେଉଛି — ଓଡ଼ିଶା ପାଖରେ ଜାତୀୟ ସ୍ତରରେ ଅଗ୍ରଣୀ ରାଜ୍ୟ ହେବା ପାଇଁ ଆବଶ୍ୟକ ରାଜନୈତିକ ଇଚ୍ଛାଶକ୍ତି, କୌଶଳମୟ ଦୁରଦୃଷ୍ଟି ଏବଂ ପ୍ରଶାସନିକ ଶୃଙ୍ଖଳା ଅଛି କି ?

ବର୍ଷ ଧରି ଭାରତର ବିଭିନ୍ନ ସରକାର "ଭିଜନ ୨୦୪୭" କିମ୍ବା "ଭିଜନ ୨୦୩୬ " ପରି ଆକର୍ଷଣୀୟ ସ୍ଲୋଗାନ୍ ପ୍ରଚାର କରିଆସୁଛନ୍ତି। ଏହି ଦୂରସ୍ଥ ପ୍ରତିଶ୍ରୁତିମାନେ ରାଜନୈତିକ ଭାଷଣରେ ଭଲ ଶୁଣାଯାଏ, କିନ୍ତୁ ସାଧାରଣ ଲୋକ କିମ୍ବା ଯୁବପିଢ଼ୀଙ୍କୁ ଆଉ ପ୍ରଭାବିତ କରିପାରୁନାହିଁ, କାରଣ ଲୋକମାନେ ମାପିହୋଇପାରୁଥିବା କାର୍ଯ୍ୟ ବିନା ଅସ୍ପଷ୍ଟ ପ୍ରତିଶ୍ରୁତିରେ ବିଶ୍ୱାସ କରୁନାହାନ୍ତି। ବିକାଶ କେବଳ ସ୍ଲୋଗାନ୍‌ରେ ହୁଏନାହିଁ। ବିକାଶ ହୁଏ ଲକ୍ଷ୍ୟ, ସମୟସୀମା ଏବଂ ଜବାବ ଦେହିତାରେ। ଏକ ଛାତ୍ର ସଫଳତା ପାଇଁ କେବଳ ପ୍ରେରଣାଦାୟକ କଥା ଉପରେ ନିର୍ଭର କରେନାହିଁ। ସେ ଏକ ଲକ୍ଷ୍ୟ ନିର୍ଦ୍ଧାରଣ କରେ, ସମୟସାରଣୀ ତିଆରି କରେ, ନିୟମିତ ଅଭ୍ୟାସ କରେ, ସମୟସମୟରେ ନିଜ ପ୍ରଗତିର ସମୀକ୍ଷା କରେ ଏବଂ ନିଜକୁ ସୁଧାରେ। ଶାସନ ବ୍ୟବସ୍ଥା ମଧ୍ୟ ସେହିପରି ଚାଲିବା ଉଚିତ। ଆଜି ଓଡ଼ିଶା ପାଖରେ ଏକ ବଡ଼ କୌଶଳମୟ ସୁବିଧା ଅଛି। କେନ୍ଦ୍ର ଏବଂ ରାଜ୍ୟ — ଉଭୟ ସ୍ଥାନରେ ଭାରତୀୟ ଜନତା ପାର୍ଟିର ସରକାର ଅଛି। ଦିଲ୍ଲୀ ଏବଂ ଭୁବନେଶ୍ୱର ମଧ୍ୟରେ ସମନ୍ୱୟ ଏବେ ପୂର୍ବପେକ୍ଷା ଅଧିକ ସୁଗମ ହୋଇଛି। ଅର୍ଥସହାୟତା, ଯୋଜନା ଅନୁମୋଦନ, ଶିଳ୍ପ ଭାଗୀଦାରୀ ଏବଂ ନୀତିଗତ ସମନ୍ୱୟ ଏହି ରାଜନୈତିକ ପରିବେଶରେ ଅଧିକ ଦ୍ରୁତ ଗତିରେ ଆଗକୁ ବଢ଼ିପାରେ। ସେହିପରି, ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବର୍ତ୍ତମାନର ଓଡ଼ିଶା ସରକାର ପାଖରେ ରାଜ୍ୟର ନୂତନ ଆର୍ଥିକ ପରିଚୟ ଗଢ଼ିବାର ଏକ ଦୁର୍ଲଭ ସୁଯୋଗ ଅଛି। ଦୃଢ଼ ସ୍ୱପ୍ନ ପ୍ରକଳ୍ପ ଘୋଷଣା କରିବା ପରିବର୍ତ୍ତେ, ଓଡ଼ିଶାକୁ ସେମାନେ କେଉଁ କ୍ଷେତ୍ରରେ ଆଗାମୀ ୫-୧୦ ବର୍ଷ ମଧ୍ୟରେ ଭାରତରେ ନେତୃତ୍ୱ ନେଇପାରିବ ଏବଂ ପରେ ବିଶ୍ୱସ୍ତରରେ ପ୍ରତିସ୍ପର୍ଧା କରିପାରିବ — ସେଥିପାଇଁ ସ୍ପଷ୍ଟ ଚିହ୍ନଟ କରିବା ଆବଶ୍ୟକ।

ଶାସନର ସୂତ୍ର ହେବା ଉଚିତ ବ୍ୟବହାରିକ: ପ୍ରାଥମିକତା କ୍ଷେତ୍ର ଚୟନ, ବାର୍ଷିକ ଲକ୍ଷ୍ୟ ନିର୍ଦ୍ଧାରଣ, ତ୍ରୈମାସିକ କାର୍ଯ୍ୟସୂଚୀ ପ୍ରସ୍ତୁତି, ପ୍ରତି ତିନି ମାସରେ ପ୍ରଗତି ସମୀକ୍ଷା, ସାର୍ବଜନୀନ ଭାବେ ଫଳାଫଳ ମାପନ, ବିଫଳତାକୁ ତୁରନ୍ତ ସୁଧାର ତେବେ ହିଁ ଲୋକମାନଙ୍କ ବିଶ୍ୱାସ ବଢ଼ିବ। ଓଡ଼ିଶା ଭାରତର ଇଞ୍ଜିନିୟରିଂ ଶିକ୍ଷା କେନ୍ଦ୍ର ହୋଇପାରେ।

ଯେପରି ରାଜସ୍ଥାନର କୋଟା ଭାରତର ସବୁଠାରୁ ବଡ଼ ପ୍ରତିଯୋଗୀତାମୂଳକ ପରୀକ୍ଷା ପରିବେଶରେ ପରିଣତ ହୋଇଥିଲା, ସେହିପରି ଓଡ଼ିଶା ଦେଶର ସବୁଠାରୁ ଶକ୍ତିଶାଳୀ ଇଞ୍ଜିନିୟରିଂ ଏବଂ ପ୍ରାୟୋଗିକ ଶିକ୍ଷା କେନ୍ଦ୍ର ହୋଇଉଠିପାରେ।

ଓଡ଼ିଶାରେ ପୂର୍ବରୁ ଇଞ୍ଜିନିୟରିଂ କଲେଜ, ଶିଳ୍ପ ଅନୁଭବ, ଶସ୍ତା ଶିକ୍ଷା ପରିବେଶ ଅଛି । ଇଓ ଲ୍ୟାବ୍, ସେମିକଣ୍ଡକ୍ଟର ଟ୍ରେନିଂ, ରୋବୋଟିକ୍ସ ସେଣ୍ଟର, ଷ୍ଟାର୍ଟଅପ୍ ଇନ୍‌କ୍ୟୁବେସନ୍ ଏବଂ ଶିଳ୍ପ ସଂଯୁକ୍ତ ପ୍ରାୟୋଗିକ ଶିକ୍ଷା ଉପରେ କେନ୍ଦ୍ରୀକୃତ ବିନିଯୋଗ ହେଲେ, ଓଡ଼ିଶା ଦେଶର ପ୍ରତ୍ୟେକ ରାଜ୍ୟରୁ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିପାରିବ।ଏପରିକି ପୂର୍ବରୁ ରାଉରକେଲା, ଦେଶରେ ପରିଚିତ ଥିଲା ଇଞ୍ଜିନିଅରିଂ ପ୍ରତିଯୋଗିତାମୂଳକ ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି କ୍ଷେତ୍ରରେ ଭାବରେ, ମାତ୍ର ତାହା ଏବେ ସମ୍ପୂର୍ଣ୍ଣ ଲୋପ ପାଇଯାଇଛି। ଓଡିଶାକୁ ପୂର୍ବରୁ ବି ବିଭିନ୍ନ ରାଜ୍ୟ ଝାରଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଛତିଶଗଡ, ଆନ୍ଧ୍ର ରୁ ଛାତ୍ରଛାତ୍ରୀ ଆସନ୍ତି ମାତ୍ର ତାହା ଧୀରେ ଧୀରେ କମିଗଲାଣି କାହିଁକି ନା ସମୟ ଅନୁସାରେ ସେ ରାଜ୍ୟ ମାନଙ୍କ ଠାରୁ ଓଡିଶା ଶିକ୍ଷାଦାନ କ୍ଷେତ୍ରରେ ଉର୍ଦ୍ଧ୍ୱକୁ ଯାଇପାରିଲା ନାହିଁ, ବିଗତ ଦୁଇ ଦଶନ୍ଧି ମଧ୍ୟରେ।

କେରଳ ଯେପରି ନର୍ସିଂ ଶିକ୍ଷା ମାଧ୍ୟମରେ ବିଶ୍ୱସ୍ତରରେ ପରିଚିତ ହୋଇଥିଲା, ସେହିପରି ଓଡ଼ିଶା ଇଞ୍ଜିନିୟରିଂ ଏବଂ ଶିଳ୍ପ ଶିକ୍ଷା ମାଧ୍ୟମରେ ନିଜର ପରିଚୟ ଗଢ଼ିପାରିବାର ସୁଯୋଗ ଅଛି।

ଜଳବିଦ୍ୟୁତ ମାଧ୍ୟମରେ ଶକ୍ତି ସୁରକ୍ଷା : ଓଡ଼ିଶାରେ ଏମିତି ନଦୀ ବ୍ୟବସ୍ଥା ଏବଂ ଜଳ ସମ୍ପଦ ଅଛି ଯାହା ଜଳବିଦ୍ୟୁତ ବିସ୍ତାରକୁ ସମର୍ଥନ କରିପାରିବ। ପାରମ୍ପରିକ ମଡେଲ ଉପରେ ଅତ୍ୟଧିକ ନିର୍ଭର କରିବା ପରିବର୍ତ୍ତେ, ରାଜ୍ୟ ଯଦି ଯୋଜନାବଦ୍ଧ ଭାବେ ଜଳବିଦ୍ୟୁତ ଉତ୍ପାଦନ, ଜଳ ସଞ୍ଚୟ ଢାଞ୍ଚା ଏବଂ ନଦୀ ଆଧାରିତ ଶକ୍ତି ପ୍ରକଳ୍ପରେ ବିନିଯୋଗ କରେ, ତେବେ ଶକ୍ତି ସୁରକ୍ଷା ଏକ ଶିଳ୍ପ ଲାଭରେ ପରିଣତ ହୋଇପାରିବ।

ଏକ ଶକ୍ତିଶାଳୀ ଜଳବିଦ୍ୟୁତ ବ୍ୟବସ୍ଥା ଶିଳ୍ପକୁ ସମର୍ଥନ କରିବ, ଭବିଷ୍ୟତ ଶକ୍ତି ସଙ୍କଟ କମେଇବ ଏବଂ ଉତ୍ପାଦନ ଶିଳ୍ପକୁ ଆକର୍ଷିତ କରିବ। ଏହା ସହ ଚାଷକୁ ବହୁ ଉପକାରୀ ହେବ। ବୁଡିଆଣୀ ଜାଲ ପରି ଜଳସେଚନ ବ୍ୟବସ୍ଥା, ଓଡିଶାରେ ସମ୍ଭବ ହୋଇପାରିବ।

ଧାନ ଅର୍ଥନୀତି ମାଧ୍ୟମରେ କୃଷି ବିପ୍ଳବ : ସେତେବେଳେ ପଞ୍ଜାବ ଗହମ ମାଧ୍ୟମରେ ନିଜକୁ ପରିବର୍ତ୍ତନ କରିଥିଲା। ଆଜିର ସମୟରେ ଓଡ଼ିଶା ଧାନ ମାଧ୍ୟମରେ ସେହିପରି କରିପାରିବ। ରାଜ୍ୟରେ ପୂର୍ବରୁ ଉର୍ବର ଜମି, ଅନୁକୂଳ ପରିବେଶ, ସିଞ୍ଚାଇ ସମ୍ଭାବନା ଏବଂ କୃଷି ଶ୍ରମଶକ୍ତି ଅଛି। ଯଦି ଓଡ଼ିଶା ବୈଜ୍ଞାନିକ ସିଞ୍ଚାଇ, ଦୁଇ ଫସଲ ଚାଷ, ଖାଦ୍ୟ ପ୍ରକ୍ରିୟାକରଣ ଢାଞ୍ଚା, ଗୋଦାମ ବ୍ୟବସ୍ଥା ଏବଂ ରପ୍ତାନିମୁଖୀ ଧାନ ବ୍ରାଣ୍ଡିଂ ଉପରେ ଗୁରୁତ୍ୱ ଦେଉଥାଏ, ତେବେ ଏହା ଭାରତର ସବୁଠାରୁ କାର୍ଯ୍ୟକ୍ଷମ ଧାନ ଅର୍ଥନୀତିରେ ପରିଣତ ହୋଇପାରିବ। ଲକ୍ଷ୍ୟ କେବଳ ଉତ୍ପାଦନ ନୁହେଁ, ବରଂ ମୂଲ୍ୟ ସଂଯୋଜନ ଏବଂ କୃଷକ ସମୃଦ୍ଧି ହେବା ଉଚିତ।

ଆଦିବାସୀ ପ୍ରତିଭାରୁ କ୍ରୀଡ଼ା ଉତ୍କର୍ଷ : ହକିରେ ଓଡ଼ିଶା ଆଗରୁ ବିଶ୍ୱସ୍ତରରେ ପ୍ରଶଂସା ପାଇଛି। କିନ୍ତୁ ରାଜ୍ୟର ପ୍ରକୃତ ଶକ୍ତି ରହିଛି ତାହାର ଆଦିବାସୀ ଅଞ୍ଚଳମାନଙ୍କ ମଧ୍ୟରେ।

ଅନେକ ଆଦିବାସୀ ଯୁବକ-ଯୁବତୀଙ୍କ ମଧ୍ୟରେ ସ୍ୱାଭାବିକ ଭାବେ ଶାରୀରିକ ସହନଶୀଳତା, ଶୃଙ୍ଖଳା ଏବଂ ଅଲିମ୍ପିକ୍ ସ୍ତରର କ୍ରୀଡ଼ା ପାଇଁ ଆବଶ୍ୟକ କ୍ଷମତା ଦେଖିବାକୁ ମିଳେ। ବୈଜ୍ଞାନିକ ପ୍ରଶିକ୍ଷଣ, ପୌଷ୍ଟିକ ସହାୟତା, ସ୍କଲାରଶିପ୍, କ୍ରୀଡ଼ା ମନୋବିଜ୍ଞାନ ଏବଂ ପ୍ରାରମ୍ଭିକ ପ୍ରତିଭା ଚିହ୍ନଟ ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶା ନିୟମିତ ଭାବେ ଆନ୍ତର୍ଜାତୀୟ ମାନର କ୍ରୀଡ଼ାବିତ ତିଆରି କରିପାରିବ। ରାଜ୍ୟ କ୍ରୀଡାମନ୍ତ୍ରୀ ଏବେ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି, ଯାହାକି ସ୍ୱାଗତଯୋଗ୍ୟ। ଓଡ଼ିଶାର ତୃଣମୂଳସ୍ତରରୁ କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ସୃଷ୍ଟି କରିବା ଆବଶ୍ୟକ। ଏକ ସଂଗଠିତ ଅଲିମ୍ପିକ୍ ମିଶନ୍ ଓଡ଼ିଶାର ଆନ୍ତର୍ଜାତୀୟ ପରିଚୟ ହୋଇପାରିବ ।

କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିପ୍ଳବ: ଓଡ଼ିଶାର ସବୁଠାରୁ ବଡ଼ ଆର୍ଥିକ ସୁଯୋଗ

ସମସ୍ତ ବିକାଶର ସମ୍ଭାବନା କ୍ଷେତ୍ର ମଧ୍ୟରୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓଡ଼ିଶାର ସବୁଠାରୁ ଦୀର୍ଘମିଆଦୀ ଆର୍ଥିକ ପରିବର୍ତ୍ତନର ଇଞ୍ଜିନ୍ ହୋଇପାରେ। ଲୁହା, ବକ୍ସାଇଟ୍, କ୍ରୋମାଇଟ୍, କୋଇଲା ଏବଂ ଆଲୁମିନିୟମ୍ ପରି ଖଣିଜ ସମ୍ପଦ ଥିବାରୁ ଓଡ଼ିଶାରେ ପୂର୍ବରୁ ବେଦାନ୍ତ ଲିମିଟେଡ୍, ଟାଟା ଷ୍ଟିଲ୍, ଜିନ୍ଦାଲ୍ ଷ୍ଟିଲ୍ ଆଣ୍ଡ ପାୱର ଏବଂ ଆର୍ସେଲର୍‌ମିତ୍ତଲ୍ ପରି ବଡ଼ ଶିଳ୍ପଗୁଡ଼ିକ ଅଛନ୍ତି। କିନ୍ତୁ କେବଳ ବଡ଼ ଶିଳ୍ପ ଦ୍ୱାରା ସନ୍ତୁଳିତ ସମୃଦ୍ଧି ସମ୍ଭବ ନୁହେଁ। ବିକଶିତ ଅର୍ଥନୀତିର ପ୍ରକୃତ ଶକ୍ତି ଆସେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଠାରୁ — କ୍ଷୁଦ୍ର ଉତ୍ପାଦନ ଅଂଶ , ପ୍ରକ୍ରିୟାକରଣ କାରଖାନା, ଇଞ୍ଜିନିୟରିଂ ୱର୍କଶପ୍, ସେବା କେନ୍ଦ୍ର , ସମୁଦ୍ର ଆଧାରିତ ଶିଳ୍ପ, ଗ୍ରାମୀଣ ଷ୍ଟାର୍ଟଅପ୍ ଏବଂ ସ୍ଥାନୀୟ ସପ୍ଲାଇ ଚେନ୍।

ଭାରତର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ର ଦେଶର ଏଉଚ ର ପ୍ରାୟ ୩୦% ଅଂଶ ଯୋଗାଇଥାଏ ଏବଂ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୧ କୋଟିରୁ ଅଧିକ ଲୋକଙ୍କୁ ରୋଜଗାର ଦେଇଥାଏ। ଗୁଜରାଟ, ତାମିଲନାଡୁ ଏବଂ ମହାରାଷ୍ଟ୍ର ପରି ରାଜ୍ୟଗୁଡ଼ିକ ଶିଳ୍ପ ଶକ୍ତିକେନ୍ଦ୍ର ହୋଇପାରିଥିଲେ କାରଣ ସେମାନେ ଏମିତି ପରିବେଶ ତିଆରି କରିଥିଲେ ଯେଉଁଠାରେ ସାଧାରଣ ଯୁବକମାନେ ଉଦ୍ୟୋଗପତି ହୋଇପାରୁଥିଲେ। ଓଡ଼ିଶା ଏହି ସଫଳତାକୁ ବିକେନ୍ଦ୍ରୀକୃତ ଶିଳ୍ପ ମଡେଲ୍ ମାଧ୍ୟମରେ ପୁନରାବୃତ୍ତି କରିପାରିବ।

ବ୍ଲକ୍ ସ୍ତରୀୟ ଶିଳ୍ପ କ୍ଷେତ୍ର: ଓଡ଼ିଶା ପାଇଁ ଏକ ବ୍ୟବହାରିକ ମଡେଲ୍। ଓଡ଼ିଶା ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ "ବ୍ଲକ୍-ସ୍ତରୀୟ ଶିଳ୍ପ କ୍ଷେତ୍ର" ସ୍ଥାପନ କରିବା ଉଚିତ।

ପ୍ରତ୍ୟେକ ବ୍ଲକ୍‌ରେ ପ୍ରାୟ ୧୦୦ ଏକର ଜମି ଆବଣ୍ଟନ କରାଯାଇ ଏକ ଯୋଜନାବଦ୍ଧ ଉଦ୍ୟମୀ ପରିବେଶ ତିଆରି କରାଯାଇପାରିବ, ଯେଉଁଥିରେ ରହିବ: ଆଭ୍ୟନ୍ତରୀଣ ସଡ଼କ, ସ୍ଥିର ବିଦ୍ୟୁତ ସୁବିଧା, ଜଳ ବ୍ୟବସ୍ଥା, ଗୋଦାମ ସହାୟତା, ସାଧାରଣ ଯନ୍ତ୍ରପାତି କେନ୍ଦ୍ର, କୌଶଳ ତାଲିମ ପ୍ରତିଷ୍ଠାନ, ସିଙ୍ଗଲ୍-ୱିଣ୍ଡୋ ପ୍ରଶାସନିକ ଅନୁମୋଦନ, ବ୍ୟାଙ୍କିଂ ଏବଂ ଆର୍ଥିକ ସହାୟତା ବ୍ୟବସ୍ଥା। ପ୍ରାରମ୍ଭରେ ପ୍ରତ୍ୟେକ ବ୍ଲକ୍-ସ୍ତରୀୟ ଶିଳ୍ପ କ୍ଷେତ୍ରରେ ସେହି ଜିଲ୍ଲା କିମ୍ବା ବ୍ଲକ୍‌ର ଉଦ୍ୟୋଗପତିମାନଙ୍କ ଦ୍ୱାରା ପରିଚାଳିତ ୧୦-୧୫ଟି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ରହିବାର ବ୍ୟବସ୍ଥା ହେବା ଉଚିତ ।

ଏହି ମଡେଲ୍ ସୃଷ୍ଟି କରିପାରିବ: ଗ୍ରାମୀଣ ରୋଜଗାର, ପ୍ରବାସି ହ୍ରାସ, ସ୍ଥାନୀୟ ସମ୍ପତ୍ତି ସୃଷ୍ଟି, ବଡ଼ ଷ୍ଟିଲ୍ ଏବଂ ଖଣି କମ୍ପାନୀମାନଙ୍କ ଚାରିପାଖରେ ସପ୍ଲାଇ ଚେନ୍ ଶିଳ୍ପ, ଯୁବକମାନଙ୍କ ମଧ୍ୟରେ ଉଦ୍ୟୋଗୀ ସଂସ୍କୃତି।

ଯଦି ଆଗାମୀ ପାଞ୍ଚ ବର୍ଷରେ ଓଡ଼ିଶା କେବଳ ୧୦୦ଟି କାର୍ଯ୍ୟକ୍ଷମ ବ୍ଲକ୍-ସ୍ତରୀୟ ଶିଳ୍ପ କ୍ଷେତ୍ର ଗଢ଼ିପାରେ, ପ୍ରତ୍ୟେକ କ୍ଷେତ୍ରରେ ୧୫ଟି ଉଦ୍ୟୋଗ ଏବଂ ପ୍ରତ୍ୟେକ ଉଦ୍ୟୋଗରେ ୫୦ଟି ପ୍ରତ୍ୟକ୍ଷ ଚାକିରି ଧରିଲେ, ତେବେ ପ୍ରାରମ୍ଭିକ ଭାବେ ପ୍ରାୟ ୭୫,୦୦୦ ପ୍ରତ୍ୟକ୍ଷ ରୋଜଗାର ସୃଷ୍ଟି ହୋଇପାରିବ — ପରୋକ୍ଷ ଚାକିରିକୁ ଛାଡ଼ିକରି।

ଏହାର ମାନସିକ ପ୍ରଭାବ ଆଉ ଅଧିକ ହେବ: ଯୁବକମାନେ କେବଳ ସରକାରୀ ଚାକିରି ଉପରେ ନିର୍ଭର କରିବା ପରିବର୍ତ୍ତେ ଉଦ୍ୟୋଗୀତାକୁ ଏକ ବାସ୍ତବିକ କ୍ୟାରିୟର୍ ଭାବେ ଦେଖିବା ଆରମ୍ଭ କରିବେ।

ସମୁଦ୍ର ଅର୍ଥନୀତି: ଓଡ଼ିଶାର ଅବ୍ୟବହୃତ ସୁବର୍ଣ୍ଣ ସୁଯୋଗ

ଓଡ଼ିଶାର ସବୁଠାରୁ ବଡ଼ କିନ୍ତୁ କମ୍ ବ୍ୟବହୃତ ଶକ୍ତି ହେଉଛି ତାହାର ଦୀର୍ଘ ସମୁଦ୍ରତଟ ଏବଂ ସମୁଦ୍ର ପରିବେଶ। ବଙ୍ଗୋପସାଗର କୂଳରେ ଓଡ଼ିଶାର ପ୍ରାୟ ୫୦୦ କିଲୋମିଟର ଲମ୍ବା ସମୁଦ୍ରତଟ ଥିଲେ ମଧ୍ୟ, ସମୁଦ୍ର ବିଜ୍ଞାନ, ମେରାଇନ୍ ଇଞ୍ଜିନିୟରିଂ, ଗଭୀର ସମୁଦ୍ର ମାଛଧରା, ଆକ୍ୱା ଟେକ୍ନୋଲୋଜି, ସିଫୁଡ୍ ପ୍ରକ୍ରିୟାକରଣ, ସମୁଦ୍ର ରପ୍ତାନି ଏବଂ କୋଷ୍ଟାଲ୍ ଶିଳ୍ପ ପରିବେଶ ଏପର୍ଯ୍ୟନ୍ତ ତାହାର ସମ୍ଭାବନା ଅନୁଯାୟୀ ବିକଶିତ ହୋଇନାହିଁ। ଏହି କ୍ଷେତ୍ର କୋଷ୍ଟାଲ୍ ଓଡ଼ିଶା ପାଇଁ ଏକ ଗେମ୍-ଚେଞ୍ଜର୍ ଆର୍ଥିକ ବିପ୍ଳବ ହୋଇପାରିବ।

ରାଜ୍ୟ ସରକାରଙ୍କୁ ବିକାଶ କରିବା ଉଚିତ: ମେରାଇନ ସାଇନ୍ସ ଇନ୍‌ଷ୍ଟିଟ୍ୟୁଟ୍, ଆକ୍ୱା ମେରିନ୍ ଇଞ୍ଜିନିୟରିଂ କଲେଜ, ଗଭୀର ସମୁଦ୍ର ମାଛଧରା ଢାଞ୍ଚା, ସିଫୁଡ୍ ଏକ୍ସପୋର୍ଟ ହବ୍, ମେରିନ୍ ବାୟୋଟେକ୍ନୋଲୋଜି ଗବେଷଣା କେନ୍ଦ୍ର, କୋଷ୍ଟାଲ୍ ଉଦ୍ୟୋଗୀ ପାର୍କ, ଆଧୁନିକ ମାଛ ପ୍ରକ୍ରିୟାକରଣ ଶିଳ୍ପ।

ମେରାଇନ ଲଜିଷ୍ଟିକ୍ସ ପରିବେଶ :

ଓଡ଼ିଶାରେ ଏହାର ଏକ ସଫଳ ଉଦାହରଣ ପୂର୍ବରୁ ଅଛି — ଫାଲକନ୍ ମେରାଇନ । ବିଶିଷ୍ଟ ଶିଳ୍ପପତି ତାରା ରଞ୍ଜନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଏବଂ ଉଦ୍ୟୋଗୀତା ପ୍ରମାଣ କରିଥିଲା ଯେ ଓଡ଼ିଶା ଆଧାରିତ ମେରାଇନ୍ ବ୍ୟବସାୟମାନେ ଜାତୀୟ ଏବଂ ବିଶ୍ୱସ୍ତରରେ ପ୍ରତିସ୍ପର୍ଧା କରିପାରନ୍ତି। ଫାଲକନ୍ ମେରାଇନ୍ ଦେଖାଇଦେଇଛି କିପରି ଶୃଙ୍ଖଳିତ ଯୋଜନା, ରପ୍ତାନିମୁଖୀ ଚିନ୍ତାଧାରା ଏବଂ ମେରାଇନ୍ କ୍ଷେତ୍ରର ନବୀନତା ରୋଜଗାର, ରପ୍ତାନି ଏବଂ ଶିଳ୍ପ ଆତ୍ମବିଶ୍ୱାସ ସୃଷ୍ଟି କରିପାରେ। ଏପରି ସଫଳତାର କାହାଣୀ ଗୁରୁତ୍ୱପୂର୍ଣ୍ଣ କାରଣ ସେଗୁଡ଼ିକ ଯୁବକମାନଙ୍କୁ ବିଶ୍ୱାସ ଦେଇଥାଏ ଯେ ଓଡ଼ିଶାରୁ ମଧ୍ୟ ବିଶ୍ୱସ୍ତରୀୟ ଉଦ୍ୟୋଗ ଗଢ଼ିଉଠିପାରେ। ଯଦି ସରକାର ପଦ୍ଧତିଗତ ଭାବେ ମେରାଇନ୍ ସାଇନ୍ସ ଏବଂ ଆକ୍ୱା ଆଧାରିତ ଶିଳ୍ପକୁ ପ୍ରୋତ୍ସାହନ ଦିଏ, ତେବେ ହଜାର ହଜାର କୋଷ୍ଟାଲ୍ ଯୁବକ ନିମ୍ନଲିଖିତ କ୍ଷେତ୍ରରେ ଉଦ୍ୟୋଗପତି ହୋଇପାରିବେ: ମାଛ ପ୍ରକ୍ରିୟାକରଣ, ରପ୍ତାନି ବ୍ୟବସାୟ, କୋଲ୍ଡ-ଚେନ୍ ଲଜିଷ୍ଟିକ୍, ନୌକା ନିର୍ମାଣ, ମେରିନ୍ ଉପକରଣ ସର୍ଭିସିଂ, ଆକ୍ୱା ଚାଷ, ମେରାଇନ୍ ଟେକ୍ନୋଲୋଜି ଷ୍ଟାର୍ଟଅପ୍, ଭବିଷ୍ୟତର ବିଶ୍ୱ ଅର୍ଥନୀତି ଧୀରେ ଧୀରେ ବ୍ଲୁ ଇକୋନୋମି ଉପରେ ନିର୍ଭର କରିବ। ପୂର୍ବ ଭାରତରେ ଏହି କ୍ଷେତ୍ରରେ ନେତୃତ୍ୱ ନେବା ପାଇଁ ଓଡ଼ିଶା ପାଖରେ ଭୌଗୋଳିକ ସୁବିଧା ଅଛି।

ଓଡ଼ିଶା ପାଖରେ ନେତୃତ୍ୱର ସୁବିଧା ଅଛି- ବର୍ତ୍ତମାନ ଓଡ଼ିଶାର ଅନେକ ପ୍ରଭାବଶାଳୀ ନେତା ରାଜ୍ୟ ଏବଂ ଜାତୀୟ ସ୍ତରରେ ଶକ୍ତିଶାଳୀ ସ୍ଥାନରେ ଅଛନ୍ତି।

ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ନେତୃତ୍ୱଙ୍କର ଭରସା ଅର୍ଜନ କରିଛନ୍ତି। ବୈଜୟନ୍ତ ପଣ୍ଡା ବ୍ୟବସାୟ ଏବଂ ଶାସନ ବ୍ୟବସ୍ଥା — ଉଭୟକୁ ବୁଝନ୍ତି। ମୋହନ ଚରଣ ମାଝୀ ସରଳତା ଏବଂ ସୁଲଭତା ମାଧ୍ୟମରେ ସ୍ୱୀକୃତି ଗଢ଼ିଛନ୍ତି। ମନମୋହନ ସାମଲ ଏକ ଅନୁଭବୀ ସଂଗଠନ ନେତା ଭାବେ ପରିଚିତ। ଏହି ସମନ୍ୱୟ ଓଡ଼ିଶାକୁ ଏମିତି ଏକ ଦୁର୍ଲଭ ରାଜନୈତିକ ପରିବେଶ ଦେଇଛି, ଯେଉଁଠାରେ ରାଜ୍ୟ ବଡ଼ ଗଠନାତ୍ମକ ସୁଧାରର ଚେଷ୍ଟା କରିପାରିବ। ଇତିହାସ କେବଳ ନିର୍ବାଚନୀ ବିଜୟ ପାଇଁ ସରକାରକୁ ମନେ ରଖେନାହିଁ। ଏହା ମନେ ରଖେ ସେମାନେ ଆଗାମୀ ପିଢ଼ୀର ଭବିଷ୍ୟତ କିପରି ଗଢ଼ିଥିଲେ। ଆଜି ଓଡ଼ିଶାକୁ ଆବଶ୍ୟକ ନୁହେଁ ଆକର୍ଷଣୀୟ ଘୋଷଣା। ଏହାକୁ ଆବଶ୍ୟକ ହେଉଛି ମାପିହୋଇପାରୁଥିବା କାର୍ଯ୍ୟନିଷ୍ପାଦନ ସହିତ କେନ୍ଦ୍ରୀକୃତ ମିଶନ୍। ଯଦି ରାଜ୍ୟ ସରକାର କିଛି କୌଶଳମୟ କ୍ଷେତ୍ର ଚୟନ କରି, ତ୍ରୈମାସିକ କାର୍ଯ୍ୟନିଷ୍ପାଦନ ବ୍ୟବସ୍ଥା ଗଢ଼େ, ସତ୍ୟନିଷ୍ଠ ଭାବେ ପ୍ରଗତିର ସମୀକ୍ଷା କରେ ଏବଂ ଯୁବକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଗଢ଼େ, ତେବେ ଆଗାମୀ ଦଶକରେ ଓଡ଼ିଶା ଭାରତର ସବୁଠାରୁ ଶକ୍ତିଶାଳୀ ବିକାଶ ମଡେଲମାନଙ୍କ ମଧ୍ୟରୁ ଗୋଟିଏ ହୋଇଉଠିପାରିବ। କାରଣ ଆଜିର ଭାରତରେ ସବୁଠାରୁ ବଡ଼ ବାଧା ଅର୍ଥସହାୟତା ନୁହେଁ। ପ୍ରକୃତ ତଫାତ୍ ସୃଷ୍ଟି କରେ — ଇଚ୍ଛାଶକ୍ତି, ସ୍ୱଚ୍ଛତା, ଶୃଙ୍ଖଳା ଏବଂ କାର୍ଯ୍ୟନିଷ୍ପାଦନ।

**ଯୁବ ସମାଜସେବୀ**
**ଭୁବନେଶ୍ୱର**

# ସ୍କୁଲ ଯିବା ଭୂଲ ପଢ଼ିବା : ପରୀକ୍ଷା ଦେଇ ଫେଲ ହେବା

ଭୁବନେଶ୍ୱର, ୨୦/୦୬ (ଜେଏନ୍‌ଏସ୍) : ଓଡ଼ିଆ ଅସ୍ମିତାର ଦୁହାଇ ଦେଇ ଓଡ଼ିଶାରେ ଆସିଥିବା ବିଜେପି ସରକାର ପିଲାମାନଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଖେଳ ଖେଳୁଛି । ନୂତନ ଶିକ୍ଷାନୀତି ଆଳରେ ଛାତ୍ରଛାତ୍ରୀଙ୍କୁ ଯେଉଁ ପୁସ୍ତକ ଦିଆଯାଇଛି ସେଥିରେ ଏଭଳି ଭୂଲ ସବୁ ରହିଛି ଯାହାକି ତ୍ରୁଟି ସୁଧାରିବା ପାଇଁ କାଷ୍ଟିକର ପାଠ। ଶିକ୍ଷକଙ୍କ ଚିନ୍ତା ଯେତିକି ବଢ଼ିଛି ଛାତ୍ରଛାତ୍ରୀଙ୍କ ଚିନ୍ତା ସେତିକି ବଢିଛି । ଅଭିଭାବକଙ୍କ ନିଜ ପିଲାଙ୍କ ଭବଷ୍ୟତ ନେଇ ଚିନ୍ତାରେ ପଡିଛନ୍ତି।




ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକରେ ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦) ଆଧାରରେ ପ୍ରକାଶିତ ନୂତନ ପାଠ୍ୟପୁସ୍ତକଗୁଡ଼ିକରେ ୧,୬୭୮ଟି ବ୍ୟାକରଣଗତ, ମୁଦ୍ରଣ ଏବଂ ତଥ୍ୟଗତ ଭୁଲ ଚିହ୍ନଟ ହୋଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିଗୁଡ଼ିକରେ ଏହି ବଡ଼ ଧରଣର ବିଭ୍ରାଟ ଦେଖାଯାଇଥିବା ବେଳେ, କେବଳ ଅଷ୍ଟମ ଶ୍ରେଣୀ ବହିରେ ସର୍ବାଧିକ ୭୦ଟି ଭୁଲ ରହିଛି । ଏହି ମାମଲାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ୩ ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରି ୭ ଦିନ ମଧ୍ୟରେ ରିପୋର୍ଟ ମାଗିଛନ୍ତି । ପ୍ରାଥମିକ ଶିକ୍ଷକ ସଂଘ ଏବଂ ବିରୋଧୀ ଦଳ ପକ୍ଷରୁ ବହିଗୁଡ଼ିକରେ ଥିବା କେତେକ ସାଂଘାତିକ ଭୁଲ ସାମ୍ନାକୁ ଅଣାଯାଇଛି ।

ଓଡ଼ିଶାର କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ ଥିବା ପ୍ରସିଦ୍ଧ ନିୟମଗିରି ପାହାଡ଼କୁ ଝାଡ଼ଖଣ୍ଡରେ ଅବସ୍ଥିତ ବୋଲି ଦର୍ଶାଯାଇଛି । ଓଡ଼ିଶା ବିଧାନସଭା ବଦଳରେ କର୍ଣ୍ଣାଟକ ବିଧାନସଭାର (ବିଧାନ ସୌଧ) ଫଟୋ ଛପାଯାଇଛି । ଏହା ସହ କୋଣାର୍କ ସୂର୍ଯ୍ୟ ମନ୍ଦିର ବଦଳରେ ହାମ୍ପିର ଫଟୋ ବ୍ୟବହାର କରାଯାଇଛି । ଓଡ଼ିଶାର ଗଞ୍ଜାମ ଜିଲ୍ଲାକୁ 'ବ୍ରହ୍ମପୁର ଜିଲ୍ଲା' ବୋଲି ଉଲ୍ଲେଖ କରାଯାଇଛି, ଯଦିଓ ବ୍ରହ୍ମପୁର କେବଳ ଏକ ସହର, କୌଣସି ଜିଲ୍ଲା ନୁହେଁ ।

ଓଡ଼ିଶାର ବରପୁତ୍ର ଓ ପ୍ରସିଦ୍ଧ ବ୍ୟକ୍ତିତ୍ୱ ଯେପରିକି ପଣ୍ଡିତ ନୀଳକଣ୍ଠ ଦାସ ଏବଂ ସୁନନ୍ଦା ପଟ୍ଟନାୟକଙ୍କ ନାମର ବନାନ ଭୁଲ ଲେଖାଯାଇଛି । ବହୁ ସ୍ଥାନରେ ମୁଦ୍ରଣ ଜନିତ ଅକ୍ଷର ତ୍ରୁଟି ଏବଂ ବ୍ୟାକରଣଗତ ଅଶୁଦ୍ଧି ରହିଛି । ଓଡ଼ିଆ ଓ ଇଂରାଜୀ ବହିରେ ପ୍ରଚୁର ପରିମାଣରେ ହ୍ରସ୍ୱଇ, ଦୀର୍ଘଈ, ଆକାର ଏବଂ ଶବ୍ଦଗତ ଭୁଲ ରହିଛି । ଡଙ୍ଗରିଆ କନ୍ଧ ଭଳି ଜନଜାତିଙ୍କ ନାମ ମଧ୍ୟ ଭୁଲ ଭାବେ ଉପସ୍ଥାପନ କରାଯାଇଛି । ଗଣିତ ଓ ବିଜ୍ଞାନ ବହିରେ ପ୍ରଶ୍ନ ଏବଂ ସୂତ୍ରଗୁଡ଼ିକରେ କେତେକ ବୈଜ୍ଞାନିକ ତଥ୍ୟ ତଥା ଗାଣିତିକ ଚିହ୍ନ ଭୁଲ୍ ଭାବରେ ସ୍ଥାନିତ ହୋଇଛି ।

ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ୫୫ଟି ନୂତନ ପାଠ୍ୟପୁସ୍ତକରେ ମୋଟ ୧,୬୮ଟି ଭୁଲ ଚିହ୍ନଟ ହୋଇଛି । ଏଥିମଧ୍ୟରୁ ଅଷ୍ଟମ ଶ୍ରେଣୀ ବହିରେ ସର୍ବାଧିକ ୭୦୫ଟି ଭୁଲ ରହିଛି । ସେହିପରି ସପ୍ତମ ଶ୍ରେଣୀରେ ୩୮୭ଟି, ଷଷ୍ଠ ଶ୍ରେଣୀରେ ୨୮୯ଟି, ଚତୁର୍ଥ ଶ୍ରେଣୀରେ ୧୩୧ଟି, ତୃତୀୟ ଶ୍ରେଣୀରେ ୭୫ଟି, ପଞ୍ଚମ ଶ୍ରେଣୀରେ ୭୫ଟି, ଦ୍ୱିତୀୟ ଶ୍ରେଣୀରେ ୧୨ଟି ଏହିଭଳି ଭୁଲ ଥିବା ଦେଖିବାକୁ ମିଳିଛି । ସେହିପରି ବିଭିନ୍ନ ବିଷୟ ମଧ୍ୟରୁ ବିଜ୍ଞାନ ଆଧାରିତ ଜିଜ୍ଞାସା ବହିରେ ସର୍ବାଧିକ ୨୯୪ଟି ଭୁଲ ରହିଛି । ସଂସ୍କୃତରେ ୧୧୪ଟି, ସାହିତ୍ୟରେ ୩୧ଟି, ସାମାଜିକ ବିଜ୍ଞାନରେ ୨୫ଟି, ଇଂରାଜୀରେ ୧୨ଟି ଏବଂ ଗଣିତରେ ୧୨ଟି ଭୂଲ ରହିଛି । ସ୍କୁଲ ପାଠ୍ୟପୁସ୍ତକରେ ଥିବା ପ୍ରଚୁର ଭୁଲ୍ ମାମଲାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ୩ ଜଣିଆ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି । ଏହି କମିଟିକୁ ୭ ଦିନ ମଧ୍ୟରେ ତଦନ୍ତ ସାରି ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ କରିବାକୁ ସୂଚନା ଦିଆଯାଇଛି । ରାଜ୍ୟର ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏହି ୩ ଜଣିଆ କମିଟି କାର୍ଯ୍ୟ କରୁଛି । ମୁଖ୍ୟମନ୍ତ୍ରୀଙ୍କ ସହ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ସାମିଲ ଥିଲେ ।

ନୂତନ ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ବହିଗୁଡ଼ିକର ପ୍ରସ୍ତୁତି, ସମୀକ୍ଷା ଏବଂ ମୁଦ୍ରଣ ସମୟରେ କେଉଁ ସ୍ତରରେ ତ୍ରୁଟି ରହିଗଲା, ତାହା କମିଟି ଯାଞ୍ଚ କରିବ । ପାଠ୍ୟପୁସ୍ତକ ପ୍ରସ୍ତୁତ କରିଥିବା ସ୍କର୍ଟର ବିଶେଷଜ୍ଞ, ପ୍ରୁଫ୍-ରୀଡର୍ ଏବଂ ପ୍ରକାଶନ ସଂସ୍ଥା ମଧ୍ୟରୁ ଏହି ବଡ଼ ବିଭ୍ରାଟ ପାଇଁ ପ୍ରକୃତରେ କିଏ ଦାୟୀ, ତାଙ୍କ ନାମ ରିପୋର୍ଟରେ ଉଲ୍ଲେଖ କରାଯିବ । ଭବିଷ୍ୟତରେ ଯେପରି ଏଭଳି ସାଂଘାତିକ ଭୁଲର ପୁନରାବୃତ୍ତି ନହେବ, ସେଥିପାଇଁ କମିଟି କିଛି ଗୁରୁତ୍ୱପୂର୍ଣ୍ଣ ସୁପାରିଶ ରିପୋର୍ଟ ମାଧ୍ୟମରେ ସରକାରଙ୍କୁ ଜଣାଇବ । କମିଟି ରିପୋର୍ଟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏଥିପାଇଁ ଦାୟୀ ଥିବା ଅଧିକାରୀ କିମ୍ବା ସଂସ୍ଥା ବିରୋଧରେ କଠୋର ବିଭାଗୀୟ ତଥା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି । ରିପୋର୍ଟ ଆସିବା ପୂର୍ବରୁ ହିଁ ଶିକ୍ଷାର୍ଥୀମାନଙ୍କ ପାଠପଢ଼ା ଯେପରି ବାଧାପ୍ରାପ୍ତ ନହେବ, ସେଥିପାଇଁ ସମସ୍ତ ଭୁଲକୁ ତୁରନ୍ତ ସଂଶୋଧନ କରିବାକୁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ପାଠ୍ୟପୁସ୍ତକରେ ଥିବା ସାଂଘାତିକ ତ୍ରୁଟିଗୁଡ଼ିକ ଯୋଗୁଁ ଯେପରି ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ନହେବ, ସେଥିପାଇଁ ଓଡ଼ିଶା ସରକାର ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ଦୁଇ ସ୍ତରୀୟ ତୁରନ୍ତ ସଂଶୋଧନ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

ଗଣଶିକ୍ଷା ବିଭାଗ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ଜରିଆରେ ସ୍କୁଲଗୁଡ଼ିକୁ ଏକ ସମ୍ପୂର୍ଣ୍ଣ ସଂଶୋଧନ ତାଲିକା ପ୍ରଦାନ କରୁଛନ୍ତି । ବହିଗୁଡ଼ିକ ବଦଳିବା ପୂର୍ବରୁ, ଶିକ୍ଷକମାନେ କ୍ଲାସରେ ପଢ଼ାଇବା ସମୟରେ ଏହି ସଂଶୋଧନ ପତ୍ରକୁ ଦେଖି ପିଲାମାନଙ୍କୁ ବହିର ଭୁଲ ତଥ୍ୟ ବଦଳରେ ସଠିକ୍ ତଥ୍ୟ ଲେଖାଇବେ ଏବଂ ବୁଝାଇବେ ।

ବିଦ୍ୟାଳୟଗୁଡ଼ିକରେ ବ୍ୟବହୃତ ହେଉଥିବା ଇ-ବୁକ୍ ଏବଂ ଶିକ୍ଷା ବିଭାଗର ଅନଲାଇନ୍ ପୋର୍ଟାଲରେ ଥିବା ପାଠ୍ୟପୁସ୍ତକଗୁଡ଼ିକର ଚଡ଼ରରେ ତୁରନ୍ତ ସଠିକ୍ ତଥ୍ୟ ଅପଡେଟ୍ କରାଯାଉଛି । ଉଚ୍ଚସ୍ତରୀୟ କମିଟିର ରିପୋର୍ଟ ଆଧାରରେ ସ୍କର୍ଟର ବିଶେଷଜ୍ଞମାନଙ୍କ ଦ୍ୱାରା ସମସ୍ତ ୫୫ଟି ଯାକ ପାଠ୍ୟପୁସ୍ତକକୁ ପୁନର୍ବାର ଯାଞ୍ଚ କରାଯିବ । ଏହାପରେ ପରବର୍ତ୍ତୀ ପର୍ଯ୍ୟାୟରେ ଏକ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ନୂତନ ସଂସ୍କରଣ ମୁଦ୍ରଣ କରାଯାଇ ବିଦ୍ୟାଳୟଗୁଡ଼ିକୁ ପଠାଯିବ ।

କେବଳ ସଫ୍ଟୱେର୍ କିମ୍ବା ଟେକ୍ନୋଲୋଜି ଉପରେ ନିର୍ଭର ନକରି, ଆଗାମୀ ଦିନରେ ବହି ପ୍ରସ୍ତୁତି ସମୟରେ ଅଭିଜ୍ଞ ଶିକ୍ଷାବିତ୍ ଓ ବ୍ୟାକରଣ ବିଶେଷଜ୍ଞମାନଙ୍କ ମାନୁଆଲ୍ ଯାଞ୍ଚକୁ ବାଧ୍ୟତାମୂଳକ କରାଯିବ । ଓଡ଼ିଶା ଅଭିଭାବକ ମହାସଂଘର କହିବା ଅନୁଯାୟୀ, ନୂଆ ବହି ସମ୍ପୂର୍ଣ୍ଣ ଛପା ହୋଇ ଆସିବାକୁ ପ୍ରାୟ ୬ ରୁ ୭ ମାସ ସମୟ ଲାଗିପାରେ । ତେଣୁ ସରକାର ଚଳିତ ଶିକ୍ଷାବର୍ଷ ପାଇଁ ସଂଶୋଧନ ପତ୍ର ମାଧ୍ୟମରେ ହିଁ ପାଠପଢ଼ା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଯୁକ୍ତ ୩ ସିଟ ବୃଦ୍ଧି କଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର, ୧୩/୦୬ (ଜେଏନ୍‌ଏସ୍) : ଚଳିତ ଶିକ୍ଷା ବର୍ଷ ପାଇଁ ଉଚ୍ଚଶିକ୍ଷା ବିଭାଗ ଯୁକ୍ତ ୩ (ଟିଏ) ସିଟ୍ ସଂଖ୍ୟା ବୃଦ୍ଧି କରିବାର ନିଷ୍ପତ୍ତି ନେଇଛି । ଯୁକ୍ତ ୩ ନାମଲେଖା ପାଇଁ ଅଧିକ ଆବେଦନ ଆସିଥିବାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ବିଭାଗୀୟ ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ କଲେଜରେ ମୋଟ ୧୦ ହଜାର ୩୭୨ ଅତିରିକ୍ତ ସିଟ ବୃଦ୍ଧି କରାଯାଇଛି । ଷ୍ଟେଟ୍ ପବ୍ଲିକ ୟୁନିଭର୍ସିଟିଗୁଡ଼ିକରେ ୧୨୧୬ ସିଟ ବଢ଼ାଯାଇଛି । ସରକାରୀ କଲେଜଗୁଡ଼ିକରେ ସର୍ବାଧିକ ୪୬୮୪ ସିଟ ବୃଦ୍ଧି କରାଯାଇଥିବା ବେଳେ ୪୮୮ ବର୍ଗ (ଉର-ଶକ୍ସରର) କଲେଜରେ ୩୪୧୬ ସିଟ ବଢ଼ିଛି । ଏହାସହ ୬୬୨ ବର୍ଗ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ଅତିରିକ୍ତ ୧ ହଜାର ୫୬ ସିଟ ଯୋଗ କରାଯାଇଛି । ଏହି ସିଟ ବୃଦ୍ଧି ଫଳରେ ଅଧିକ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାରେ ଭର୍ତ୍ତି ସୁଯୋଗ ମିଳିବ ବୋଲି ଆଶା କରାଯାଉଛି ।

## ଶ୍ରୀମନ୍ଦିରରେ ନକଲି ପାସ : ୧୧ ଗିରଫ

ପୁରୀ/ଭୁବନେଶ୍ୱର, ୨୦/୦୬ (ଜେଏନ୍‌ଏସ୍) : ଶ୍ରୀମନ୍ଦିରରେ ଭକ୍ତଙ୍କୁ ଶୀଘ୍ର ଓ ସହଜ ଦର୍ଶନ କରାଇବା ନାଁରେ ଠକୁଥିବା ଦଲାଲ ଓ ନକଲି ଗୁମାସ୍ତାଙ୍କ ବିରୋଧରେ ପୁରୀ ପୋଲିସ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗତ ୫ ଦିନ ମଧ୍ୟରେ ୧୧ ଜଣଙ୍କୁ ଗିରଫ କରିଛି। ବାହାର ରାଜ୍ୟରୁ ବା ଦୂରରୁ ଆସୁଥିବା ସରଳ ଭକ୍ତମାନଙ୍କୁ ଲମ୍ବା ଲାଇନରୁ ରକ୍ଷା କରି ସହଜରେ ଓ ଶୀଘ୍ର ମହାପ୍ରଭୁଙ୍କ ଦର୍ଶନ କରାଇଦେବା କହି ଏହି ନକଲି ଗୁମାସ୍ତାମାନେ ପ୍ରଲୋଭନ ଦେଖାଉଥିଲେ। ସେମାନେ ନିଜକୁ ସେବାୟତଙ୍କ ସହଯୋଗୀ ବା ଗୁମାସ୍ତା ଭାବେ ପରିଚୟ ଦେଇ ପ୍ରତି ଭକ୍ତଙ୍କ ପିଛା ୨୦୦ ରୁ ୫୦୦ ପର୍ଯ୍ୟନ୍ତ ଟଙ୍କା ବେଆଇନ ଭାବେ ଆଦାୟ କରୁଥିଲେ। ଭକ୍ତଙ୍କ ହଇରାଣ ଓ ଠକାମି ଅଭିଯୋଗ ପରେ ପୁରୀ ଏସପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶରେ ସିଂହଦ୍ୱାର ଥାନା ପୋଲିସ ସାଧା ପୋଷାକରେ ମନ୍ଦିର ଚାରିପାଖେ ଜଗି ରହିଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୋଲିସ ଗତ ଜୁନ୍ ୧୮ ଓ ୧୯ ତାରିଖରେ ଚଢ଼ାଉ କରି ମୋଟ ୧୧ ଜଣଙ୍କୁ ଗ୍ରେପ୍ତାର କରିଛି। ଏମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୋଗକାରୀଙ୍କ ନିକଟରୁ ୨,୬୨୦ ନଗଦ ଟଙ୍କା ଏବଂ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଶଙ୍କର ବିଶ୍ୱାଳ, ଅରୁଣ ପାତ୍ର, ବାବୁନି ମହାପାତ୍ର, ସର୍ବେଶ୍ୱର ରାଉତ, ରଞ୍ଜିତ ସାମନ୍ତରାୟ, ବିକ୍ରମ ପ୍ରଧାନ, ଅଜୟ କୁମାର ଜେନା ଏବଂ ଉମାକାନ୍ତ ପାଢ଼ୀ। ପୁରୀ ଏସପି ସ୍ପଷ୍ଟ କରିଛନ୍ତି ଯେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସମ୍ପୂର୍ଣ୍ଣ ମାଗଣା।

## ୟୁଏଇରେ ୧୫ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ସୋସିଆଲ ମିଡିଆ ମନା

ନୂଆଦିଲ୍ଲୀ, ୨୦/୦୬ : ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ପିଲାଙ୍କ ସୋସିଆଲ ମିଡିଆର ବ୍ୟବହାରକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି। ସେ ଅନୁସାରେ ସେଠାରେ ୧୫ ବର୍ଷରୁ କମ୍ ବୟସର ପିଲାଙ୍କ ଲାଗି ସୋସିଆଲ ମିଡିଆକୁ ବ୍ୟାନ କରାଯାଇଛି। ୟୁଏଇ କ୍ୟାବିନେଟ୍ରେ ଗୁରୁବାର ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଏଥିସହ ଏଭଳି ପଦକ୍ଷେପ ନେବାରେ ୟୁଏଇ ପ୍ରଥମ ଆରବ ଦେଶ ପାଲଟିଛି। ନୂଆ ନିୟମ ଅନୁସାରେ, ସେଠାରେ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ବ୍ୟକ୍ତିଗତ ସୋସିଆଲ ମିଡିଆ ଆକାଉଣ୍ଟ ବନାଇବା କିମ୍ବା ବ୍ୟବହାର ଲାଗି ଅନୁମତି ମିଳିବ ନାହିଁ। ଫଳରେ ସେମାନେ ସୋସିଆଲ ମିଡିଆରେ କୌଣସି ପ୍ରକାର ପୋଷ୍ଟ ସେୟାର କରିପାରିବେ ନାହିଁ। କାହା ପୋଷ୍ଟ ଉପରେ କମେଣ୍ଟ ଦେଇପାରିବେ ନାହିଁ। ସାର୍ବଜନିକ ସମୂହ ସହ ମଧ୍ୟ ଯୋଡ଼ି ହୋଇପାରିବେ ନାହିଁ। ଅନ୍ୟପଟେ ଯଦିଓ ୧୫ ଏବଂ ୧୬ ବର୍ଷର କିଶୋର/ କିଶୋରୀଙ୍କୁ ସୋସିଆଲ ମିଡିଆ ବ୍ୟବହାର ଲାଗି ଅନୁମତି ମିଳିବ ତେବେ ସେମାନଙ୍କ ଲାଗି ଅତିରିକ୍ତ ସୁରକ୍ଷା ଉପାୟ ଲାଗୁହେବ। ସେଥିମଧ୍ୟରେ ବୟସ ଅନୁସାରେ କଣ୍ଟେଣ୍ଟ ନିୟନ୍ତ୍ରଣ, ଅଜଣା ଲୋକଙ୍କ ସହ କଥାବାର୍ତ୍ତାର ସୀମା ସ୍ଥିର, ସ୍କ୍ରିନ୍ ଟାଇମ୍ ମ୍ୟାନେଜମେଣ୍ଟ ଟୁଲ୍ସ, ଅଭିଭାବକମାନଙ୍କର ଅନୁଧ୍ୟାନ ଭଳି ସୁବିଧା ସାମିଲ। ୟୁଏଇରେ ପରିଚାଳିତ ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ଏହି ନିୟମ ଲାଗୁ ହେବ। ଏଥିଲାଗି କମ୍ପାନିଗୁଡ଼ିକୁ ଦୃଢ଼ 'ବୟସ ଯାଞ୍ଚ' ବ୍ୟବସ୍ଥା ଲାଗୁ କରିବାକୁ ପଡ଼ିବ। କେବଳ ସେତିକି ନୁହେଁ, ସୋସିଆଲ ମିଡିଆ କମ୍ପାନିଗୁଡ଼ିକୁ ୧୫ ବର୍ଷରୁ କମ୍ ବୟସର ପିଲାଙ୍କ ଦ୍ୱାରା ଖୋଲାଯାଇଥିବା ଆକାଉଣ୍ଟକୁ ବନ୍ଦ କରିବାକୁ ହେବ। କୌଣସି ସୂତ୍ରରୁ ଯେପରି 'ବୟସ ଯାଞ୍ଚ' ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ନିୟମରୁ ବର୍ତ୍ତିପାରିବେ ନାହିଁ ତାହା ସୁନିଶ୍ଚିତ କରିବାକୁ ପଡ଼ିବ। ନୂଆ ନିୟମକୁ ଲାଗୁ କରିବା ଲାଗି ସରକାର ସୋସିଆଲ ମିଡିଆ କମ୍ପାନିଗୁଡ଼ିକୁ ବର୍ଷେ ଯାଏ ସମୟ ଦେଇଛନ୍ତି।

## ବଜାୟ ରହିବ ଟେଲିଗ୍ରାମ୍ ବ୍ୟାନ୍

ନୂଆଦିଲ୍ଲୀ, ୨୦/୦୬ : ସଫା ମନା କରି ଦେଲେ ହାଇକୋର୍ଟ। ହଟିବନି ଟେଲିଗ୍ରାମ ବ୍ୟାନ। ଟେଲିଗ୍ରାମ୍ ବ୍ୟାନ ବଜାୟ ରଖିଲେ ଦିଲ୍ଲୀ ହାଇକୋର୍ଟ। ନିଟ୍-ୟୁଜି ପୁନଃପରୀକ୍ଷା ପୂର୍ବରୁ, ଦିଲ୍ଲୀ ହାଇକୋର୍ଟ ଟେଲିଗ୍ରାମର ଆବେଦନକୁ ଖାରଜ କରିଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏତେ ବଡ଼ ଜାତୀୟ ପରୀକ୍ଷାର ସୁରକ୍ଷା ପାଇଁ ଜରୁରୀକାଳୀନ ପଦକ୍ଷେପ ନେବା ଏବଂ ଅସ୍ଥାୟୀ ପ୍ରତିବନ୍ଧକ ଲଗାଇବାର ସମ୍ପୂର୍ଣ୍ଣ ଆଇନଗତ ଅଧିକାର ସରକାରଙ୍କର ଅଛି। ଏବେ ଜୁନ୍ ୨୨ ପର୍ଯ୍ୟନ୍ତ ସମଗ୍ର ଭାରତରେ ଟେଲିଗ୍ରାମ ବ୍ୟାନ୍ ରହିବ। ଶୁକ୍ରବାର ସକାଳ ୧୦:୩୦ରେ, ଦିଲ୍ଲୀ ହାଇକୋର୍ଟର ବିଚାରପତି ତେଜସ କାରିଆଙ୍କ ଏକକ ବିଚାରପତି ଖଣ୍ଡପୀଠ ତାଙ୍କ ରାୟ ଶୁଣାଇଛନ୍ତି। ସେ ଟେଲିଗ୍ରାମର ଆବେଦନକୁ ଖାରଜ କରିଛନ୍ତି। ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୬୯ଏ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅସ୍ଥାୟୀ ପ୍ରତିବନ୍ଧକକୁ କୋର୍ଟ ସମର୍ଥନ କରିଛନ୍ତି। ଏହି ନିଷ୍ପତ୍ତି ପରେ, ଟେଲିଗ୍ରାମ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଜୁନ୍ ୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ମେସେଜ୍-ସମ୍ପାଦନା ଫିଚର ଜୁନ୍ ୩୦ ପର୍ଯ୍ୟନ୍ତ ସ୍ଥଗିତ ରହିବ। କୋର୍ଟ ତାଙ୍କ ନିଷ୍ପତ୍ତିରେ ସ୍ୱୀକାର କରିଛନ୍ତି ଯେ ଜୁନ୍ ୨୧ ରେ ହେବାକୁ ଥିବା ନିଟ୍- ୟୁଜି୨୦୨୬ ପୁନଃପରୀକ୍ଷା ୨.୨ ନିୟୁତରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଜଡିତ। କୋର୍ଟ ସରକାରଙ୍କ ଯୁକ୍ତିକୁ ଗ୍ରହଣ କରିଛନ୍ତି ଯେ ଟେଲିଗ୍ରାମର ବୈଷୟିକ ସ୍ଥାପତ୍ୟକୁ ସଂଗଠିତ ଠକ ମାଫିଆମାନେ ଅପବ୍ୟବହାର କରୁଛନ୍ତି। ଏପରି ପରିସ୍ଥିତିରେ, ପରୀକ୍ଷାର ନିରପେକ୍ଷତା ବଜାୟ ରଖିବା ପାଇଁ ସରକାରଙ୍କ ପଦକ୍ଷେପ ଯଥାର୍ଥ ଏବଂ ଜନହିତକର। ଟେଲିଗ୍ରାମ ଯୁକ୍ତି ଦେଇଥିଲା ଯେ ଜୁନ୍ ୨୨ ପର୍ଯ୍ୟନ୍ତ ଦେଶବ୍ୟାପୀ ଏହାର ସେବାଗୁଡ଼ିକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିବା ଏବଂ ଜୁନ୍ ୩୦ ପର୍ଯ୍ୟନ୍ତ ମେସେଜ୍ ଏଡିଟିଂ ଫିଚର କୁ ଅକ୍ଷମ କରିବା ଏକ ଅତ୍ୟଧିକ କଠୋର ପଦକ୍ଷେପ। କମ୍ପାନୀ ଯୁକ୍ତି କରିଥିଲା ଯେ ଏହି ନିଷ୍ପତ୍ତି କେବଳ ସନ୍ଦେହଜନକ ଆକାଉଣ୍ଟ ନୁହେଁ ବରଂ ପ୍ଲାଟଫର୍ମକୁ ବୈଧ ଭାବରେ ବ୍ୟବହାର କରୁଥିବା ଲକ୍ଷ ଲକ୍ଷ ସାଧାରଣ ବ୍ୟବହାରକାରୀଙ୍କୁ ମଧ୍ୟ ପ୍ରଭାବିତ କରୁଛି। ଏହା ପରେ ମଧ୍ୟ ହାଇକୋର୍ଟ ସରକାରଙ୍କ ପ୍ରତିରୋଧକ ପଦକ୍ଷେପକୁ ସମର୍ଥନ କରିଛନ୍ତି। କୋର୍ଟ କହିଛନ୍ତି ଯେ ଯେହେତୁ ଏହି ନିଷେଧ ଏକ ଅତ୍ୟନ୍ତ ସୀମିତ ଅବଧି (ଜୁନ୍ ୨୨) ପାଇଁ ଏବଂ ଏକ ନିର୍ଦ୍ଦିଷ୍ଟ ଘଟଣା ( ନିଟ୍ ପରୀକ୍ଷା) ସହିତ ଜଡିତ ଏହାକୁ ଅବୈଧ କିମ୍ବା ଅତ୍ୟଧିକ କଠୋର ବୋଲି ବିବେଚନା କରାଯାଇପାରିବ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପାହାଡ଼ପୁରରେ...

ପୁତ୍ରଙ୍କ ସ୍ମୃତିରେ ପ୍ରତିଷ୍ଠିତ ଏସ୍.ଏଲ୍.ଏସ୍. ମେମୋରିଆଲ୍ ସ୍କୁଲକୁ ଯାଇ ଉଭୟ ନେତା ସେମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାସହ ସେଠାକାର ଦକ୍ଷତା ବିକାଶ କେନ୍ଦ୍ରର ଯୁବକଯୁବତୀ ଓ ସ୍ଥାନୀୟ ପିଲାଙ୍କ ସହ ଭାବ ବିନିମୟ କରିଛନ୍ତି। ଓଡ଼ିଶା ସରକାରଙ୍କ ୨ ବର୍ଷ ପୂର୍ତ୍ତି ଓ ୪୭,୬୦୦ କୋଟିର ଉପହାର। ରାଜ୍ୟରେ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବ "ବିକାଶ ର ଧାରା, ଓଡ଼ିଶା ସାରା" ଥିମ୍ ଅଧୀନରେ ରାଇରଙ୍ଗପୁରର ଦାଣ୍ଡବୋଷଠାରେ ଏକ ବିଶାଳ ସାଧାରଣ ସଭା ଆୟୋଜିତ ହୋଇଛି। ଏହି ମଞ୍ଚରୁ ପ୍ରଧାନମନ୍ତ୍ରୀ ଅନେକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଜେଜେପୁର (ଝାରସୁଗୁଡ଼ା) ଠାରେ ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର। ୬୦୦ ମେଗାୱାଟ୍ ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ। ଇବ୍ ଥର୍ମାଲ୍ ପାୱାର ଷ୍ଟେସନର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୨ଟି ୬୬୦ ମେଗାୱାଟ୍ ୟୁନିଟ୍)। କଟକ ଏବଂ ଭୁବନେଶ୍ୱରକୁ ସିଧାସଳଖ ଯୋଡୁଥିବା କାଠଯୋଡ଼ି ନଦୀ ଉପରେ ଏକ ନୂତନ ସେତୁର ଶିଳାନ୍ୟାସ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୪ଟି ଅଟଳ ବସ୍ ଷ୍ଟାଣ୍ଡ ଏବଂ ୯ଟି ଅଟୋମେଟେଡ୍ ଟେଷ୍ଟିଂ ଷ୍ଟେସନର ଲୋକାର୍ପଣ। ବୌଦ୍ଧ ଜିଲ୍ଲାରେ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବନର ଉଦ୍‌ଘାଟନ। ରାଇରଙ୍ଗପୁରଠାରେ ଇନ୍ଦୋର ବ୍ୟାଡମିଣ୍ଟନ କମ୍ପ୍ଲେକ୍ସ, ସ୍ପୋର୍ଟସ କମ୍ପ୍ଲେକ୍ସ, ଟ୍ରାଇବାଲ୍ ରିସର୍ଚ୍ଚ ସେଣ୍ଟର (ଆଦିବାସୀ ଗବେଷଣା କେନ୍ଦ୍ର) ଏବଂ ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ଶିଳାନ୍ୟାସ ଓ ଉଦ୍‌ଘାଟନ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମିଳିତ ଗସ୍ତକୁ ଓଡ଼ିଶାର ବିକାଶ ପାଇଁ ଏକ ମାଇଲଖୁଣ୍ଟ ବୋଲି ଅଭିହିତ କରିଛନ୍ତି। ପ୍ରଧାନମନ୍ତ୍ରୀ ନିଜେ ଓଡ଼ିଆ ଭାଷାରେ ଟ୍ୱିଟ୍ କରି 'ମୁଁ କାଲି ମୟୂରଭଞ୍ଜରେ ରହିବି' ବୋଲି ଜଣାଇବା ସହ ଏହି ଗସ୍ତକୁ ନେଇ ନିଜର ଉତ୍ସାହ ପ୍ରକାଶ କରିଥିଲେ।

### ଖୋଲିଲା...

ଅବଧିକୁ ବୃଦ୍ଧି କରିଛନ୍ତି। ଗଞ୍ଜାମ, ସୁବର୍ଣ୍ଣପୁର, ସମ୍ବଲପୁର, ଝାରସୁଗୁଡ଼ା, ଅନୁଗୁଳ, ବଲାଙ୍ଗୀର, ସୁନ୍ଦରଗଡ଼, ବୌଦ୍ଧ ଏବଂ ବରଗଡ଼ ଜିଲ୍ଲାରେ ଛୁଟି ବଢ଼ାଯାଇଛି । ଗଞ୍ଜାମ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ୍ ଜୁନ୍ ୨୦ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସେଠାରେ ଜୁନ୍ ୨୨ ତାରିଖ (ସୋମବାର) ରୁ କ୍ଲାସ୍ ଆରମ୍ଭ ହେବ। ଏଠାରେ ସ୍ଥାନୀୟ ପାଣିପାଗକୁ ଦେଖି ସ୍କୁଲ ସମୟରେ କିଛିଟା ପରିବର୍ତ୍ତନ କରାଯାଇଛି । ବିଦ୍ୟାଳୟଗୁଡ଼ିକ ଖୋଲିବା ପୂର୍ବରୁ କ୍ୟାମ୍ପସ ସଫା କରିବା ସହ ପିଲାମାନଙ୍କ ପାଇଁ ସ୍ୱଚ୍ଛ ଓ ଥଣ୍ଡା ପିଇବା ପାଣିର ସୁବିଧା ବାଧ୍ୟତାମୂଳକ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ସ୍କୁଲ ଖୋଲିବା ପ୍ରଥମ ଦିନରୁ ହିଁ ପିଲାମାନଙ୍କୁ ସଠିକ୍ ସମୟରେ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି ଏହାସହ ନୂଆ ଶିକ୍ଷାବର୍ଷର ପାଠ୍ୟପୁସ୍ତକ ମଧ୍ୟ ସମସ୍ତ ବିଦ୍ୟାଳୟରେ ବଣ୍ଟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଯଦି ଆଗାମୀ ଦିନରେ କୌଣସି ଜିଲ୍ଲାରେ ପୁଣିଥରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଏ, ତେବେ ସେଠାକାର ପରିସ୍ଥିତିକୁ ସମୀକ୍ଷା କରି ସ୍ଥାନୀୟ ପ୍ରଶାସନ ଛୁଟି କିମ୍ବା ସମୟ ପରିବର୍ତ୍ତନ ନେଇ ତୁରନ୍ତ ନିଷ୍ପତ୍ତି ନେଇପାରିବେ ବୋଲି ମନ୍ତ୍ରୀ ଜଣାଇଛନ୍ତି ।

### 'ପାରାକ୍ୱାଏଟ୍'...

ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛନ୍ତି। କେବଳ ଓଡ଼ିଶା ନୁହେଁ, ବରଂ ଦେଶର ଅନ୍ୟାନ୍ୟ କେତେକ ରାଜ୍ୟରେ ଏବେ ଏହିପରି ବିପଜ୍ଜନକ କୃଷି ରାସାୟନିକ ସାମଗ୍ରୀ କିଣିବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ କିମ୍ବା ସରକାରୀ କୃଷି ଅଧିକାରୀଙ୍କ ଲିଖିତ ସୁପାରିଶ ବା ପ୍ରେସକ୍ରିପସନ୍ ଦେଖାଇବା ବାଧ୍ୟତାମୂଳକ କରାଯାଇଛି। ଡିଲରମାନେ ବିନା ଅନୁମତିରେ ଏହାକୁ ଖୋଲାଖୋଲି ବିକ୍ରି କରିପାରିବେ ନାହିଁ। ଓଡ଼ିଶା ସରକାର ଏହି ବିଷାକ୍ତ କେମିକାଲକୁ ସାରା ଦେଶରେ ସ୍ଥାୟୀ ଭାବେ ବ୍ୟାନ୍ କରିବା ପାଇଁ କେନ୍ଦ୍ର କୃଷି ମନ୍ତ୍ରାଳୟକୁ ଆନୁଷ୍ଠାନିକ ଭାବେ ଚିଠି ଲେଖି ଅନୁରୋଧ କରିଛନ୍ତି। କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି ଯେ, ଘାସ ବା ଅଦରକାରୀ ତୃଣ ନଷ୍ଟ କରିବା ପାଇଁ ପାରାକ୍ୱାଏଟ୍ ବଦଳରେ ଅନ୍ୟ ସୁରକ୍ଷିତ ତଥା ଜୈବିକ ଉପାୟ ଅବଲମ୍ବନ କରନ୍ତୁ, ଯାହା ଦ୍ୱାରା ପରିବେଶ, ଗୋରୁଗାଈ ଏବଂ ମାନବ ସମାଜ ସୁରକ୍ଷିତ ରହିପାରିବ।

### ପୁଣି ୧୫ଲକ୍ଷ...

ପାଖକୁ ପଠାଯାଇଛି । ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀ, ଆୟକର ଏବଂ ପରିବହନ ବିଭାଗର ସହାୟତାରେ ଘରକୁ ଘର ବୁଲି ହିତାଧିକାରୀଙ୍କ ପ୍ରକୃତ ସ୍ଥିତି ଯାଞ୍ଚ କରୁଛନ୍ତି। ଯଦି କାହାର କୋଠାବାଡ଼ି, କାର୍ କିମ୍ବା ଅଧିକ ରୋଜଗାର ଥିବା ଜଣାପଡ଼େ, ତେବେ ତୁରନ୍ତ ସେହି କାର୍ଡକୁ ବାଦ୍ ଦିଆଯାଉଛି.। ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଏହି ଅଯୋଗ୍ୟ ଚିହ୍ନଟ ପ୍ରକ୍ରିୟାର ଲକ୍ଷ୍ୟ କୌଣସି ଗରିବ ଲୋକଙ୍କ ପେଟ କାଟିବା ନୁହେଁ, ବରଂ ପ୍ରକୃତ ଗରିବଙ୍କ ପାଖରେ ଖାଦ୍ୟ ସୁରକ୍ଷା ପହଞ୍ଚାଇବା । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଲକ୍ଷ ଲକ୍ଷ ନୂଆ ରାସନ କାର୍ଡ ବଣ୍ଟନ କରାଯାଇଛି ଏବଂ ଆଗକୁ ଆସିଥିବା ନୂଆ ଆବେଦନଗୁଡ଼ିକୁ ଯାଞ୍ଚ କରି ସମସ୍ତ ଯୋଗ୍ୟ ପରିବାରକୁ ନୂଆ କାର୍ଡ ଯୋଗାଇ ଦିଆଯିବ । ଓଡ଼ିଶା ସରକାର ଓଡ଼ିଶା ଫୁଡ୍ ପୋର୍ଟାଲ ମାଧ୍ୟମରେ ସମସ୍ତ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ଚେଷ୍ଟା କରୁଛନ୍ତି।

### ଏନଜିଓ କର୍ମୀଙ୍କ...

କରାଯାଇଥିବା ଭଳି ସଂଘାତିକ ଅଭିଯୋଗ ଆସିଛି। ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉତ୍ୟକ୍ତ ଭିଡ଼ କବଳରୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଥିଲେ। ଏହି ସମ୍ବେଦନଶୀଳ ଘଟଣାକୁ ନେଇ କଲ୍ୟାଣସିଂହପୁର ଥାନାରେ ୪ଟି ପୃଥକ ମାମଲା ରୁଜୁ କରାଯାଇଛି। ରାୟଗଡ଼ା ଏସଡିପିଓ ଗୌରହରି ସାହୁଙ୍କ ସୂଚନା ଅନୁଯାୟୀ, ଭିଡ଼ ହିଂସାରେ ସାମିଲ ଥିବା ୨୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ଭିଡିଓ ଫୁଟେଜ୍ ଆଧାରରେ ବାକି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

### ରାଇରଙ୍ଗପୁରରେ...

ଯୁବପିଢ଼ିଙ୍କ ପାଇଁ ହଜାର ହଜାର ସଂଖ୍ୟାରେ ନୂଆ ନିଯୁକ୍ତି ସୁଯୋଗ ଆଣିଦେବ । ରାଜ୍ୟରେ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' ସଂକଳ୍ପ ମାଧ୍ୟମରେ ପ୍ରତିଟି ଗରିବ, ମହିଳା ଓ ଆଦିବାସୀ ପରିବାର ପାଖରେ ସରକାରୀ ସୁବିଧା ଓ ସମ୍ମାନ ପହଞ୍ଚିବ। ଓଡ଼ିଶାର ଏହି ଭିତ୍ତିଭୂମିର ବିପ୍ଳବ ଓ ସାଂସ୍କୃତିକ ଗୌରବ ହିଁ ଆଗାମୀ ଦିନରେ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବ ବୋଲି ସମସ୍ତେ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ।

## ରାଜଧାନୀରେ ଗଡ଼ିଲା ମୁଣ୍ଡ

ଭୁବନେଶ୍ୱର, ୨୦/୦୬ (ଜେଏନ୍‌ଏସ୍) : ରାଜଧାନୀ ଭୁବନେଶ୍ୱରରେ ପରକୀୟା ପ୍ରୀତିକୁ କେନ୍ଦ୍ର କରି ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣ ଶ୍ରୀ ସାଇ ବିହାର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ କଟୁରୀରେ ଆକ୍ରମଣ କରି ହତ୍ୟା କରାଯାଇଛି। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ମୃତ ବ୍ୟକ୍ତି ଅଭିଯୁକ୍ତଙ୍କ ସ୍ତ୍ରୀଙ୍କ ସହ ପରକୀୟା ସମ୍ପର୍କରେ ସମ୍ପୃକ୍ତ ଥିବା ସନ୍ଦେହରୁ ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ଶନିବାର ସକାଳେ ଏହି ବିବାଦ ଉଗ୍ର ରୂପ ନେଇଥିବା ବେଳେ ଅଭିଯୁକ୍ତ ଉତ୍ତେଜିତ ହୋଇ କଟୁରୀରେ ମୃତକଙ୍କ ଉପରେ ଆକ୍ରମଣ କରିଥିଲେ।

## ଶକ୍ତି ଏ ସପ୍ତାହର

୨୧ ଜୁନ୍ - ୨୭ ଜୁନ୍ '୨୦୨୬

ମେଷ: ଏ ସପ୍ତାହ ଆପଣଙ୍କ ପାଇଁ କର୍ମ ଓ ଉତ୍ସାହର ସପ୍ତାହ। ଅଫିସରେ ନୂଆ ଦାୟିତ୍ୱ ମିଳିପାରେ। ଟଙ୍କା ଖର୍ଚ୍ଚ କରିବା ବେଳେ ବିଚାର କରନ୍ତୁ। ପରିବାର ସହ ସମୟ ଦେଲେ ମନ ହାଲୁକା ହେବ। ଶୁଭ ରଙ୍ଗ: ଲାଲ।

ବୃଷ: ଧନ ଆଗମନର ଯୋଗ ଅଛି। ଅଟକିଥିବା ଟଙ୍କା ଫେରିପାରେ। ପୁରୁଣା ବନ୍ଧୁଙ୍କୁ ଭେଟି ଖୁସି ହେବେ। କିନ୍ତୁ ପେଟ ଓ ଥଣ୍ଡାରୁ ସାବଧାନ। ଶୁଭ ରଙ୍ଗ: ଧଳା।

ମିଥୁନ: ବୁଦ୍ଧି ଓ ବାଣୀର ଜୋରରେ ସବୁ କାମ ସରିବ। ପରୀକ୍ଷା/ଇଣ୍ଟରଭ୍ୟୁ ଥିଲେ ସଫଳତା ମିଳିବ। ଅନାବଶ୍ୟକ ତର୍କରୁ ଦୂରେଇ ରୁହନ୍ତୁ। ଶୁଭ ରଙ୍ଗ: ସବୁଜ।

କର୍କଟ: ମନ ଟିକେ ଚଞ୍ଚଳ ରହିବ। ଘରୋଇ କଥାକୁ ନେଇ ଚିନ୍ତା ହୋଇପାରେ। ମା'ଙ୍କ ସହ କଥା ହେଲେ ସମାଧାନ ମିଳିବ। ଜଳ ପିଅନ୍ତୁ ଅଧିକ। ଶୁଭ ରଙ୍ଗ: ରୂପା।

ସିଂହ: ଆପଣଙ୍କ ପ୍ରଭାବ ବଢ଼ିବ। ବଡ଼ ଅଧିକାରୀଙ୍କ ନଜରରେ ପଡ଼ିବେ। ପ୍ରେମରେ ନୂଆ ମୋଡ଼। ଅହଙ୍କାରକୁ ନିୟନ୍ତ୍ରଣ କରନ୍ତୁ। ଶୁଭ ରଙ୍ଗ: ସୁନା।

କନ୍ୟା: କାମରେ ପରଫେକ୍ସନ୍ ଚାହିଁବେ। ଏହା ଭଲ କିନ୍ତୁ ଷ୍ଟ୍ରେସ ନନିଅନ୍ତୁ। ଟଙ୍କା ସଞ୍ଚୟ କରନ୍ତୁ। ଛୋଟ ଯାତ୍ରା ହୋଇପାରେ। ଶୁଭ ରଙ୍ଗ: ନୀଳ।

ତୁଳା: ସମ୍ପର୍କ ପାଇଁ ଉତ୍ତମ ସମୟ। ପତି/ପତ୍ନୀଙ୍କ ସହ ବୁଝାମଣା ବଢ଼ିବ। ସୌନ୍ଦର୍ଯ୍ୟ ଜିନିଷ କିଣିବାର ମନ ହେବ। ଶୁଭ ରଙ୍ଗ: ଗୋଲାପୀ।

ବୃଶ୍ଚିକ: ସାହସ ଦେଖାଇ ଯେଉଁ କାମ କରିବେ ତାହାରେ ଲାଭ। ପୁରୁଣା ଶତ୍ରୁ ନିଜେ ହାର ମାନିବ। କ୍ରୋଧ ଉପରେ କଣ୍ଟ୍ରୋଲ ରଖନ୍ତୁ। ଶୁଭ ରଙ୍ଗ: ମେରୁନ୍।

ଧନୁ: ମନ୍ଦିର, ତୀର୍ଥ ଯାତ୍ରାର ଯୋଗ। ଗୁରୁଙ୍କ ଉପଦେଶ କାମରେ ଆସିବ। ଅନାବଶ୍ୟକ ଖର୍ଚ୍ଚ କମାନ୍ତୁ। ଶୁଭ ରଙ୍ଗ: ହଳଦିଆ।

ମକର: କାମର ଚାପ ଅଧିକ ରହିବ କିନ୍ତୁ ଶେଷରେ ଜିତିବେ। ସହକର୍ମୀ ସାହାଯ୍ୟ କରିବେ। ଆଣ୍ଠୁ ଓ ପିଠି ଯନ୍ତ୍ରଣା ହେଲେ ଡାକ୍ତର ଦେଖାନ୍ତୁ। ଶୁଭ ରଙ୍ଗ: କଳା।

କୁମ୍ଭ: ନୂଆ ଆଇଡିଆ ମଥାରେ ଆସିବ। ଅନଲାଇନ୍ କାମରେ ଲାଭ। ସାଙ୍ଗମାନଙ୍କ ସହ ହସ ଖୁସିର ମୁହୂର୍ତ୍ତ। ଶୁଭ ରଙ୍ଗ: ଆକାଶୀ।

ମୀନ: କଳ୍ପନା ଶକ୍ତି ଚରମରେ। ଲେଖା, ପେଣ୍ଟିଂ, ସଙ୍ଗୀତ ପାଇଁ ଭଲ ସମୟ। ନଦୀ/ସମୁଦ୍ର ପାଖକୁ ଗଲେ ମନ ଶାନ୍ତ ହେବ। ଶୁଭ ରଙ୍ଗ: ସମୁଦ୍ରୀ ନୀଳ।



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

## ପ୍ରମୁଖ ଖବର ଏ ସପ୍ତାହର

- ପ୍ରଧାନମନ୍ତ୍ରୀ ମୋଦୀ ଆଜିଠାରୁ ଦୁଇ ଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଯାଇ କୋଲକାତାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୩ଟି ନୌସେନା ଯୁଦ୍ଧପୋତକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ।
- ଉଦ୍ଧବ ଠାକରେ ନିର୍ଦ୍ଦିଷ୍ଟ ସର୍ତ୍ତରେ ଇସ୍ତଫା ଦେବାକୁ ପ୍ରସ୍ତୁତ ଥିବା ବେଳେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କହିଛନ୍ତି ଯେ ସାଂସଦମାନଙ୍କର ଦଳତ୍ୟାଗ 'କେବଳ ଏକ ଟ୍ରେଲର୍‌'।
- ଟିଏମସି ନେତା ଅଭିଷେକ ବାନାର୍ଜୀ ଦଳୀୟ ଅନ୍ତଃକନ୍ଦଳ ପରେ ୨୦ ଜଣ ବିଦ୍ରୋହୀ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଆନୁଷ୍ଠାନିକ ଭାବେ ଅନୁରୋଧ କରିଛନ୍ତି।
- ୧୬ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ଖୁଚୁରା ମୁଦ୍ରାସ୍ଫୀତି ଏବଂ ମଧ୍ୟବିତ୍ତ ପରିବାରର ସଞ୍ଚୟ ହ୍ରାସ ପାଉଥିବା ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ।
- ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ଫୁଟପାଥ୍‌ରେ ସୁରକ୍ଷିତ ଭାବେ ଚାଲିବାକୁ ନାଗରିକଙ୍କ 'ମୌଳିକ ଅଧିକାର' ଭାବେ ଘୋଷଣା ।
- ଦିଲ୍ଲୀ ହାଇକୋର୍ଟ ଟେଲିଗ୍ରାମ ଆପ୍ ଉପରୁ ପ୍ରତିବନ୍ଧକ ହଟାଇବା ଆବେଦନକୁ ଖାରଜ କରି କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଏହା ସରକାରଙ୍କ ଅତି ଆବଶ୍ୟକୀୟ ପଦକ୍ଷେପ।
- ଭାରତୀୟ ପୋଲିସ ଏବଂ କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକୁ ଏକ ନୂତନ ମୋବାଇଲ୍ ଆପ୍ଲିକେସନ୍ ପ୍ରଦାନ କରାଯାଇଛି, ଯାହା ଦ୍ୱାରା ସେମାନେ ଘଟଣାସ୍ଥଳରେ ହିଁ ସନ୍ଦିଗ୍ଧଙ୍କ ଆଙ୍ଗୁଠି ଚିହ୍ନ ଯାଞ୍ଚ କରିପାରିବେ।
- ଭାରତ ପାଇଁ ଏକ ବଡ଼ କୂଟନୈତିକ ବିଜୟ ସ୍ୱରୂପ, ବରିଷ୍ଠ ଅଫିସର ବିବେକ ଅଗ୍ରୱାଲ ଆନ୍ତର୍ଜାତୀୟ ସଂସ୍ଥା 'ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ'ର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।
- ସିଟିଜେନ୍ସ ଫୋର୍ ଜଷ୍ଟିସ୍ ଆଣ୍ଡ ପିସ୍ ସଂଗଠନ ପକ୍ଷରୁ ଦ୍ୱିତୀୟ ବଡ଼ ପ୍ରତିବାଦ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀର ଜନ୍ତର ମନ୍ତରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

# ଭାରତ ବିପକ୍ଷ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ ଘୋଷଣା




ନୂଆଦିଲ୍ଲୀ, ୨୦/୦୬ : ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ ଗୁରୁବାର (ଜୁନ ୧୮) ଭାରତୀୟ ମହିଳା ଦଳ ବିପକ୍ଷରେ ଐତିହାସିକ ଏକମାତ୍ର ଟେଷ୍ଟ ପାଇଁ ୧୫ ଜଣିଆ ଦଳ ଘୋଷଣା କରିଛି। ଏହି ମ୍ୟାଚ ୧୦ ଜୁଲାଇରୁ ଲଣ୍ଡନର ଲର୍ଡସରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ନାଟ ସାଇଭର-ବ୍ରଣ୍ଟଙ୍କୁ ଇଂଲଣ୍ଡ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି, ଯାହା ଏହି ଫର୍ମାଟରେ ପ୍ରଥମ ଥର ପାଇଁ ଦଳର ନେତୃତ୍ୱ ନେବ। ଏହା ଇଂଲଣ୍ଡ ମହିଳା ଦଳର ଲର୍ଡସରେ ପ୍ରଥମ ଟେଷ୍ଟ ମ୍ୟାଚ ହେବ। ଆଲିସ କ୍ୟାପସେ, ଟିଲି କର୍ଟିନ-କୋଲମ୍ୟାନ ଏବଂ ମ୍ୟାଡି ଭିଲିୟର୍ସ – ଯେଉଁମାନେ ପୂର୍ବରୁ ସୀମିତ ଓଭର ଫର୍ମାଟରେ ଖେଳିଛନ୍ତି – ଇଂଲଣ୍ଡ ପାଇଁ ସେମାନଙ୍କର ଟେଷ୍ଟ ଡେବ୍ୟୁ କରିପାରିବେ, ଯେତେବେଳେ ଗ୍ରେସ ପଟ୍ସ ଏବଂ ଏଲି ଥ୍ରେଲକେଲ୍‌ଡ ଏପର୍ଯ୍ୟନ୍ତ ସେମାନଙ୍କ ଦେଶ ପାଇଁ କୌଣସି ମ୍ୟାଚ ଖେଳି ନାହାଁନ୍ତି। ଫଳସ୍ୱରୂପ, ଏହି ମ୍ୟାଚରେ ପ୍ରାୟ ପାଞ୍ଚ ଜଣ ଖେଳାଳି ଡେବ୍ୟୁ କରିପାରିବେ। ଉଲ୍ଲେଖଯୋଗ୍ୟ, ଟି୨୦ ବିଶ୍ୱକପ ସମୟରେ ଗୋଡ଼ର ଆଘାତର ପୁନରାବୃତ୍ତି ସତ୍ତ୍ୱେ ସାଇଭର-ବ୍ରଣ୍ଟଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଛି; ସେ ତାଙ୍କର ୧୩ତମ ଟେଷ୍ଟ ମ୍ୟାଚ ଖେଳିବାକୁ ଯାଉଛନ୍ତି। ହିଥର ନାଇଟ ଦଳର ସବୁଠାରୁ ଅଭିଜ୍ଞ ଟେଷ୍ଟ ଖେଳାଳି, ଏହି ଫର୍ମାଟରେ ତାଙ୍କର ୧୫ତମ ମ୍ୟାଚ ଖେଳିବାକୁ ପ୍ରସ୍ତୁତ ହେଉଛନ୍ତି। ଇଂଲଣ୍ଡ ମହିଳା କ୍ରିକେଟର ପରିଚାଳନା ନିର୍ଦ୍ଦେଶକ କ୍ଲେୟାର କନର ବିଶ୍ୱାସ କରନ୍ତି ଯେ ଏହା ଦେଶରେ ମହିଳା କ୍ରିକେଟ ପାଇଁ ଏକ ରୋମାଞ୍ଚକର ସମୟ ଏବଂ ଇତିହାସ ରଚିବାକୁ ଯାଉଛି। କନର କହିଛନ୍ତି, 'ଆମେ ନାଟ ସାଇଭର-ବ୍ରଣ୍ଟଙ୍କ ଅଧିନାୟକତ୍ୱରେ ଏକ ଶକ୍ତିଶାଳୀ ଟେଷ୍ଟ ଦଳ ଚୟନ କରିଛୁ ଯାହା ଲର୍ଡସରେ ମହିଳା କ୍ରିକେଟ ପାଇଁ ଅଧିକ ଐତିହାସିକ ଦିନର ସାକ୍ଷୀ ହେବ। ଟେଷ୍ଟ କ୍ରିକେଟ ମହିଳା ଖେଳରେ ଏକ ବିରଳ ଏବଂ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଅଭିଜ୍ଞତା, ଏବଂ ମୁଁ ଜାଣେ ଯେ ଏହି ଫର୍ମାଟରେ ଇଂଲଣ୍ଡକୁ ପ୍ରତିନିଧିତ୍ୱ କରିବାକୁ ଆମର ଖେଳାଳିମାନେ କେତେ ଗର୍ବିତ।' ନାଟ ସାଇଭର-ବ୍ରଣ୍ଟ (ଅଧିନାୟିକା), ଟାମି ବିଉମୋଣ୍ଟ, ଲରେନ ବେଲ, ମାଇୟା ବୋଚିଅର୍, ଆଲିସ କ୍ୟାପସେ, ଟିଲି କର୍ଟିନ-କୋଲମ୍ୟାନ, ସୋଫି ଏକ୍କେଷ୍ଟୋନ, ଲରେନ ଫାଇଲର୍, ଏମି ଜୋନ୍ସ, ହିଥର ନାଇଟ, ଏମା ଲାମ୍ବ, ଗ୍ରେସ ପଟ୍ସ, ଏଲି ଥ୍ରେଲକେଲ୍‌ଡ, ମାଡି ଭିଲିଅର୍ସ, ଇସି ୱଙ୍ଗ।

# ୩୬ ବର୍ଷ ପରେ ବିଶ୍ୱକପରେ ମ୍ୟାଚ ଜିତିଲା ଅଷ୍ଟ୍ରିଆ



ସାନ୍‌ଫ୍ରାନ୍‌ସିସ୍ କୋ, ୨୦/୦୬ : ଅଷ୍ଟ୍ରିଆ ଦୀର୍ଘ ୩୬ ବର୍ଷ ପରେ ଫୁଟବଲ ବିଶ୍ୱକପରେ ବିଜୟ ସ୍ୱାଦ ପାଇଛି। ଚଳିତ ଫିଫା ଫୁଟବଲ ବିଶ୍ୱକପର ବୁଧବାର ଖେଳାଯାଇଥିବା ଗ୍ରୁପ୍ 'ସି'ର ଏକ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ୧-୦ରେ ହାଇତିକୁ ପରାସ୍ତ କରିଛି। ଏହା ସହିତ ଫିଫା ବିଶ୍ୱକପ୍‌ରେ ସ୍କଟ୍‌ଲାଣ୍ଡ ପାଇଁ ଦୀର୍ଘ ୩୬ ବର୍ଷର ଅପେକ୍ଷାର ଅନ୍ତ ଘଟିଛି। ଶେଷ ଥର ପାଇଁ ସ୍କଟ୍‌ଲାଣ୍ଡ ୧୯୯୦ରେ ସ୍ୱିଡେନ୍‌କୁ ହରାଇଥିଲା। ଏପରିକି ୨୮ ବର୍ଷ ପରେ ପ୍ରଥମ ଥର ପାଇଁ ବିଶ୍ୱକପ୍‌ରେ ଗୋଲ୍ ଦେବାରେ ସକ୍ଷମ ହୋଇଛି ସ୍କଟ୍‌ଲାଣ୍ଡ । ମ୍ୟାଚ୍‌ର ୨୮ ତମ ମିନିଟ୍‌ରେ ଜନ୍ ମାକ୍‌ଜିନ୍ ସ୍କଟ୍‌ଲାଣ୍ଡ ପକ୍ଷରୁ ଏକମାତ୍ର ଗୋଲ୍ କରିଥିଲେ। ୨୮ ତମ ମିନିଟ୍‌ରେ ସ୍କଟ୍?ଲାଣ୍ଡର ଚେ ଆଡାମ୍ସଙ୍କ ଏକ ଉଦ୍ୟମକୁ ପଣ୍ଡ କରିଦେଇଥିଲେ ବିପକ୍ଷ ଗୋଲ୍‌କିପର୍ ଜନି ପ୍ଲାସାଇଡ୍। କିନ୍ତୁ ବଲ୍‌ଟି ରିବାଉଣ୍ଡ ହୋଇ ଜନ୍ ମ୍ୟାକଗିନ୍‌ଙ୍କ ପାଖକୁ ଆସିଥିଲା। ମ୍ୟାକଗିନ୍ ସୁଯୋଗକୁ ହାତଛଡ଼ା କରିନଥିଲେ ଓ ସ୍କଟ୍‌ଲାଣ୍ଡ ପାଇଁ ବିଜୟ ସୂଚକ ଏକମାତ୍ର ଗୋଲ୍ କରିଥିଲେ। ତେବେ ୧୯୭୪ ପରେ ପୁଣି ବିଶ୍ୱକପ ଖେଳିବାର ସୁଯୋଗ ପାଇଥିବା ହାଇତି ଅପେକ୍ଷାକୃତ ଦୁର୍ବଳ ଦଳ ହେଲେ ବି ସ୍କଟ୍?ଲାଣ୍ଡ ଆଉ ଅଧିକ ଗୋଲ୍? କରିପାରିନଥିଲା। ୩୮ ତମ ମିନିଟ୍‌ରେ ହାଇତିର ରୁବେନ ପ୍ରୋଭିଡେନ୍ସଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି ହୋଇଥିଲେ ବି ତାହାକୁ ପଣ୍ଡ କରିଦେଇଥିଲେ ଆରନ୍ ହିକ୍ସ। ଶେଷ ବେଳକୁ ହାଇତି ପକ୍ଷରୁ କିଛିଟା ଆକ୍ରମଣ କରାଯାଇଥିଲେ ବି ତାହା ଗୋଲ୍‌ରେ ପରିବର୍ତ୍ତନ ହୋଇପାରିନଥିଲା। ଗ୍ରୁପ୍ 'ସି'ର ଦୁଇ ଶକ୍ତିଶାଳୀ ଦଳ ବ୍ରାଜିଲ ଓ ମରକ୍କୋ ମଧ୍ୟରେ ମ୍ୟାଚ୍ ଡ୍ର ରହିଥିବାରୁ ସ୍କଟ୍‌ଲାଣ୍ଡ ଗୋଟିଏ ବିଜୟ ସହ ଶୀର୍ଷକୁ ଚାଲିଯାଇଛି।

## ଫିଫା ବିଶ୍ୱକପ୍‌ରେ ଛାତିଥରା ଦୃଶ୍ୟ, ଖତରନାକ ଟ୍ୟାକେଲରେ ଭାଙ୍ଗିଲା ଗୋଡ ମିଳିଲା ରେଡ୍ କାର୍ଡ

ମୁମ୍ବାଇ, ୨୦/୦୬ : କାନାଡା ଚଳିତ ଫିଫା ବିଶ୍ୱକପ୍ ୨୦୨୬ ରେ ନିଜର ପ୍ରଥମ ବିଜୟ ହାସଲ କରିଛି। ଭାଙ୍କୋଭର ଠାରେ ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ କାନାଡା ୯ ଜଣିଆ କାତାର ଦଳକୁ ୬-୦ ଗୋଲରେ ପରାସ୍ତ କରିଛି। କିନ୍ତୁ ଏହି ବିଜୟ ଦଳ ପାଇଁ ଅତ୍ୟନ୍ତ ଦୁଃଖଦାୟକ ସାବ୍ୟସ୍ତ ହୋଇଛି, କାରଣ କାନାଡାର ଷ୍ଟାର୍ ଖେଳାଳି ଇସମାଇଲ୍ କୋନେ ଏକ ଭୟଙ୍କର ଆଘାତର ଶିକାର ହୋଇଛନ୍ତି।



ମ୍ୟାଚର ୨ୟ ହାଫରେ କାତାରର ଖେଳାଳି ଆସିମ୍ ମାଡିବୋ ଏକ ବିପଜ୍ଜନକ ଟ୍ୟାକେଲ୍ କରିଥିଲେ, ଯାହା ଫଳରେ କୋନେଙ୍କ ଗୋଡ଼ର ଶକ୍ତ ଆଘାତ ଲାଗିଥିଲା ଏବଂ ସେ ତଳେ ପଡ଼ିଯାଇଥିଲେ। ପରିସ୍ଥିତି ଏତେ ଗମ୍ଭୀର ଥିଲା ଯେ ସାଥୀ ଖେଳାଳିମାନେ ତୁରନ୍ତ ମେଡିକାଲ୍ ଟିମ୍‌କୁ ସାହାଯ୍ୟ ପାଇଁ ଡାକିଥିଲେ। କୋନେଙ୍କୁ ଷ୍ଟ୍ରେଚରର୍ରେ ପଡ଼ିଆ ବାହାରକୁ ନିଆଯାଇଥିଲା। ଭିଏଆର ଯାଞ୍ଚ ପରେ ମାଡିବୋଙ୍କୁ ତୁରନ୍ତ ରେଡ୍ କାର୍ଡ ଦିଆଯାଇ ପଡ଼ିଆରୁ ବାହାର କରିଦିଆଯାଇଥିଲା। ଏହା କାତାର ଦଳର ଦ୍ୱିତୀୟ ରେଡ୍ କାର୍ଡ ଥିଲା, ଯାହା ଫଳରେ ମ୍ୟାଚର ବାକି ସମୟ କାତାରକୁ କେବଳ ୯ ଜଣ ଖେଳାଳିଙ୍କ ସହ ଖେଳିବାକୁ ପଡ଼ିଥିଲା। କାନାଡାର କୋଚ୍ ଜେସି ମାର୍ଶ ଘଟଣାକୁ ନେଇ ଅତ୍ୟନ୍ତ ଭାବପ୍ରବଣ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି: ସେ କହିଛନ୍ତି ଯେ କୋନେ ବର୍ତ୍ତମାନ ହସ୍ପିଟାଲରେ ଅଛନ୍ତି ଏବଂ ତାଙ୍କର ଅସ୍ତ୍ରୋପଚାର ପ୍ରସ୍ତୁତି ଚାଲିଛି। ତାଙ୍କ ମା' ଏବଂ ପରିବାର ବର୍ଗ ମଧ୍ୟ ହସ୍ପିଟାଲରେ ପହଞ୍ଚି ସାରିଛନ୍ତି। ଆଘାତର ଭୟାବହତା ବର୍ଣ୍ଣନା କରି କୋଚ୍ କହିଛନ୍ତି, 'ଏହି ଘଟଣା ଠିକ୍ ବେଞ୍ଚ୍ ସାମ୍ନାରେ ଘଟିଥିଲା ଏବଂ ଆମେ ସମସ୍ତେ ସେହି ଶବ୍ଦ ଶୁଣିପାରୁଥିଲୁ। ମୁଁ ସଙ୍ଗେ ସଙ୍ଗେ ଜାଣିଗଲି ଯେ ଏହା ୨୦୨୪ ରେ ଟ୍ରେନିଂ ସମୟରେ ତାଜୋନ୍ ବୁକାନନ୍‌ଙ୍କ ଆଘାତ ଭଳି ଭୟଙ୍କର ଅଟେ।' ଗ୍ରୁପ୍ ପର୍ଯ୍ୟାୟର ଦୁଇଟି ମ୍ୟାଚ୍ ଖେଳି କାନାଡା ନିଜର ସ୍ଥିତି ମଜବୁତ କରିଛି। ପ୍ରଥମ ମ୍ୟାଚରେ ଦଳ ବୋସନିଆ ବିପକ୍ଷରେ ୧-୧ ରେ ଡ୍ର ରଖିଥିଲା। କାତାର ବିପକ୍ଷ ବିଜୟ ସହ କାନାଡା ବର୍ତ୍ତମାନ ୪ ପଏଣ୍ଟ ପାଇ 'ଗ୍ରୁପ୍-ବି' ର ଶୀର୍ଷରେ ଅଛି। ସମାନ ପଏଣ୍ଟ ସହ ସୁଇଜରଲ୍ୟାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି, କାରଣ ସେମାନଙ୍କ ଗୋଲ୍ ସଂଖ୍ୟା କାନାଡା ଠାରୁ କମ୍ ରହିଛି। କାନାଡା ନିଜ ଗ୍ରୁପ୍ର ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ଜୁନ୍ ୨୪ ତାରିଖରେ ଭାଙ୍କୋଭରର ବିସି ପ୍ଲେସ୍ ଷ୍ଟାଡିୟମରେ ସୁଇଜରଲ୍ୟାଣ୍ଡ ବିପକ୍ଷରେ ଖେଳିବ।

# ଏଥର ୩ ଇଡିଅଟ୍ସ ନା ୪ ଇଡିୟଟ୍ସ ହେବ

ମୁମ୍ବାଇ, ୨୦/୦୬: ବହୁ ପ୍ରତିକ୍ଷିତ ହିନ୍ଦୀ ଚଳଚ୍ଚିତ୍ର '୩ ଇଡିଅଟ୍ସ' (୩ ଓୟସକ୍ସସ୍ୱ)ର ସିକ୍ୱେଲକୁ ନେଇ ଚାଲିଥିବା ଚର୍ଚ୍ଚା ଉପରୁ ପରଦା ହଟାଇଛନ୍ତି ନିର୍ଦ୍ଦେଶକ ରାଜକୁମାର ହିରାନୀ। ଫିଲ୍ମର ଦ୍ୱିତୀୟ ଭାଗ ନିର୍ମାଣ ହେବା ନେଇ ସେ ସ୍ପଷ୍ଟ କରିବା ସହ ଏହାର ସ୍କ୍ରିପ୍ଟ କାମ ଚାଲୁ ରହିଥିବା ସୂଚନା ଦେଇଛନ୍ତି। ଏହାସହ ଚଳଚ୍ଚିତ୍ରର କାଷ୍ଟ (ଉବସ୍ୱସ୍ୱ)ରେ କୌଣସି ନୂଆ କଳାକାର ସାମିଲ ହେବା ଗୁଜବକୁ ସେ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ନିକଟରେ ଅଭିନେତା ଆମିର ଖାନ '୩ ଇଡିଅଟ୍ସ' ସିକ୍ୱେଲର ପ୍ରସ୍ତୁତି ବିଷୟରେ ସୂଚନା ଦେବା ପରେ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ଏପରିକି ଆମିର ଖାନ, ଆର ମାଧବନ ଓ ଶର୍ମନ ଜୋଶୀଙ୍କ ସହ 'ଚତୁର୍ଥ ଇଡିଅଟ୍ସ' ଭାବେ ଅଭିନେତା ଭିକି କୌଶଲ ଏହି ଫିଲ୍ମରେ ଏଣ୍ଟ୍ରି କରିପାରନ୍ତି ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲା। ହେଲେ ନିର୍ଦ୍ଦେଶକ ହିରାନୀ ଏହି ସବୁ ଚର୍ଚ୍ଚା ଉପରେ ବିରାମ ଲଗାଇଛନ୍ତି । 'ଇଣ୍ଡିଆ ଟୁଡେ' ସହ ଆଲୋଚନା ବେଳେ ରାଜକୁମାର ହିରାନୀ କହିଛନ୍ତି 'ଆମିର ଫିଲ୍ମର ପ୍ରଥମ ଏକ ଡ୍ରାଫ୍ଟ ପଢ଼ିଥିଲେ, ଯେଉଁଥିରେ ଫିଲ୍ମ ମୋଟାମୋଟି ଆଇଡିଆ ଥିଲା।

# ହରଭଜନଙ୍କୁ ଶ୍ରୀସନ୍ତଙ୍କ ଖୋଲା ଚ୍ୟାଲେଞ୍ଜ କହିଲେ, 'ସାହସ ଅଛି ତ ରିଙ୍ଗ୍‌କୁ ଆସ'




ମୁମ୍ବାଇ, ୨୦/୦୬ : ଭାରତୀୟ କ୍ରିକେଟ୍ ଇତିହାସର ସବୁଠାରୁ ଚର୍ଚ୍ଚିତ ତଥା ବିବାଦୀୟ ଅଧ୍ୟାୟ 'ସ୍ଲାପ୍‌ଗେଟ୍' ପ୍ରାୟ ଦୁଇ ଦଶନ୍ଧି ପରେ ପୁଣି ଥରେ ସାମ୍ନାକୁ ଆସିଛି। ପୂର୍ବତନ ଭାରତୀୟ ଦ୍ରୁତ ବୋଲର ଏସ୍. ଶ୍ରୀସନ୍ତ ନିଜର ପୂର୍ବତନ ସାଥୀ ଖେଳାଳି ତଥା ବରିଷ୍ଠ ସ୍ପିନର ହରଭଜନ ସିଂଙ୍କୁ ଏକ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । ଏହି ଚ୍ୟାଲେଞ୍ଜ କୌଣସି କ୍ରିକେଟ୍ ପଡ଼ିଆ ପାଇଁ ନୁହେଁ, ବରଂ ବକ୍ସିଂ ରିଙ୍ଗରେ ମୁହାଁମୁହିଁ ଲଢ଼ିବା ପାଇଁ । ଶ୍ରୀସନ୍ତଙ୍କ ଏହି ବିସ୍ଫୋରକ ବୟାନ ପରେ କ୍ରିକେଟ୍ ଜଗତରେ ପୁଣି ଥରେ ହଇଚଇ ସୃଷ୍ଟି ହୋଇଛି।

ଶ୍ରୀସନ୍ତଙ୍କ ଏହି କ୍ରୋଧ ପଛରେ ରହିଛି ଏକ ନିକଟତର ବିଜ୍ଞାପନ । ତାଙ୍କ ଅଭିଯୋଗ ଅନୁଯାୟୀ, ଏହି ବିଜ୍ଞାପନରେ ୨୦୦୮ର ସେହି ଦୁଃଖଦାୟକ 'ଚାପୁଡ଼ା ମାରିବା' ଘଟଣାକୁ ହାଲୁକା ଭାବେ ଉପସ୍ଥାପନ କରାଯାଇଛି । ଶ୍ରୀସନ୍ତ କହିଛନ୍ତି ଯେ, ତାଙ୍କ କ୍ୟାରିୟରର ଏକ କଷ୍ଟଦାୟକ ସ୍ମୃତିକୁ ବ୍ୟବସାୟିକ ଫାଇଦା ପାଇଁ ବ୍ୟବହାର କରାଯାଉଛି। ଏକ ସାକ୍ଷାତକାରରେ ସେ କହିଛନ୍ତି, 'ହରଭଜନ ସିଂ ଏବେ ବି ସେହି ଘଟଣାରୁ ଆର୍ଥିକ ଲାଭ ଉଠାଉଛନ୍ତି, ଯାହା ମୋ ପାଇଁ ଅସହ୍ୟ।'

ଏକ ଇଣ୍ଟରଭ୍ୟୁରେ ଶ୍ରୀସନ୍ତ ବେଶ୍ ଆକ୍ରମଣାତ୍ମକ ମୁଦ୍ରାରେ ନଜର ଆସିଥିଲେ। ସେ ହରଭଜନଙ୍କୁ ସିଧାସଳଖ ସମ୍ବୋଧିତ କରି କହିଥିଲେ ଯେ, ଯଦି ତାଙ୍କର ପ୍ରକୃତରେ ସାହସ ଅଛି, ତେବେ ସେ ଅଭିନୟ ଛାଡ଼ି ଅସଲ ମୁକାବିଲା କରନ୍ତୁ। ଶ୍ରୀସନ୍ତ ବର୍ତ୍ତମାନ 'ବେୟର ନକଲ୍ ଫାଇଟ୍ ଲିଗ୍' ସହ ଜଡ଼ିତ ଅଛନ୍ତି। ସେ କହିଛନ୍ତି, 'ଆମେ ବିଜ୍ଞାପନରେ ବକ୍ସିଂ ଗ୍ଲୋଭସ୍ ପିନ୍ଧି ଫଟୋ ଉଠାଇବା ଅପେକ୍ଷା ରିଙ୍ଗ ଭିତରେ ମୁହାଁମୁହିଁ ହେବା ଉଚିତ୍। ଯଦି ଆତ୍ମସମ୍ମାନ ଅଛି, ତେବେ ଆସନ୍ତୁ ଏହି ବିବାଦର ଚୂଡ଼ାନ୍ତ ସମାଧାନ ରିଙ୍ଗରେ ହିଁ କରିବା।'

ଏହି ବିବାଦର ମୂଳ ରହିଛି ଆଇପିଏଲ୍‌ର ପ୍ରଥମ ସିଜିନ୍‌ରେ। ୨୦୦୮ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ କିଙ୍ଗସ୍ ଏଲେଭେନ୍ ପଞ୍ଜାବ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ୍ ପରେ ହରଭଜନ ସିଂ ପଡ଼ିଆ ମଧ୍ୟରେ ଶ୍ରୀସନ୍ତଙ୍କୁ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଶ୍ରୀସନ୍ତଙ୍କ କାନ୍ଦୁଥିବା ଚିତ୍ର ସାରା ଦେଶକୁ ଚକିତ କରିଦେଇଥିଲା। ଏହି ଘଟଣା ଯୋଗୁଁ ହରଭଜନଙ୍କୁ ପୂରା ସିଜିନ୍‌ରୁ ବ୍ୟାନ୍ କରାଯାଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି, ଗତ କିଛି ବର୍ଷ ଧରି ଉଭୟ ଖେଳାଳିଙ୍କୁ ଅନେକ ଟିଭି ଶୋ' ଏବଂ କ୍ରିକେଟ୍ କମେଣ୍ଟ୍ରି ବକ୍ସରେ ଏକାଠି ଦେଖିବାକୁ ମିଳିଥିଲା। ହରଭଜନ ମଧ୍ୟ ଅନେକ ଥର ନିଜ ଭୁଲ ପାଇଁ ଅନୁତାପ କରିଥିଲେ। କିନ୍ତୁ ଶ୍ରୀସନ୍ତଙ୍କ ନୂଆ ବୟାନରୁ ଜଣାପଡୁଛି ଯେ ତାଙ୍କ ମନରୁ ସେହି କ୍ଷତ ଏବେ ବି ଯାଇନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ ସେ ହରଭଜନଙ୍କୁ ସୋସିଆଲ ମିଡିଆରେ ବ୍ଲକ୍ କରିଦେଇଛନ୍ତି ଏବଂ ଏହି ସମ୍ପର୍କକୁ ସେ ଆଉ ଆଗକୁ ନେବାକୁ ଚାହାଁନ୍ତି ନାହିଁ।

ବର୍ତ୍ତମାନ ସୁଦ୍ଧା ହରଭଜନ ସିଂଙ୍କ ପକ୍ଷରୁ ଏହି ଚ୍ୟାଲେଞ୍ଜ ଉପରେ କୌଣସି ପ୍ରତିକ୍ରିୟା ଆସିନାହିଁ। କିନ୍ତୁ ଶ୍ରୀସନ୍ତଙ୍କ ଏହି ଆବେଗପୂର୍ଣ୍ଣ ଆହ୍ୱାନ କ୍ରିକେଟ୍ ଦୁନିଆରେ ଏକ ନୂଆ ବିତର୍କକୁ ଜନ୍ମ ଦେଇଛି। କ'ଣ ପୁରୁଣା ଶତ୍ରୁତା ପାଇଁ ଦୁଇ ଭାରତୀୟ ତାରକା ସତରେ ରିଙ୍ଗରେ ଲଢ଼ିବେ, ନା ଏହା କେବଳ ଏକ ମାନସିକ ଅସନ୍ତୋଷର ପରିପ୍ରକାଶ, ତାହା ଦେଖିବାକୁ ବାକି ରହିଲା।

## ମହିଳା ଟି-୨୦ ବିଶ୍ୱକପରୁ ଶ୍ରେୟାଙ୍କା ପାଟିଲ ଆଉଟ୍

ମୁମ୍ବାଇ, ୨୦/୦୬ : ମହିଳା ଟି-୨୦ ବିଶ୍ୱକପରେ ୨ଟି ମ୍ୟାଚ୍ ଖେଳି ୨ଟିରେ ଜିତିଥିବା ଭାରତୀୟ ଟିମକୁ ଲାଗିଛି ବଡ଼ ଝଟକା। ଦଳର ଯୁବ ତଥା ଷ୍ଟାର ଲେଗ ସ୍ପିନର ଶ୍ରେୟାଙ୍କା ପାଟିଲ ଆହତ ଜନିତ ସମସ୍ୟା କାରଣରୁ ଟି-୨୦ ବିଶ୍ୱକପରୁ ବାଦ ପଡ଼ିଛନ୍ତି। ବୁଧବାର ନେଦରଲ୍ୟାଣ୍ଡ ବିପକ୍ଷ ହେଡିଙ୍ଗଲୀ ମ୍ୟାଚ୍‌ରେ ଶ୍ରେୟାଙ୍କା ଆଙ୍କେଲ ଜନିତ ଆହତ ସମସ୍ୟାରେ ପଡ଼ିଥିଲେ। ଏହା ଅତ୍ୟନ୍ତ ଗୁରୁତ୍ତର ଥିବାରୁ ସେ ୨୦୨୬ ମହିଳା ଟି-୨୦ ବିଶ୍ୱକପରୁ ସଂପୂର୍ଣ୍ଣ ବାଦ ପଡ଼ିଛନ୍ତି। ୨୩ ବର୍ଷୀୟ ଶ୍ରେୟାଙ୍କା ବୁଧବାର ମ୍ୟାଚରେ ପାୱାର ପ୍ଲେର ଶେଷ ଓଭର ବୋଲିଂ କରୁଥିଲେ। ଏହି ସମୟରେ ବଲକୁ ଅଟକାଇବା ବେଳେ ତାଙ୍କ ଆଙ୍କେଲ ମୋଡ଼ି ହୋଇ ଯାଇଥିଲା। ଶ୍ରେୟାଙ୍କା ଯନ୍ତ୍ରଣାରେ ଛଟପଟ ହେବା ସହ ଷ୍ଟ୍ରେଚର ଜରିଆରେ ମ୍ୟାଚ୍ ଅଧାରୁ ପଡ଼ିଆ ଛାଡ଼ିଥିଲେ। ଏହାପରେ ତାଙ୍କର ସ୍କାନ ଓ ଅନ୍ୟାନ୍ୟ ଟେଷ୍ଟ ହୋଇଥିଲା। ସମସ୍ୟା ଜଟିଳ ଥିବାରୁ ସେ ବିଶ୍ୱକପରେ ଆଉ ନଜର ଆସିବେ ନାହିଁ। ଆହତ ସମସ୍ୟା କାରଣରୁ ଶ୍ରେୟାଙ୍କା ବାଦ ପଡ଼ିଥିବାରୁ ତାଙ୍କ ସ୍ଥାନରେ ୨୪ ବର୍ଷୀୟ ଅନକ୍ୟାପଡ ପ୍ରେମା ରାୱତଙ୍କୁ ସାମିଲ କରାଯାଇଛି। ସେ ଏବେ ଇଂଲଣ୍ଡରେ ବିଶ୍ୱକପ ଖେଳୁଥିବା ଭାରତୀୟ ମହିଳା ଟିମରେ ସାମିଲ ହେବେ। ମହିଳା ପ୍ରିମିୟର ଲିଗରେ ରାୱତ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ୨ଟି ସଂସ୍କରଣରେ କେବଳ ୬ଟି ମ୍ୟାଚ୍ ଖେଳି ୩ଟି ୱିକେଟ ନେଇଛନ୍ତି। ଉତ୍ତରାଖଣ୍ଡ ପାଇଁ ଘରୋଇ କ୍ରିକେଟ ଖେଳୁଥିବା ଏହି ଲେଗ ସ୍ପିନର ଜଣଙ୍କ ଭାରତୀୟ ଏ ଟିମରେ ମଧ୍ୟ ରହିଥିଲେ।

## କଥା ସ୍ୱାଭିମାନର ବିଚାର ଆପଣଙ୍କର..



ଶାରଦା ପ୍ରସନ୍ନ ସ୍ୱାଇଁ

# ନୀତି - ନେତା - ନୈତିକତା

ଆଜି କାଲି ନେତା ମାନଙ୍କର ଚରିତ୍ର, ଚାଲିଚଳନ, ଆଚାର ବ୍ୟବହାର, ପ୍ରତିବଦ୍ଧତା, ସତ୍ୟତା, ଉତ୍ସର୍ଗି ମନୋଭାବ , ସ୍ୱଭାବ, ଉଚ୍ଚାରଣ ଓ ଆଚରଣରେ ବିରାଟ ପରିବର୍ତ୍ତନ ଦେଖାଯାଉଛି । କ୍ଷମତା ପାଇଁ ଏଭଳି ନିଖୁଣ ଅଭିନୟ କରି ସାଙ୍ଗେ ସାଙ୍ଗେ ପାଦ ଚାଟିବା ଓ କାମ ସରିଲେ ଚୁଟି ଧରିବା ଭଳି କାର୍ଯ୍ୟ ମଧ୍ୟ କରୁଛନ୍ତି । ଏଭଳି କଦର୍ଯ୍ୟ କାର୍ଯ୍ୟ ପାଇଁ ଆଜିକା ଦିନରେ ଜନ ସାଧାରଣଙ୍କ ବିଶ୍ୱାସ ନେତା ମାନଙ୍କ ଉପରେ ଜମା ଟିକେବି ନାହିଁ । ନେତାଙ୍କ ନୀତି ଓ ନୈତିକତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗଣତନ୍ତ୍ର ଉପରୁ ମଧ୍ୟ ଭରଷା ଉଠି ଗଲାଣି । ନେତା ଚରିତ୍ର ଯେମିତି ପରିବର୍ତ୍ତନ ହେଉଛି ସେମିତି ଲୋକ ଚରିତ୍ର ମଧ୍ୟ ପରିବର୍ତ୍ତନ ହେଇ ଯାଇଛି । ଲୋକ ମାନେ ଭୋଟ ଖଣ୍ଡକ ପାଇଁ ନିଜ ମାନ୍ ସମ୍ମାନକୁ ପାଦରେ ଦଳି ଚକଟି ନଷ୍ଟ କରି ଦେଉଛନ୍ତି । ଭୋଟ ପାଇଁ ଟଙ୍କା, ମଦ ଓ ମାଂସ ନେଇ ନିଜର ମୌଳିକ କର୍ତ୍ତବ୍ୟକୁ ବଜାରରେ ଅଳ୍ପ କିଛି ଟଙ୍କାରେ ନିଲାମ କରି ଦେଉଛନ୍ତି । ଅନେକ ନେତା ବିଗତ ଦିନରେ ଯେମିତିକି, କଂଗେସର ଯୋତିରାଦ୍ଦିତ୍ୟ ସିନ୍ଧ୍ୟା, ହେମନ୍ତ ବିଶ୍ୱ ଶର୍ମା, କ୍ୟାପଟେନ୍ ଅମରେନ୍ଦ୍ର ସିଂହ, ଅଶୋକ ଚୌହାନ, ସୁନିଲ ଝାକର, ହାର୍ଦ୍ଦିକ ପଟେଲ, ନ୍ କିରନ ରେଡ୍ଡୀ, ଅନୀଲ କେ ଆଣ୍ଟୋନୀ, ଗୌରବ ବଲ୍ଲହବ, ଯାଭିର ଶର୍ଗିଲ । ଆମ୍ ଆଦମି ପାର୍ଟିର ରାଘବ ଚଢା, ସ୍ୱାତୀ ମାଲେୱାଲ୍ । ଟିଏମସିର ଶୁଭେନ୍ଦୁ ଅଧିକାରୀ, ଅରୁଣ ସିଂହ । ଶିବସେନାର ନାରାୟଣ ରାନେ । ବିଜେଡ଼ିର ଦେବାଶିଷ ସାମନ୍ତରାୟ, ମମତା ମହନ୍ତ, ଅମର ପଟନାୟକ, ରବୀନ୍ଦ୍ର ଜେନା, ପ୍ରଦୀପ ପାଣିଗ୍ରାହୀ, ସୁଜିତ୍ କୁମାର, ଭର୍ତ୍ତୃହରି ମହତାବ, ସିଦ୍ଧାନ୍ତ ମହାପାତ୍ର । ଜୀବନ ସାରା ବିଜେପି ସରକାର ବିରୁଦ୍ଧରେ ଲଢ଼େଇ କରି ଅନେକ କଟୁ ମନ୍ତବ୍ୟ ଦେଇ ଅନେକ ନାମୀ ଦାମୀ ଦିଗବିଜୟୀ ନେତା ବିଭିନ୍ନ ରାଜ୍ୟର ବିଭିନ୍ନ ଦଳରୁ ଯାଇ ଆଜି ପୁଣି ସେଇ ବିଜେପି ଦଳରେ ସାମିଲ ହୋଇ କିଏ ମୁଖ୍ୟମନ୍ତ୍ରୀ ତ କିଏ ରାଜ୍ୟ ବା କେନ୍ଦ୍ରରେ ମନ୍ତ୍ରୀ ବା ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏବେର କଥା ଯଦି ଦେଖିବା ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ଆସିବା ପରେ ଯେଉଁ ନେତା ମାନେ ବିଜେପିକୁ ଖୋଲା ମଇଦାନରେ ଗାଳି କରିବା ବିଭିନ୍ନ ଖରାପ କଥା କହି ଚୋର ଡକାୟତ କହି ସାତ ପୁରୁଷ ଉଜାଡ଼ି ଦେଉଥିଲେ କିନ୍ତୁ ହଠାତ୍ ଟିଏମସି ନେତା ମାନେ ଯେଉଁଭଳି ଭାବରେ ନିଜର ମତ ପରିବର୍ତ୍ତନ କରି ବିଜେପିରେ ସାମିଲ ହେବା ପାଇଁ ପ୍ରୟାସ ଜାରି ରଖିଛନ୍ତି ତାହା ଦେଖିଲେ ଧୀରେ ଧୀରେ ଗଣତନ୍ତ୍ର ଉପରୁ ଭରଷା ଉଠି ଯାଉଛି । ମୋର ଆଜିର ଯୁବ ସମାଜକୁ ଅନୁରୋଧ କି ଯଦି ରାଜନୀତିକୁ ଆସିବା ପାଇଁ ମନ କରିଛ ତାହାଲେ ରାଜନୀତି ହେଉଛି ଶ୍ରେଷ୍ଠ ନୀତି, ରାଜନୀତି ଏକ ଏପରି ମାଧ୍ୟମ ଯାହା ଦ୍ୱାରା ସତରେ ଯଦି କିଛି ଲୋକଙ୍କ ପାଇଁ ବା ସମାଜ ପାଇଁ କରିବାକୁ ଚାହୁଁଛନ୍ତି ତାହାଲେ ରାଜନୀତି ମାଧ୍ୟମରେ କରିପାରିବେ । କିନ୍ତୁ ନୀତି, ନୈତିକତା, ଆଦର୍ଶ ଓ ମୂଲ୍ୟବୋଧକୁ ବଜାୟ ରଖି କରିବାକୁ ପଡିବ ।

'ଜନ ଜାଗରଣ ଏକ ବୈପ୍ଲବିକ ପରିବର୍ତ୍ତନ ଆହ୍ୱାନ ବିପ୍ଲବ ଆଣିବା-ବିକଳ୍ପ ବାଛିବା-ବିକାଶ କରିବା'

ସାଧାରଣ ସଂପାଦକ
ଜନ ଜାଗରଣ

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/ 1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com
ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra